


ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ
ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-167 ◆SATURDAY ◆13 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୬୭ ◆ଶନିବାର ◆୧୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# ୨୭ ଜଣ ପ୍ରସିଦ୍ଧ ଲେଖକଙ୍କ
# ୫୩୭ଟି ନିର୍ବାଚିତ କାହାଣୀ

## ପାଠକଙ୍କ ବିପୁଳ ଆଗ୍ରହ କ୍ରମେ ରିହାତି ଯୋଜନା
## ୨୦ ଡିସେମ୍ବର ୨୦୨୫ ଯାଏଁ ସଂପ୍ରସାରିତ କରୁଛୁ

20
ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ




ଥରେ କିଣିବେ,
ବର୍ଷ ସାରା ପଢ଼ିବେ
୧୦,୦୦୦* ଟଙ୍କାର ୨୭ଟି
ପୁସ୍ତକ ଏକତ୍ର ଅଧା ମୂଲ୍ୟରେ
**୪,୯୯୯ ଟଙ୍କାରେ**
ଡାକ ଖର୍ଚ୍ଚ ଆମର, ତା ସାଙ୍ଗକୁ
ଗୋଟିଏ କପଡ଼ା ବ୍ୟାଗ୍ ଉପହାର

୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
୬ରୁ ୧୭ ଡିସେମ୍ବର, ୨୦୨୫
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ପୁସ୍ତକମେଳାରେ ମଧ୍ୟ ଉପଲବ୍ଧ
ପେନ୍ ଇନ୍ ବୁକ୍ସ
ଷ୍ଟଲ ନଂ ୨୬-୨୭-୨୮
(ଆରମ୍ଭରୁ ବାମ ପଟେ ୧୦ ନମ୍ବର ଷ୍ଟଲ)

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର - ୭୫୧୦୧୩

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହାଶଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନା ୨୦ ଡିସେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL01

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସଂଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୯,୪୩୭ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ, ପ୍ୟାକେଜିଂ ଓ ବ୍ୟାଗ୍‌ର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା ହେବ।

ଛତିଶା ନିଯୋଗ ବୈଠକ

# ପହିଲି ଭୋଗ, ମକର ସଂକ୍ରାନ୍ତି ନୀତିରେ ବାଜିଲା ମୋହର



ପୁରୀ, ୧୨।୧୨ (ସମିସ): ଆସନ୍ତା ୧୬ତାରିଖରେ ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ପ୍ରସ୍ତୁତ ନୀତିକାନ୍ତି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇ ମୋହର ବାଜିଛି।

ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାର ଫିଟାଯିବ। ଭିତର ଶୋଧ ପରେ ରାତି ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସାଢ଼େ ୬ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ସକାଳ ୭ଟା ୪୫ରୁ ସାଢ଼େ ୯ଟା ଭୋଗମଣ୍ଡପ, ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ମଧ୍ୟାହ୍ନଧୂପ (କେବଳ କୋଠଭୋଗ) ବାହାରିବ। ୧୧ଟା ୧୫ରୁ ଅପରାହ୍ଣ ସାଢ଼େ ୧ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡ ନୀତି ଶେଷ କରାଯିବ। ଏହିପରି ରାତି ୧୧ଟାରେ ରାତ୍ର ପହୁଡ଼ ନୀତି କରାଯିବା ଲାଗି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

**ରାତି ୨ରେ ଫିଟିବ ଦ୍ୱାର**

**ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ**

**ଡିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ପହୁଡ଼**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପହିଲି ଭୋଗ ବ୍ୟତୀତ ଜାନୁୟାରୀ ୧୩ ତାରିଖ ଦେବାଭିଷେକ ପୂର୍ଣ୍ଣିମା ନୀତିକାନ୍ତି ବିଷୟରେ ଆଲୋଚନା ହୋଇ ଅନୁମୋଦନ ଲାଭ କରିଛି। ଏହି ଦିନ ଠାକୁରଙ୍କର ସୁନାବେଶ ଅନୁଷ୍ଠିତ ହେବ। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଯେପରି ଭଲ ଭାବେ ହେବ, ସେନେଇ ସେବାୟତମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଏତଦ୍‌ବ୍ୟତୀତ ବୈଠକରେ ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ନୀତିକୁ ମଧ୍ୟ ଅନୁମୋଦନ କରାଯାଇଛି। ନୂଆବର୍ଷ ଅର୍ଥାତ୍ ଜାନୁୟାରୀ ୧ତାରିଖରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେଣୁ ନୀତିକାନ୍ତି ଏବଂ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଏହାର ପୂର୍ବଦିନ ଅର୍ଥାତ୍ ଡିସେମ୍ବର ୩୧ ରାତ୍ର ୧୧ଟା ସୁଦ୍ଧା ରାତି ପହୁଡ଼ କରାଯିବ। ସେବାୟତମାନେ ମଧ୍ୟ ସହଯୋଗ କରିବେ। ଖୁବ୍‌ଶୀଘ୍ର ଦ୍ୱାରଫିଟି ଠାକୁରଙ୍କ ନୀତିକାନ୍ତି ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତିଶା ନିଯୋଗ କର୍ମକର୍ତ୍ତା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚିଲତଇଳା ଆଶ୍ରମ ସ୍କୁଲର ୩ ଛାତ୍ର ନିଖୋଜ

ହିନ୍ଦୋଳ/ଖଜୁରିଆକଟା, ୧୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଳା ଆଶ୍ରମ ସ୍କୁଲ ଛାତ୍ରାବାସରୁ ବୁଧବାର ୩ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଭୁବନ ଥାନା କଂସରଗୋଡ଼ା ଗ୍ରାମର କାଳିଆ ମୁର୍ମୁଙ୍କ ୨ୟ ଶ୍ରେଣୀରେ ପଢୁଥିବା ପୁଅ ସ୍ୱାଧୀନ ମୁର୍ମୁ (୭), ଷଷ୍ଠ ଶ୍ରେଣୀରେ ପଢୁଥିବା କାଳିଆଙ୍କ ପୁତୁରା ଶିବ ମୁର୍ମୁ ଓ ବାପି ବେଶ୍ରା (୧୦)। ବୁଧବାର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ଖେଳପଡ଼ିଆରୁ ଏହି ପିଲାମାନେ କେଉଁଆଡ଼େ ଚାଲିଯାଇଛନ୍ତି। ଏହି ବିଦ୍ୟାଳୟରେ ୪୩୭ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୩୩୩ ଜଣ ହଷ୍ଟେଲରେ ରୁହନ୍ତି। ସବୁଦିନ ଭଳି ବୁଧବାର ପିଲାଙ୍କ ଉପସ୍ଥାନ ନେବା ବେଳେ ସ୍ୱାଧୀନ, ଶିବ ଓ ବାପି ନ ଥିବା ଶିକ୍ଷକମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି କଲାପରେ ସେମାନଙ୍କୁ ନ ପାଇବାରୁ ଗୁରୁବାର ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍ୱାଧୀନଙ୍କ ମାଆ ବିଜନ୍ତୀ ସୋରେନ ଏ ନେଇ ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୧୪ରେ କଟକ ଆସିବେ ସୁପ୍ରିମକୋର୍ଟ ପ୍ରଧାନବିଚାରପତି



କଟକ, ୧୨।୧୨(ସମିସ): ଆସନ୍ତା ୧୪ ତାରିଖ (ରବିବାର) ଦିନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କଟକ ଆସିବେ। ପ୍ରଧାନବିଚାରପତି ଭାବେ ଶପଥ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ସାଢ଼େ ୧୦ଟାରେ ସେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ କଟକ ସହିଦ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ର ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ ଏ ସଂପର୍କରେ ସୂଚନା ଦେଇଛନ୍ତି। 'ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି' ଶୀର୍ଷକ ବିଷୟବସ୍ତୁ ଉପରେ ଉଦ୍‌ବୋଧନ ଦେବେ ଜଷ୍ଟିସ ସୂର୍ଯ୍ୟକାନ୍ତ। ଏହି କାର୍ଯ୍ୟକ୍ରମ ଅବସରରେ ୫୦ ବର୍ଷରୁ ଅଧିକ ସମୟ ଧରି ଓକିଲାତିରେ ନିୟୋଜିତ ଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହି ସାମ୍ବାଦିକ ସମ୍ମିଳନୀରେ ବାର୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ସାଳନ୍ଦୀ ନଦୀ ପଠାକୁ ଜବରଦଖଲମୁକ୍ତ ପାଇଁ ସରକାରୀ ନିଷ୍କ୍ରିୟତା**

## ପଦକ୍ଷେପ ବାବଦରେ ସତ୍ୟପାଠ ଦିଅ: ହାଇକୋର୍ଟ

କଟକ,୧୨।୧୨(ସମିସ): ଭଦ୍ରକର ସାଳନ୍ଦୀ ନଦୀ ପଠାକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା କ୍ଷେତ୍ରରେ ସରକାରୀ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏପରିକି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗତ ୨୦୨୩, ନଭେମ୍ବର ୧୪ରେ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଦେଇଥିବା ପରାମର୍ଶ ଅନୁପାଳନ ହୋଇନଥିବାରୁ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ସହ ଏହି ରିପୋର୍ଟ ଅନୁସାରେ କଣ ପଦକ୍ଷେପ ନିଆଯାଇଛି ତାହାକୁ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଲକ୍ଷ୍ମଣ ମିଶ୍ର ଓ ଅନ୍ୟଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତଦନ୍ତ ରିପୋର୍ଟରେ ଦିଆଯାଇଥିବା ପରାମର୍ଶ ଅନୁସାରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ସହିତ ନଦୀ ସଂଲଗ୍ନ ଗାଁର ବାସିନ୍ଦାଙ୍କ ଧନଜୀବନ ସୁରକ୍ଷା ପ୍ରସଙ୍ଗକୁ ଧ୍ୟାନ ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି ୨୦୨୬, ଜାନୁଆରି ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ପ୍ରତିବର୍ଷ ସାଳନ୍ଦୀରେ ବନ୍ୟା ଆସୁଥିବାରୁ ନଦୀର ଗତିପଥ ବଦଳୁଛି। ଏଭଳି ସ୍ଥିତିର ଫାଇଦା ଉଠାଇ ନଦୀ ନିକଟ ଜମି ମାଲିକମାନେ ନଦୀପଠାକୁ ବେଆଇନ ଜବରଦଖଲ କରି ଘର ନିର୍ମାଣ କରିଥିଲେ। ଏଭଳି ଅଭିଯୋଗ ପରେ ଜଳସଂପଦ ବିଭାଗ ତରଫରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟରେ ନଦୀପଠା ଜବରଦଖଲ ସହ ବର୍ଜ୍ୟବସ୍ତୁ ପକାଯାଉଥିବା କଥା ଉଲ୍ଲେଖ କରାଯାଇଥିଲା। ନଦୀପଠାରୁ ଅନଧିକୃତ ଅବରୋଧ ହଟାଇବା, ମୃତ୍ତିକା କ୍ଷୟ ନିୟନ୍ତ୍ରଣ ପାଇଁ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପାଇଁ ବିକଳ୍ପ ବ୍ୟବସ୍ଥା, ବିଶୋଧନ ପରେ ଜଳ ନଦୀକୁ ଛାଡ଼ିବା, ବନ୍ୟା ପ୍ଲାବିତ ଜୋନ ଓ ନକ୍ସା କରିବା ସହିତ ଚେତାବନୀ ବ୍ୟବସ୍ଥା ପାଇଁ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଥିଲା। ଏହି ରିପୋର୍ଟ ଆଧାରରେ ପଦକ୍ଷେପ ଗ୍ରହଣ ପାଇଁ ଜଳସଂପଦ ବିଭାଗ କହିଥିଲେ ମଧ୍ୟ ସୁଫଳ ମିଳି ନଥିଲା ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି।


**କୁସୁମଡିହି ଜଙ୍ଗଲରେ ବାଘ ମୃତ୍ୟୁ**

## ବଳଦ ମୃତ ଦେହରେ ବିଷ ବୋଳି କଲରାପତରିଆକୁ ମାରିଦେଲେ

ରାଉରକେଲା/ବଣାଇଁ, ୧୨।୧୨(ସମିସ): ମଲା ବଳଦ ଦେହରେ ବିଷ ବୋଳି କଲରାପତରିଆ ବାଘକୁ ମାରିଦେଲେ। ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ କୁସୁମଡ଼ିହି ଖେସରା ଜଙ୍ଗଲରେ ଏପରି ଏକ ଘଟଣା ପଦାକୁ ଆସିବା ପରେ ବନ୍ୟଜନ୍ତୁପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଘଟଣାରେ ବନବିଭାଗ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁସୁମଡିହି ଗ୍ରାମର ବୃଦ୍ଧ ନୁଆସ ଖେସ (୬୧)ଙ୍କୁ ଗିରଫ କରିଛି।

ଗତ ନଭେମ୍ବର ୨୮ ତାରିଖରେ ନୁଆସଙ୍କ ୩ଟି ବଳଦ କୁସୁମଡିହି ଜଙ୍ଗଲକୁ ଚରିବାକୁ ଯାଇ ଆଉ ଫେରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଗୋରୁଗୁଡ଼ିକଙ୍କ ଅଧାଖିଆ ମୃତଦେହ କେନ୍ଦୁପତ୍ର ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏଥିରେ ନୁଆସ ରାଗି ଯାଇଥିଲେ। ସେ ଉକ୍ତ ଖଣ୍ଡବିଖଣ୍ଡିତ ଗୋରୁଙ୍କ ଶରୀରରେ ବିଷ ବୋଳି ଦେଇଥିଲେ। ଉକ୍ତ ବିଷବୋଳା ଗୋରୁଙ୍କ ଶବ ଖାଇବାରୁ ଗୋଟିଏ ମାଈ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା ବୋଲି ବନ ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଅଞ୍ଚଳବାସୀ ଏକ ବାଘ ବୁଲୁଥିବା ନେଇ ବାରମ୍ବାର ତାମଡ଼ା ରେଞ୍ଜ ଅଧିକାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ ରେଞ୍ଜ ଅଧିକାରୀ ଟ୍ରାପ୍ କ୍ୟାମେରା ଲଗାଯିବ କହି ଘଟଣାକୁ ଗୁରୁତ୍ୱ ଦେଇ ନଥିଲେ। ଗତକାଲି ଅପରାହ୍ଣରେ ଜଣେ ଗାଈଚରାଳି ଜଙ୍ଗଲରେ ବାଘ ମରିପଡ଼ିଥିବା ନେଇ ଗାଁରେ କହିବା ପରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସକାଳୁ ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମା ସ୍ୱାମୀ ପି, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ସମେତ ଏକ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ପଶୁସମ୍ପଦ ଅଧିକାରୀ ମୃତ ବାଘର ଶବକୁ ବ୍ୟବଚ୍ଛେଦ କରିବା ପରେ ମୃତ ବାଘର ଶବକୁ ପୋଡ଼ି ଦିଆଯାଇଥିଲା।



**ମହଙ୍ଗା ପଡ଼ିଲା ବେନାମୀ ସିମ୍ ବିକ୍ରି**

## ୨ ଜଣଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ

ଭଦ୍ରକ/ଭଣ୍ଡାରିପୋଖରୀ, ୧୨।୧୨(ସମିସ): ବେନାମି ସିମ୍‌କାର୍ଡ ବିକ୍ରି ଅଭିଯୋଗରେ ଦିଲ୍ଲୀ ପୁଲିସ ଶୁକ୍ରବାର ଭଦ୍ରକରୁ ୨ଜଣଙ୍କୁ ଉଠାଇ ନେଇଛି। ସେମାନେ ହେଲେ, ମଞ୍ଜୁରୀରୋଡ୍ ବଜାରର ବ୍ୟବସାୟୀ ସନ୍ତୋଷ ଖଣ୍ଡାଇ ଓ ବନ୍ତ ଥାନା ଅଞ୍ଚଳର ଗଡିଗହିଆ ତରାଗୋ ଗାଁର ମହେଶ୍ୱର ପୁଷ୍ଟିଆ ଓରଫ୍ ଅଜୟ। ଉଭୟଙ୍କୁ ଭଦ୍ରକ କୋର୍ଟର ହାଜର କରାଇ ଦିଲ୍ଲୀ ପୁଲିସ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଯାଇଛି। ନୂଆ ସିମ୍‌କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଜରିଆରେ ଏମାନେ ଏକାଧିକ ସିମ୍ ଆକ୍ଟିଭ୍ କରିନେଉଥିଲେ। ଏ ବାବଦରେ ଗ୍ରାହକ ଜାଣିପାରୁନଥିଲେ। ପରେ ଉକ୍ତ ସିମ୍‌ଗୁଡ଼ିକୁ ଉଚ୍ଚ ଦରରେ ବେନାମୀ ଲୋକଙ୍କୁ ବିକି ଦେଉଥିଲେ। ଏହି ସିମ୍‌ଗୁଡ଼ିକ ବିଭିନ୍ନ ଅପରାଧରେ ବ୍ୟବହୃତ ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ଏକ ମାମଲାର ତଦନ୍ତ କରୁକରୁ ପୁଲିସ ଏ ଦୁହିଁଙ୍କ ବାବଦରେ ସୂଚନା ପାଇଥିଲା। ସେଠାରେ ଧରାପଡ଼ିଥିବା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ଅପରାଧୀ ବୟାନରେ ଏ ଦୁହିଁଙ୍କ ନାଁ ନେଇଥିଲା। ତାହାକୁ ଆଧାର କରି ଦିଲ୍ଲୀ ପୁଲିସର ଏକ ଟିମ୍ ଭଦ୍ରକ ଆସିଥିଲା। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଆଜି ଗିରଫ କରିଥିଲା। ସେହିଭଳି ମହେଶ୍ୱରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

**ଗୋଟିଏ ଆଧାରକାର୍ଡରେ ପୁଳାପୁଳା ସିମ୍ ଆକ୍ଟିଭ୍ କରୁଥିଲେ**


**ଅପରାଧୀଙ୍କୁ ଉଚ୍ଚ ଦରରେ ବିକୁଥିଲେ**

## ହତ୍ୟାକାରୀକୁ ଆଜୀବନ

ଆନନ୍ଦପୁର, ୧୨।୧୨(ସମିସ): ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜି ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବିଜନ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗାଁରେ ୨୦୨୦ ନଭେମ୍ବର ୨୦ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ସନ୍ଧ୍ୟାରେ ଗାଁ ସଭା ଚାଲିଥିବା ବେଳେ ସଭାରେ ଉପସ୍ଥିତ ଥିବା ଆନନ୍ଦ ଚନ୍ଦ୍ର ନାୟକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ହୋଇଥିଲା। ଗ୍ରାମର ବାମନ ବେହେରା, ବିଜନ ବେହେରା, ନିକନ ବେହେରା ଓ ଉମାକାନ୍ତ ଖଣ୍ଡେଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆନନ୍ଦଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଆନନ୍ଦଙ୍କ ସ୍ତ୍ରୀ ମଞ୍ଜୁଲତା ନାୟକ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ଖଲାସ କରିଛନ୍ତି।

## ପୁସ୍ତକ ମହୋତ୍ସବରେ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଅଣଦେଖା

ଭୁବନେଶ୍ୱର, ୧୨।୧୨(ସମିସ): ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଲିଖିତ ଇତିହାସରେ ଅନେକ ସଂଗ୍ରାମୀ ଓ ସହିଦ ସ୍ଥାନିତ ହୋଇପାରିନାହାନ୍ତି। ହେଲେ ସ୍ଥାନୀୟ ଲୋକଙ୍କ ମାନସିକତାକୁ ସେମାନଙ୍କ ଅଦମ୍ୟ ସାହସ ଏବେ ବି ଅନେକ ମାତ୍ରାରେ ପ୍ରଭାବିତ କରି ଆସୁଛି। ଗୁରୁବାରୀ ମେହେରଙ୍କ 'କରୋ ପୁକାର: ବନ୍ଦ କରୋ ଏ ଅତ୍ୟାଚାର' ସ୍ଲୋଗାନ୍ ଏବେ ବି ବିନିକା ଅଞ୍ଚଳରେ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦର ସ୍ୱର ହୋଇ ଠିଆ ହୁଏ। କିନ୍ତୁ, ସୁବର୍ଣ୍ଣପୁର ଜିଲ୍ଲାର ଏକମାତ୍ର ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେର ଆଜି ବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ୭ମ ଓଡ଼ିଶା ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ-୨୦୨୫ରେ ଆକର୍ଷଣ ପାଲଟିଛି ଥିମ୍ ପାଭିଲିୟନ୍। ଏଠାରେ ଏକ ପାଭିଲିୟନରେ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଓ ଅବଦାନ ଉଲ୍ଲେଖ ରହିଛି। ହେଲେ ଏଥିରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇ ସହିଦ ହୋଇଥିବା ବିନିକା ଅଞ୍ଚଳର ଗର୍ବ ସହିଦ ଗୁରୁବାରୀ ମେହେରଙ୍କ ନାମ ସ୍ଥାନିତ ହୋଇନାହିଁ। ଏହାକୁ ନେଇ ସହିଦ ଗୁରୁବାରୀ ସ୍ମୃତି କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ତାଲିକାରେ ସଂଶୋଧନ କରି ଗୁରୁବାରୀଙ୍କୁ ସ୍ଥାନିତ କରି ଉଚିତ ସମ୍ମାନ ଦେବାକୁ ଜିଲ୍ଲାର ବିଭିନ୍ନ ମହଲରେ ଦାବୀ ହୋଇଛି। ଏ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି।




**■ ଥିମ୍ ପାଭିଲିୟନରେ ନାହିଁ ଗୁରୁବାରୀ ମେହେରଙ୍କ ନାମ**
**■ ସୁବର୍ଣ୍ଣପୁରବାସୀଙ୍କ ସମାଲୋଚନା, ଆନ୍ଦୋଳନ ଚେତାବନୀ**

ଗତ ସ୍ୱାଧୀନତା ଦିବସ ସମାରୋହରେ ସୁବର୍ଣ୍ଣପୁର ସଦର ମହକୁମାରେ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେରଙ୍କ ଅବଦାନକୁ ସ୍ମରଣ କରିଥିଲେ। ହେଲେ ଚଳିତବର୍ଷ ବିଭାଗ ଦ୍ୱାରା ଆୟୋଜିତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଏହି ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଭୁଲିଯାଇଥିବାରୁ ସୁବର୍ଣ୍ଣପୁରବାସୀ ନାପସନ୍ଦ କରିଛନ୍ତି।

ସୂଚନା ଅନୁସାରେ, ବିନିକା ଅଞ୍ଚଳର ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେର ସ୍ୱାଧୀନତା ପାଇଁ ପୁଲିସ ବନ୍ଧୁକ ବନେଟ୍ ମାଡ଼ ଖାଇ ଗାଁ ଦାଣ୍ଡରେ ସହିଦ ହୋଇଥିଲେ। ସ୍ୱାଧୀନତା ପୂର୍ବରୁ ପୁରାତନ ସୋନପୁର ଗଡ଼ଜାତର ବିନିକା ଅଞ୍ଚଳରେ ପ୍ରଜା ଆନ୍ଦୋଳନ ଜୋର୍ ଧରିଥିଲା। ଦୀର୍ଘ ଦିନ ଧରି ଚାଲିଥିବା ଏକଛତ୍ରବାଦୀ ରାଜତନ୍ତ୍ର ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ସ୍ଥାନେସ୍ଥାନେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା। ୧୯୩୮ ମସିହାରେ ପ୍ରଜାମଣ୍ଡଳ ଆନ୍ଦୋଳନ ପ୍ରଭାବ ସୋନପୁର ଗଡ଼ଜାତ ଅଞ୍ଚଳରେ ଜୋର୍ ଧରିଥିଲା। ୧୯୪୭ ଜାନୁଆରୀ ୩୦ରେ ବିନିକା ପ୍ରାଇମେରୀ ପ୍ରଜାମଣ୍ଡଳ ସଭାପତି ମୁରଲୀଧର ମିଶ୍ରଙ୍କ ସମେତ ଅନେକଙ୍କୁ ଗିରଫ କରାଯାଇଥିଲା। ଏହାକୁ ବିରୋଧ କରିବାରୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଗୁରୁବାରୀ ମେହେର ମହିଳାଙ୍କ ନେତୃତ୍ୱ ନେଇଥିବା ବେଳେ ପୁଲିସର ବନେଟ୍ ମାଡ଼ରେ ଟଳି ପଡ଼ିଥିଲେ। ତାଙ୍କର ଅଦ୍ୟମ ସାହସକୁ ଅଞ୍ଚଳର ଲୋକମାନଙ୍କ ମନରୁ କେହି ଲିଭାଇପାରିବେ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ୨୫ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

**ସଫଳ ଆଖୁ ଚାଷୀ ଭାବେ ପ୍ରଥମ ପୁରସ୍କାର ପ୍ରଦାନ ପାଇଁ ନିର୍ଦ୍ଦେଶ**

କଟକ,୧୨।୧୨(ସମିସ): ଦୁଇ ଦଶନ୍ଧି ପୂର୍ବରୁ ଭଲ ଆଖୁ ଅମଳ ପାଇଁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଥିବା ଜଣେ ଚାଷୀଙ୍କୁ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ପରେ ଆବେଦନକାରୀ ସମ୍ପୃକ୍ତ ସଫଳ କୃଷକଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଥିବା ବେଳେ ୧୯୯୯-୨୦୦୦ ବର୍ଷ ପାଇଁ ପ୍ରଥମ ପୁରସ୍କାର ସ୍ୱରୂପ ୩୦ହଜାର ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପ୍ରଥମ ପୁରସ୍କାର ଦାବିକୁ ଅଗ୍ରାହ୍ୟ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆଖୁ ଚାଷୀଙ୍କୁ ଅମଳ ଭିତ୍ତିରେ ପ୍ରୋତ୍ସାହନ ରାଶି ପୂର୍ବକ ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବନ୍ଧନୂଆଗାଁ ବ୍ଲକରେ ଥିବା ପ୍ରାୟ ଦେଢ଼ଏକର ଜମିରେ ଆବେଦନକାରୀ ଆଖୁଚାଷ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୦୦୦, ଫେବ୍ରୁଆରି ୩ରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଆଖୁ କଟାଯାଇଥିଲା ବେଳେ ଏଥିରେ ସେ ପ୍ରଥମ ହୋଇଥିଲେ ମଧ୍ୟ ଏହି ପୁରସ୍କାର ତାଙ୍କୁ ମିଳିନଥିଲା। ଆଖୁ ଫସଲ ହୋଇଥିବା ପ୍ଲଟ୍ ଆବେଦନକାରୀ, ତାଙ୍କ ବାପା ଓ ଭାଇଙ୍କ ନାଁରେ ମିଳିତ ଭାବେ ରେକର୍ଡଭୁକ୍ତ ଥିବା ଓ ୧୯୯୭-୯୮ରେ ତାଙ୍କ ବାପା ଏହି କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଥିବା କାରଣରୁ ଏହି ପୁରସ୍କାର ଦିଆଯାଇ ନଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବରୁ ଜମିର ସବୁ ତଥ୍ୟ ଦାଖଲ କରିବା ପରେ ଆବେଦନକାରୀଙ୍କୁ ଅନୁମତି ମିଳିଥିଲା। ଏଥିସହ ଗୋଟିଏ ପରିବାରର ଜଣେ ସଦସ୍ୟ ପୂର୍ବରୁ ପୁରସ୍କାର ପାଇଥିଲେ ଅନ୍ୟ ଜଣେ ସଦସ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ନିୟମାବଳୀରେ ଉଲ୍ଲେଖ ନଥିବା ବେଳେ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଜେପି ବିଧାୟକଙ୍କ ଅଶୋଭନୀୟ ମନ୍ତବ୍ୟ ପ୍ରସଙ୍ଗ**

## ସନ୍ତୋଷଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି



**ମହିଳାଙ୍କ ପ୍ରତି ଅଭଦ୍ରୋଚିତ ଟିପ୍ପଣୀ ପାଇଁ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ**

**ମାଲକାନଗିରି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ**


ଭୁବନେଶ୍ୱର,୧୨।୧୨(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଧାନସଭାରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ, ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଏବଂ ଅଶାନ୍ତ ମାଲକାନଗିରିର ସ୍ଥିତିକୁ ନିୟନ୍ତ୍ରଣ ଆଦି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ଶୁକ୍ରବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏ ସମ୍ପର୍କିତ ଘଟଣା ବିଷୟରେ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିଛି।

ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିଜେଡି କହିଛି ଯେ ବିଧାନସଭାର ପବିତ୍ର ଗୃହରେ ଜାତିର ଜନକଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ ଦେଶବାସୀଙ୍କୁ ଆଘାତ ଦେଇଛି। ପୂର୍ବରୁ ଶ୍ରୀ ଖଟୁଆ ଗଣମାଧ୍ୟମରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ତାଙ୍କ ଚରିତ୍ର ସଂହାର କରିଥିଲେ। ଏହାର ପ୍ରତିବାଦରେ ରାଜ୍ୟ ମହିଳା କମିଶନ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମହିଳା କମିଶନ ଏବଂ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶ୍ରୀ ଖଟୁଆଙ୍କ ବିରୋଧରେ ଓଡ଼ିଶା ବିଧାନସଭାରେ ଏଥିକ୍ସ କମିଟି ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉତ୍ତର ମିଳିପାରିନାହିଁ। ଅନ୍ୟ ରାଜ୍ୟରେ ଜନପ୍ରତିନିଧିଙ୍କ ଏଭଳି ଆଚରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନର ନଜିର ରହିଥିବା ବେଳେ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ସଂପର୍କରେ ରାଜ୍ୟପାଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଅବଗତ କରାଇଛି।

ଯଦି ଶ୍ରୀ ଖଟୁଆଙ୍କ ଭଳି ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା, ତେବେ ପୁଣି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ସେ ଅସମ୍ମାନ ପ୍ରଦର୍ଶନ କରିବା ପାଇଁ ସାହସ କରିନଥାନ୍ତେ। ତେଣୁ ତୁରନ୍ତ ଶ୍ରୀ ଖଟୁଆଙ୍କୁ ବିଧାନସଭାରୁ ବହିଷ୍କାର କରିବା ପାଇଁ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଏହାବ୍ୟତୀତ, ମାଲକାନଗିରିର ଅଶାନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ବିଜେଡି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି। ପୁଲିସ୍ ଓ ପ୍ରଶାସନର ଉପସ୍ଥିତିରେ ମାଲକାନଗିରିରେ ଯେଭଳି ହିଂସା ସଂଘଟିତ ହେଲା, ତାହା ଅବର୍ଣ୍ଣନୀୟ। ଏହି ଘଟଣା ଶାନ୍ତିପ୍ରିୟ ଓଡ଼ିଶାର ଗରିମା କ୍ଷୁଣ୍ଣ କରିଛି। ଘଟଣାସ୍ଥଳକୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଗସ୍ତ ପରେ ମଧ୍ୟ ଜିଲ୍ଲାରେ ପରିସ୍ଥିତି ସ୍ୱାଭାବିକ ହୋଇପାରିନାହିଁ। ତେଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି, ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଲୋକଭବନରେ ରାଜ୍ୟପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।



ପୁଣି ମ୍ୟାଟ୍‌କୁ ଫେରିବେ ଫୋଗଟ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-167 ♦SATURDAY ♦13 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୬୭ ♦ଶନିବାର ♦୧୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ପ୍ରଥମଥର ହେବ ଡିଜିଟାଲ ଜନଗଣନା

## ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର



### ବ୍ୟକ୍ତି ପିଛା ଖର୍ଚ୍ଚ ହେବ ୯୭ ଟଙ୍କା

### ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଦେଶରେ ପ୍ରଥମଥର ପାଇଁ ଜନଗଣନା ଡିଜିଟାଲ ହେବାକୁ ଯାଉଛି।୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି।କେନ୍ଦ୍ର ସରକାର ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧,୭୧୮. ୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜଣେ ବ୍ୟକ୍ତି ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ୨୦୧୧ ଜନଗଣନା ବେଳେ ଦେଶର ଲୋକସଂଖ୍ୟା ୧୨୧ କୋଟି ଥିଲା। ଯଦି ଏହାକୁ ଆଧାର କରି ବିଚାର କରାଯାଏ ତେବେ, ଜଣେ ବ୍ୟକ୍ତିଙ୍କ ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏବେ ଦେଶର ଲୋକସଂଖ୍ୟା ଆନୁମାନିକ ଭାବେ ୧୫୦ କୋଟିରେ ପହଞ୍ଚିଛି। ତେଣୁ ଏହାକୁ ବିଚାର କଲେ ପ୍ରତି ବ୍ୟକ୍ତିଙ୍କ ପାଇଁ ୭୮ ଟଙ୍କା ଖର୍ଚ୍ଚ ହେବ। ଏହି ଜନଗଣନା ପାଇଁ ୩୦ ଲକ୍ଷ କର୍ମଚାରୀଙ୍କୁ ନିୟୋଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସିଏଏସ୍ ସଫ୍ଟଓୟାର ବ୍ୟବହାର କରି ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପରିବାରର ତାଲିକା ତିଆରି କରାଯିବ ଓ ଘରଗୁଡିକର ଗଣନା କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରେ ଜନସଂଖ୍ୟାର ଗଣନା କରାଯିବ ବୋଲି ସେ କହିଛନ୍ତି। ମୋବାଇଲ ଆପ ମାଧ୍ୟମରେ ଡାଟା ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ନିର୍ଭୁଲ କରିବା ପାଇଁ ଏକ କେନ୍ଦ୍ରୀୟ ପୋର୍ଟାଲରୁ ଏହାକୁ ତଦାରଖ କରାଯିବ ବୋଲି କୁହାଯାଇଛି। ୨୦୨୭ର ଜନଗଣନା ଦେଶର ୧୬ତମ ଓ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

# ରାତିରେ ଶୀତର 'କର୍ଫ୍ୟୁ'

## ୧୦ ତଳକୁ ଖସିଲା ୧୫ ସହରରେ ପାରଦ



■ଭୁବନେଶ୍ୱର, ୧୨।୧୨ (ସମିସ): ସାରା ରାଜ୍ୟରେ ଏବେ ଶୀତ କର୍ଫ୍ୟୁ। ରାତି ବଢ଼ିବା ସାଙ୍ଗକୁ ବଢୁଛି ଥଣ୍ଡା, ଖସୁଛି ପାରଦ । କ୍ରମାଗତ ଭାବେ ତାପମାତ୍ରା ତଳମୁହାଁ ହେତୁ ରାଜ୍ୟରେ ୭ ଦିନ ହେବ ଲାଗି ରହିଥିବା ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ଅପରିବର୍ତ୍ତିତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୨ ସହରରେ ତାପମାତ୍ରା ୩ ଡିଗ୍ରୀକୁ ଖସିଛି ଓ୍ ୧୫ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି ଓ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ ହୋଇଛି। ଅନୁରୂପ ଭାବରେ ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ି ୬.୫, ଚିପିଲିମା ୬.୬, ଝାରସୁଗୁଡ଼ା ୭.୧, ରାଉରକେଲା ୭.୨, ଭବାନୀପାଟଣା ୭.୫, କୋରାପୁଟ ୮.୧, କିରେଇ ୮.୪, ଅନୁଗୁଳ ୮.୬, ବଲାଙ୍ଗିର ୯, ନବରଙ୍ଗପୁର ୯.୨, କେନ୍ଦୁଝର ୯.୬ ଓ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ଜି.ଉଦୟଗିରିରେ ୩.୧, ସେମିଳିଗୁଡ଼ାରେ ୩.୬

### ପ୍ରବଳ ଜାଡ଼ ପାଇଁ ୯ ଜିଲ୍ଲାକୁ ସତର୍କତା ଜାରୀ

ଜାରି ରହିଥିବା ଶୀତ ଲହରୀ ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଲେ ମଧ୍ୟ ଶୀତର ପ୍ରଭାବ ବିଶେଷ କମିବ ନାହିଁ ବୋଲି ଆକଳନ ▶ପୃଷ୍ଠା-୭

# ସରିଲା ବିଧାନସଭା; ଥମୁନି ଶିକ୍ଷକ ଆନ୍ଦୋଳନ

## ରାଜଧାନୀରେ ଗର୍ଜିଲେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ

■ ଭୁବନେଶ୍ୱର, ୧୨।୧୨ (ସମିସ): ବିଧାନସଭା ଅଧିବେସନ ସରିବାକୁ ୩ ଦିନ ବିତିଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି। ପ୍ରତିଦିନ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆସି ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ

### ନିୟମିତ ଦାବିରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ବିକ୍ଷୋଭ

କରନ୍ତୁ ବୋଲି ନାରାବାଜି କରୁଛନ୍ତି। ଏକାଧିକ ସଂଗଠନ ଆହୋରାତ୍ର ଧାରଣା ଦେଉଛନ୍ତି। ମୁଖ୍ୟାଳୟ ଛାଡ଼ି ରାଜଧାନୀ ବିକ୍ଷୋଭରେ ସାମିଲ ହେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ତାଲିକା ମାଗି




ଗଣଶିକ୍ଷା ବିଭାଗ ନାଲିଆଖି ଦେଖାଇଥିଲେ ମଧ୍ୟ ଆନ୍ଦୋଳନରେ ବ୍ରେକ୍ ଲାଗୁ ନ ଥିବାରୁ ସରକାରଙ୍କ ଶୀରପିଡ଼ା ବଢୁଛି।

ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ (+୨ ଓ +୩) ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶୁକ୍ରବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସେମାନଙ୍କ ଏକମାତ୍ର ଦାବି ଭାବେ 'ସରକାରୀ ଅନୁଦାନ ପ୍ରଦାନ' କରିବାକୁ ଦାବି କରିବା ସହ ସରକାର ସେମାନଙ୍କ ସହ ପ୍ରତାରଣା କରୁଥିବା ଅଭିଯୋଗ ▶ପୃଷ୍ଠା-୭

# ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକଲେ ଯବାନ

■ ନୂଆପଡା, ୧୨।୧୨ (ସମିସ):ନୂଆପଡା ଜିଲ୍ଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥାପିତ ଥିବା ଢେକୁନପାନି ସିଆର୍‌ପିଏଫ କ୍ୟାମ୍ପରେ କାର୍ଯ୍ୟରତ ଯବାନ ଗୋପିନାଥ ଶବର(୩୫) ନିଜର ସର୍ଭିସ ରିଭଲଭରରେ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନଙ୍କ ଘର ଖଡିଆଳ ଥାନା ବରଗାଁ ପଞ୍ଚାୟତର ଘରଧରା ଗାଁ ବୋଲି ଜଣାପଡିଛି। ପ୍ରାପ୍ତ ଖବର ଅନୁଯାୟୀ ଆଜିକୁ ଦଶ ବର୍ଷ ତଳେ ବିବାହିତ ଗୋପିନାଥ ଦୀର୍ଘ ଦିନ ଧରି ସିଆର୍‌ପିଏଫରେ ନିୟୋଜିତ ହୋଇଥିଲେ। ଢେକୁନପାନୀ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ କ୍ୟାମ୍ପରେ ନିଜର ସର୍ଭିସ ରିଭଲଭରରେ ଗୁଳିକରି ନିଜର ଜୀବନ ହାରିଛନ୍ତି। ପରେ ଅଧିକାରୀମାନେ ଯାଇ ଦେଖିବାପରେ ମୃତ ଦେହକୁ ଉଦ୍ଧାର କରି ▶ପୃଷ୍ଠା-୭


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India

WELCOME



Mr. Fabio Azevedo
President, FIVB
&
Senior Leadership & Officials of FIVB

FIVB VOLLEYBALL FESTIVAL WEEK
11th-14th December 2025

*Under the **KIIT–KISS Kanya Kiran Women Empowerment Initiative** for Women Empowerment and Grassroots Volleyball Development*

in collaboration with

International Volleyball Federation | FIVB Volleyball Foundation | Odisha Volleyball Association (OVA)

Over **200** volleyball coaches, players, and experts from across the globe, including India, will participate in the event, in addition to **500** participants from Odisha.

KIIT-DU, Patia, Bhubaneswar Odisha, India 751024 | kiit@kiit.ac.in | kiit.ac.in
KISS-DU, KISS Campus-3, Bhubaneswar Odisha, India 751024 | info@kiss.ac.in | kiss.ac.in


# ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା; ୩ ଆରୋହୀ ମୃତ




■ କେନ୍ଦୁଝର/ଘଟଗାଁ, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲାର ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ଫାଣ୍ଡିର ସାରୁପାଟ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, ଅସନବାହାଳି ଗ୍ରାମର ଦୁଃଶାସନ ବାରିକ, ବଳଭଦ୍ରପୁର ଗ୍ରାମର ମନ ଦଳେଇ ଓ ଲକ୍ଷ୍ମଣ ସେନାପତି। ଗୁରୁତରଙ୍କୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ସନ୍ଧ୍ୟା ସମୟରେ ବାଇକ୍‌ରେ ତିନି ଜଣ ଓ ସ୍କୁଟିରେ ଦୁଇଜଣ ଯାଉଥିବା ବେଳେ ସାରୁପାଟ ଗ୍ରାମ ନିକଟରେ ମୁହାମୁହିଁ ଧକ୍କା ହୋଇଥିଲା। ଘଟଗାଁ ପୁଲିସ ପହଞ୍ଚି ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## କେନ୍ଦ୍ର କ୍ୟାବିନେଟ ଦେଲା ମଞ୍ଜୁରୀ

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ




### ଭାରତୀୟ ବଜାରକୁ ଆସିବେ ବିଦେଶୀ କମ୍ପାନୀ

### ଗ୍ରାହକଙ୍କୁ ମିଳିବ ପଲିସି ବିକଳ୍ପ

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଭାରତୀୟ ବୀମା ବଜାରକୁ ଆସିବେ ବିଦେଶୀ କମ୍ପାନୀ। ଏଥିପାଇଁ କେନ୍ଦ୍ର ସରକାର ଦେଶର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୧୦୦%କୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାସହିତ ବୀମା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କିଛି ପ୍ରମୁଖ ଢାଞ୍ଚାଗତ ସଂସ୍କାରକୁ ମଧ୍ୟ ଅନୁମୋଦନ ମିଳିଛି।

ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ ଭାରତୀୟ ବୀମା ବଜାରରେ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ନିବେଶ ଆଣିବା ଆଶା କରାଯାଉଛି। ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସମ୍ପୂର୍ଣ୍ଣ ଭାବରେ ବୀମା ବ୍ୟବସାୟ କରିପାରିବେ। ଏହା ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ। ଏହି ବିଲ୍ ଡିସେମ୍ବର ୧୯ରେ ଶେଷ ହେଉଥିବା ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଆଗତ ହେବ। ଆହୁରିମଧ୍ୟ ବିଦେଶୀ ବୀମା କମ୍ପାନୀଗୁଡ଼ିକ ଲୋକମାନଙ୍କୁ ଅଧିକ ବୀମା ବିକଳ୍ପ ପ୍ରଦାନ କରିବେ ଏବଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସଠିକ୍ ପଲିସି ବାଛିପାରିବେ। ଏହାସହିତ, ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇବ, ▶ପୃଷ୍ଠା-୭

## ଟୋକନ୍ ସମସ୍ୟାକୁ ନେଇ ରାସ୍ତାରୋକ

# ରାସ୍ତାରେ ଗର୍ଜିଲେ ଚାଷୀ, ଉଠାଇନେଲା ପୁଲିସ



■ ସମ୍ବଲପୁର, ୧୨।୧୨ (ସମିସ): ଖରିଫ ଧାନ ବିକ୍ରୟ ପାଇଁ ତୁରନ୍ତ ସମସ୍ତ ଟୋକନ ଇସ୍ୟୁ ଦାବିକରି ଆଜି ସମ୍ବଲପୁର ଜିଲ୍ଲାର ଚାଷୀମାନେ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଏବଂ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରିଥିଲେ। ଟୋକନ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଶହ ଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ତେବେ, ସରକାର ଚାଷୀଙ୍କ ଦୁଃଖ ନଶୁଣି ଆଜି ସନ୍ଧ୍ୟାରେ ପୋଲିସ ଲଗାଇ ଚାଷୀମାନଙ୍କୁ ଉଠାଇ ନେଇଛନ୍ତି। ଚାଷୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାସହ ସ୍କୁଲ ବସ, ବ୍ୟକ୍ତିଗତ

### ଟୋକନ ଇସ୍ୟୁ କରୁନାହାନ୍ତି ସରକାର

### ଆସୁନି ଦ୍ୱିତୀୟ ଟୋକନ; ପ୍ରଥମଥର ବିକ୍ରୟ କରି ଧାନ ଜଗି ବସିଛି ଚାଷୀ

ଗାଡ଼ି, ଆମ୍ବୁଲାନ୍ସ ଆଦିକୁ ଯିବାକୁ ଦେଉଥିବାବେଳେ କେବଳ ଅର୍ଥନୈତିକ ଅବରୋଧ କରିଥିଲେ। ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଏଭଳି ଜୁଲୁମ୍‌କୁ ସବୁ ମହଲରେ ନାପସନ୍ଦ କରାଯାଉଛି।

ସମ୍ବଲପୁର ଜିଲ୍ଲା ଡିଏଲପିସି ବୈଠକ ନିଷ୍ପତ୍ତି ଅନୁଯାୟୀ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିଛି। ତେବେ ଧାନକିଣା ବ୍ୟବସ୍ଥିତ ହୋଇପାରିନାହିଁ। ଡିସେମ୍ବର ୧ ତାରିଖ ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ରାତାରାତି ମିଲର୍ ▶ପୃଷ୍ଠା-୭

## ତେଜିଲା ଚାଷୀ ଅସନ୍ତୋଷ

# ସକାଳୁ ସନ୍ଧ୍ୟା ଯାଏ ଜାତୀୟ ରାଜପଥ ବନ୍ଦ

ସମ୍ବଲପୁର, ୧୨।୧୨ (ସମିସ)

ସରକାର ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮ ଶହ ଟଙ୍କା ସହାୟତା ରାଶି ଦେବାକୁ ଘୋଷଣା କରି ନିର୍ବାଚନ ଜିତିବା ପରେ ଏବେ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି। ଚାଷୀ ଗତ ଜୁଲାଇରେ ଖରିଫ୍ ଧାନବିକ୍ରୟ ପାଇଁ ପଞ୍ଜୀକରଣ କରିବା ସମୟରେ ନଭେମ୍ବର ୧ରୁ ୧୫ ଓ ନଭେମ୍ବର ୧୬ରୁ ୩୦ ତାରିଖ ଦୁଇଟି ସ୍ଲଟ୍‌ରେ ଧାନ ବିକିବ ବୋଲି ଉଲ୍ଲେଖ କରିଥିଲା। ସରକାର କିନ୍ତୁ ନୂଆପଡ଼ା ଉପନିର୍ବାଚନର ଦ୍ୱାହି ଦେଇ ଧାନକିଣା ବିଳମ୍ବିତ କଲେ। ପୁଣି ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିଥିବାବେଳେ ମିଲର୍ ଧାନ ନେବାକୁ ମନା କଲା। ଡିସେମ୍ବର ୧ ତାରିଖ ସିନ୍ଦୂରପଙ୍କ ତୁମ୍ବେସିଂହାଠାରେ ଚାଷୀମାନେ ପ୍ରାୟ ୮ ଘଣ୍ଟା ଧରି ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ କରିବାପରେ ରାତାରାତି ମିଲର୍ ପଞ୍ଜିକରଣ କରି ଧାନ ଉଠାଇଲା। ତେବେ, ମିଲ୍‌କୁ ଧାନ ଯିବାପରେ ମିଲର୍ ତାର ମନମୁଖୀ କାରବାର ଚଳାଇଲା। କ୍ୱିଣ୍ଟାଲ ପିଛା ୪ରୁ ୫ କିଲୋ କଟ୍‌ନି କରିବା ଆରମ୍ଭ କଲା। ଚାଷୀର ଧାନ ବିକ୍ରୟ ମାସେ ବିଳମ୍ବରେ ଚାଲିଥିବାରୁ ଅମଳ ସମୟର କୃଷି ଶ୍ରମିକ ଦେୟ ଏବଂ ଗଚ୍ଛିତ କରିବା ସମସ୍ୟା ଯୋଗୁଁ ମିଲର୍ ଶୋଷଣକୁ ବାଧ ହୋଇ ସହିଲା।

ଅନ୍ୟପକ୍ଷରେ ସରକାର ଟୋକନ ଇସ୍ୟୁ କରୁନାହାନ୍ତି। ସମ୍ବଲପୁର ଜିଲ୍ଲାରେ ୫୩ ହଜାର ଚାଷୀଙ୍କ ଟୋକନ ଆସିଥିବାବେଳେ ବଳକା ୧୨ ହଜାର ଟୋକନ ଆସିନାହିଁ। ପୁଣି ଯାହା ବି ଟୋକନ ଆସିଛି (ପୂର୍ବବର୍ଷ ମାନଙ୍କରେ ଏକକାଳୀନ ଦୁଇରୁ ତିନୋଟି ଟୋକନ ବିଭିନ୍ନ ତାରିଖ ସହ ଆସିଥାଏ), ତାହା କେବଳ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ। ଚାଷୀ ଏବେ ବଳକା ଧାନକୁ ଜଗିବସିଛି, କେତେବେଳେ ଆସିବ ଟୋକନ? ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅବଗତ କରିବାପରେ ବି କୌଣସି ପଦକ୍ଷେପ ନିଆନଯିବାରୁ ଆଜି ଚାଷୀମାନେ ରେମେଡ, ସିନ୍ଦୂରପଙ୍କ ତୁମ୍ବେସିଂହା ଓ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କଲେ। ଚାଷୀ ମାନଙ୍କ ଟୋକନ ସମସ୍ୟା ସମାଧାନ କରିବା ବଦଳରେ ପୁଲିସ ଆଜି ସନ୍ଧ୍ୟାରେ ଚାଷୀମାନଙ୍କୁ ଉଠାଇନେଇ ଅଟକ ରଖିଲା। ଚାଷୀର କଥା ନଶୁଣି ସରକାର ଚାଷୀ ଉପରେ ଜୁଲୁମ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଚାଷୀମାନଙ୍କ ଟୋକନ ସମସ୍ୟା ସହ କଟ୍‌ନିଛଟ୍‌ନି, ଏମଏସପି ଓ ସହାୟତା ମିଶି କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେବା, ରବି ଧାନ ପହ୍ଲା ପକାଇବାସହ ଜାନୁଆରୀରେ ରୋଇବା କାର୍ଯ୍ୟ ଥିବାରୁ ଶୀଘ୍ର ଖରିଫ କିଣାବିକା ଶେଷ କରିବାକୁ ଚାଷୀ ମହଲରେ ମତପ୍ରକାଶ ପାଉଛି।


ରେମେଡଠାରେ ଚାଷୀ ଆନ୍ଦୋଳନରେ ବିଜେଡି ଜିଲ୍ଲା ସଭାପତି ରୋହିତ।

## ଆନ୍ଦୋଳନକୁ ରୋହିତଙ୍କ ସମର୍ଥନ

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଟୋକନ୍ ଅବ୍ୟବସ୍ଥା, ମଣ୍ଡି ଅଚଳାବସ୍ଥା ଏବଂ କଟ୍‌ନୀ ଛଟ୍‌ନୀ ବିରୋଧରେ ରେମେଡ ଛକ ଠାରେ ଚାଷୀମାନେ କରିଥିବା ଜାତୀୟ ରାଜପଥ ଅବରୋଧ ଏବଂ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଇଂ. ପୂଜାରୀ କହିଥିଲେ ଯେ, ସରକାରଙ୍କ ଚାଷୀ ମାରଣା ନୀତି ଯୋଗୁଁ ଆଜି ନିଜର କଷ୍ଟ ଉପାର୍ଜିତ ଧାନ ବିକ୍ରୀ କରିବା ପାଇଁ ଚାଷୀମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ ଯେ ସରକାର ଯେଉଁ ଆଠ ଶହ ଟଙ୍କା ଇନପୁଟ ସବସିଡି ଦେଉଛନ୍ତି ତାହା ବର୍ତ୍ତମାନ ପ୍ରହସନ ସାବ୍ୟସ୍ତ ହୋଇଛି, କାରଣ ଗୋଟିଏପଟେ ସରକାର ଟୋକନ୍ ବ୍ୟବସ୍ଥାକୁ ସଠିକ୍ ରୂପେ ଲାଗୁ କରୁ ନଥିବା ଯୋଗୁଁ ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରୀ କରିବା ପାଇଁ ହଟହଟା ହେଉଛନ୍ତି ଏବଂ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଥିବା ବେଳେ ଚାଷୀ ମାନଙ୍କୁ ଆଠ ଶହ ଟଙ୍କା ଇନପୁଟ ସବସିଡି ଏବଂ ଏମ୍‌ଏସପିରେ ୬୯ ଟଙ୍କା ବୃଦ୍ଧି ଚାଷୀଙ୍କୁ ଭଣ୍ଡାଇବା ପାଇଁ ଏକ ଯୋଜନା। କାରଣ ପଶ୍ଚିମ ଓଡ଼ିଶାର ଗୋଟିଏ ହେଲେ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ବୃଦ୍ଧି କରୁଥିବା ଏମ୍‌ଏସପି ରାଶି ପାଇନାହାଁନ୍ତି ଏବଂ ଟୋକନ୍ ବ୍ୟବସ୍ଥାକୁ ଜାଣିଶୁଣି ସୁଚାରୁରୂପେ ପରିଚାଳିତ ନକରି କିଭଳି ଭାବରେ କମ୍‌ରୁ କମ୍ ଚାଷୀ ଏହି ଇନପୁଟ ସବସିଡି ପାଇବେ ସରକାର ତାର ଗଳାବାଟ ତିଆରି କରିବା ପାଇଁ ଯୋଜନା କରିଛନ୍ତି। ଏହାଛଡ଼ା ଇଂ ପୂଜାରୀ ଚାଷୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ସ୍ୱାମୀନାଥନ ରିପୋର୍ଟ ଲାଗୁ କରିବା ପାଇଁ ବିଭିନ୍ନ ସମୟରେ ଦାବି କରିଆସିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ

ରାଜ୍ୟରେ ଚଳିତ ଖରିଫ ଧାନବିକ୍ରିକୁ ନେଇ ଚାଲିଥିବା ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚଳିତବର୍ଷ ଖରିଫ ଧାନବିକ୍ରିକୁ ନେଇ ଚାଷୀ ସଙ୍ଗଠନ ପକ୍ଷରୁ ଗତ କିଛିଦିନ ପୂର୍ବରୁ ଆନ୍ଦୋଳନ କରାଯାଇଥିଲା। ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ପରେ ଧାନବିକ୍ରି ଆରମ୍ଭ ହୋଇ ସୁଚାରୁ ରୂପେ ଚାଲିଥିଲା। ଆଜି ପୁଣି ଟୋକନ ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇବା ପରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରିଛନ୍ତି ଓ ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉଲ୍ଲେଖ ଥାଉ ଯେ ଏହା ପୂର୍ବରୁ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ଧାନକିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ନିଆଯାଇଥିଲା।

## ସରକାର ନିଜେ ଅରାଜକତା ପରିସ୍ଥିତି ସୃଷ୍ଟି କରୁଛନ୍ତି

ସରକାର ଅରାଜକତା ପରିସ୍ଥିତି ନିଜେ ସୃଷ୍ଟି କରୁଛନ୍ତି, ଚାଷୀ କରୁନାହିଁ, ଚାଷୀ ତାର ଧାନ ବିକ୍ରୟ କରିବାକୁ ଆସିଛି ବୋଲି କହିଛନ୍ତି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ। ଜୁଲାଇ ମାସରେ ଧାନବିକ୍ରୟ ପାଇଁ ରେଜିଷ୍ଟ୍ରେସନ ସମୟରେ କେବେ ଧାନ ବିକ୍ରୟ କରିବ ପଚାରୁଛନ୍ତି। ସାରା ବିଶ୍ୱରେ କେଉଁଠି ଏଭଳ ହୁଏନାହିଁ। ଚାଷୀ ଉଲ୍ଲେଖ କରିଥିବା ନଭେମ୍ବର ମାସର ଦୁଇଟି ସ୍ଲଟ୍ ଛାଡ଼ିଦେଲେ, ମଣ୍ଡି ଯେତେବେଳେ ଖୋଲାଗଲା ସେତେବେଳେ ପ୍ରସ୍ତୁତି କିଛି ନାହିଁ। ଏହା ମନୁଷ୍ୟକୃତ ଏବଂ ସୁନିୟୋଜିତ ବଡ଼ ଧରଣର ଏକ ଚକ୍ରାନ୍ତ। ଆମକୁ କହୁଛନ୍ତି ଆପଣ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିକ୍ରୟ କରିପାରିବେ କିନ୍ତୁ ଟୋକନ ଇସ୍ୟୁ କରୁନାହାନ୍ତି। କାହା ଭରସାରେ ଚାଷୀ ରହିବ। ଜିଲ୍ଲା ପ୍ରଶାସନର ଅସହାୟତା ଚାଷୀ ବୁଝିପାରୁଛି। ଭୁବନେଶ୍ୱରରେ ଥିବା କିଛି ବାବୁ ସବୁକିଛି ପରିଚାଳନା କରୁଛନ୍ତି, ଯେତେବେଳ ପର୍ଯ୍ୟନ୍ତ ଡିଏଲପିସିକୁ କ୍ଷମତା ଦିଆ ନଯିବ, କିଛି ସମାଧାନ ହେବନାହିଁ।


ରେମେଡ ଛକରେ ଅଟକି ରହିଛି ଶହ ଶହ ଗାଡ଼ି।


ସିନ୍ଦୂରପଙ୍କଠାରେ ଚାଷୀଙ୍କ ରାସ୍ତା ଅବରୋଧ।


ସିନ୍ଦୂରପଙ୍କ ଛକରେ ଅଟକି ରହିଚି ଗାଡ଼ି।


ହୁମା ଛକରେ ଚାଷୀଙ୍କ ରାସ୍ତା ଅବରୋଧ।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

**କୁଚିଣ୍ଡା, ୧୨।୧୨ (ସମିସ):** ଲଇକେରା ବାମରା ମୁଖ୍ୟରାସ୍ତା ସ୍ଥିତ ସାହାସପୁର କଦଳୀବଗିଚା ନିକଟରେ ବାଇକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଯୁବକମାନେ ବାମରା ବ୍ଲକ କହପାଣି ଗ୍ରାମର ଛବିଲ ଟୋପ୍ପୋ, ସୁଶିଲ ଟୋପ୍ପୋ ଓ ରେଙ୍ଗାଲବେଡ଼ା ଗ୍ରାମର ଗୌତମ କିସାନ ବୋଲି ଜଣାପଡ଼ିଛି। ଉକ୍ତ ଯୁବକମାନେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଯୋଗେ ରେଙ୍ଗାଲବେଡ଼ା ଗ୍ରାମରୁ କହପାଣିକୁ ଫେରୁଥିବା ବେଳେ ସାହାସପୁର ନିକଟ କଦଳୀବାଡ଼ି ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ସମସ୍ତ ୩ ଜଣ ଯୁବକ ଗୁରୁତର ହୋଇଥିବା ବେଳେ ସେମାନେ ରାସ୍ତାରେ ପଡ଼ି ଛଟପଟ ହେଉଥିବା ଦେଖି ବାମରା ରେଞ୍ଜ ବନ ବିଭାଗ କର୍ମଚାରୀ ନାରାୟଣ ବେହେରା, କ୍ଷିତିଶ ନାଏକ, ରାଜୁ ରାଉତ, ପ୍ରଶାନ୍ତ କୁଜୁର, ମିତ୍ରଭାନୁ ମାଝୀ ଓ ରାଜୁ ରାଉତ ଆହତଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ପଟେ ସୂଚନା ପାଇ ସାହାସପୁର ପୋଲିସ ଫାଣ୍ଡି ଅଧିକାରୀ ଶିବ ରନବିଡା ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

## ରେଢ଼ାଖୋଲରେ ଚାଷୀଙ୍କ ଆନ୍ଦୋଳନ



**ରେଢାଖୋଲ, ୧୨।୧୨(ସମିସ):** ପଶ୍ଚିମ ଓଡ଼ିଶାର କୃଷକ ସଂଗଠନ ସମନ୍ୱୟ ସମିତି ଆହ୍ୱାନକ୍ରମେ ରେଢ଼ାଖୋଲ ଉପଖଣ୍ଡସ୍ତରୀୟ ସନ୍ଥକବି ଭୀମଭୋଇ କୃଷକ ସଂଘ ପକ୍ଷରୁ ଶୁକ୍ରବାର ଦିନ ଭୀମଭୋଇ କଲେଜ ଛକରେ ଜାତୀୟ ରାଜପଥ ଉପରେ ଆନ୍ଦୋଳନ କରିଥିଲେ। ପୂର୍ବରୁ ସରକାରଙ୍କୁ ଉପଖଣ୍ଡ କୃଷକ ସଂଘର ବିଭିନ୍ନ ସମସ୍ୟାକୁ ନେଇ ଦାବି କରି ଆସୁଥିଲେ। କିନ୍ତୁ ସରକାର ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲେ ନାହିଁ। ତେଣୁ ଚାଷୀମାନେ ରାଜରାସ୍ତାକୁ ଆସି ବିଭିନ୍ନ ଦାବି ପୂରଣ ପାଇଁ ନାରା ଦେଇ ବିରୋଧ କରିଥିଲେ। ରେଢାଖୋଲ ଉପଖଣ୍ଡ ମଣ୍ଡିମାନଙ୍କରେ କେଉଁ ମନ୍ତ୍ରୀଙ୍କୁ ଚାଷୀ ସମସ୍ୟା ଦୂର କରିବା ପାଇଁ ଦାୟିତ୍ୱ ଦେଇଥିଲେ ବୋଲି ସରକାରଙ୍କୁ ସମାଲୋଚନା କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ମଣ୍ଡି ତଥା ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ବିଭିନ୍ନ ସମସ୍ୟା ଅବ୍ୟବସ୍ଥା ଲାଗି ରହିଛି। ଏଥିରେ ଚାଷୀଙ୍କ ନାମରେ ଅଖା ବସ୍ତା ଓ ସୁତଳି ବାବଦରେ ଟଙ୍କା କାହା ପାଖକୁ ଯାଉଛି ତାହା ଚାଷୀ ପ୍ରଶ୍ନ ଉଠାଇଛି। ଏଥିରେ ଚାଷୀ ଅହେତୁକ ଶୋଷଣ ଓ ଅତ୍ୟଧିକ ଲୁଟର ଶିକାର ହେଉଛନ୍ତି। ମଣ୍ଡିମାନଙ୍କରେ ମିଲର ରାଜ ଚାଲିଛି, ଏଥିରେ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସରକାର ଦ୍ୱାରା ଧାନ ବିକ୍ରି ମାନଦଣ୍ଡ ନ ମାନି ବେନିୟମ ଭାବରେ କ୍ୱିଣ୍ଟାଲ ପ୍ରତି ୫ କେଜି ରୁ ୧୨ କେଜି କଟ୍‌ନୀ ଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରାଯାଉଛି। ଆଜି ପର୍ଯ୍ୟନ୍ତ ଅଧିକାଂଶ ଚାଷୀମାନଙ୍କ ଟୋକନ ଆସି ପାରିନାହିଁ। ଏଥିରେ ଚାଷୀ କିପରି ଧାନ ବିକ୍ରି କରିବ ବୋଲି ଅଭିଯୋଗ କରିଛନ୍ତି।ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ଏବଂ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହିତ ରେଢାଖୋଲ ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରି ଏ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଏଥିରେ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରି ଆଗାମୀ ଦିନରେ ସରକାର ଯଦି ଚାଷୀଙ୍କ ସମସ୍ୟା ନ ଶୁଣନ୍ତି ତେବେ ସରକାରୀକଳ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।ଉପଖଣ୍ଡ କୃଷକ ସଂଘର ଉପସଭାପତି ସୁଦାମ ପ୍ରଧାନ, ଭୀମଭୋଇ କୃଷକ ସଂଘର ସଭାପତି ଅଶ୍ୱିନୀ ପ୍ରଧାନ, ସମ୍ପାଦକ ଅଜୟ କୁମାର ସାହୁ, ଉପସଭାପତି ପ୍ରମୋଦ ପ୍ରଧାନ, କଦଳୀଗଡ଼ର ଦଧିବାମନ କୃଷକ ସଂଘର ଉପଦେଷ୍ଟା ବୃଷକେତୁ ପ୍ରଧାନ, ସଞ୍ଜୟ ମେସ୍ତା, ନିର୍ବାଚନ ଦେହୁରୀ, ବିଶ୍ୱନାଥ ବେହେରା, ସମ୍ଭୁ ପ୍ରଧାନ, ଭିକାରି ବେହେରା, ନନ୍ଦ ବେହେରା, ବୀରବର ବେହେରା, ସୁରେଶ ଦେହୁରୀ, କାଳନ୍ଦୀ ଗଡ଼ତିଆ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ।

## ରାସ୍ତାକଡ଼ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ସମ୍ବଲପୁର, ୧୨।୧୨ (ସମିସ):** କ୍ଷେତରାଜପୁର ଥାନା ବଡବଜାର ଅଞ୍ଚଳର ରାସ୍ତା କଡ଼ରୁ ଆଜି ନବଜାତ ଶିଶୁ ପୁତ୍ର ଉଦ୍ଧାର ହୋଇଛି। ରାସ୍ତାକଡ଼ରେ ଏକ ବ୍ୟାଗ ଭିତରେ ଶିଶୁଟି ରହିଥିଲା। ଭୋର ସାଢେ ୪ଟା ବେଳେ ପାଖରେ ଥିବା ଏକ ଚା ଦୋକାନୀ ବ୍ୟାଗ ପଡ଼ିଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକ ଜମା ହୋଇଯାଇଥିଲେ। ଉକ୍ତପଡ଼ାରେ ଗୋଟେ ଦମ୍ପତି ପାଖରେ ଥିବା ଦୁର୍ଗା ମନ୍ଦିର ଯାଇଥିଲେ। ପରେ ଲୋକଙ୍କ ପାଟି ଶୁଣି ଘଟଣା ସ୍ଥଳକୁ ଆସି ଶିଶୁପୁତ୍ରକୁ ବ୍ୟାଗକୁ ବାହାର କରିଥିଲେ। ସଙ୍ଗେ ସଙ୍ଗେ ଡାକ୍ତରପାଖକୁ ନେବା ସହ ଥାନାକୁ ଜଣାଇଥିଲେ। ଘଟଣା ସ୍ଥଳକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ ମାନେ ପହଞ୍ଚିଥିଲେ। ଶିଶୁକୁ ନିଜ ପାଖରେ ରଖିବା ପାଇଁ ପାଇଥିବା ଦମ୍ପତି ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ପାଇଥିବା ମହିଳା କହିଛନ୍ତି, ତାଙ୍କର ଝିଅ କୋଳରେ ୮ ବର୍ଷ ହେଲାଣି ଶିଶୁଟିଏ ନାହି। ୨ ବର୍ଷ ହେଲାଣି ପୋଷ୍ୟ ସନ୍ତାନ ପାଇଁ ଆବେଦନ ମଧ୍ୟ କରିଛନ୍ତି। କିନ୍ତୁ ଏ ଯାଏଁ କାର୍ଯ୍ୟକାରୀ ହେଲାନାହି। ଆଜି ସେ ପାଇଥିବା ଶିଶୁକୁ ନିଜ ଝିଅ କୋଳରେ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନେହୁରା ହୋଇଛନ୍ତି। ସେପଟେ ଶିଶୁର ଅବସ୍ଥା ଭଲ ରହିଛି। ଉଦ୍ଧାର ପରେ ପ୍ରଥମେ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ ରୁକମଣି ଲାଠ ବାଳ ନିକେତନରେ ଶିଶୁଟି ରହିଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ କହିଛନ୍ତି।



## ସମ୍ବଲପୁର ମଣ୍ଡଳରେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ



**ସମ୍ବଲପୁର, ୧୨।୧୨ (ସମିସ) :** ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ୫୫ତମ ମଣ୍ଡଳ ରେଳ ବ୍ୟବହାରକାରୀଙ୍କ ପରାମର୍ଶଦାତା କମିଟି (ଡିଆର୍‌ୟୁସିସି) ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାଷ ଚନ୍ଦ୍ର ଚୌଧରୀ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ଚୌଧୁରୀ ତାଙ୍କ ପ୍ରାରମ୍ଭିକ ଭାଷଣରେ ସମସ୍ତ ଡିଆର୍‌ୟୁସିସି ସଦସ୍ୟମାନଙ୍କୁ ସ୍ୱାଗତ କରିବାସହ କହିଥିଲେ ଯେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶଗୁଡ଼ିକୁ ମଣ୍ଡଳ ସର୍ବାଧିକ ପ୍ରାଥମିକତା ଦେବ। ଶ୍ରୀ ଚୌଧରୀ ସମ୍ବଲପୁର ମଣ୍ଡଳରେ ସମାପ୍ତ ହୋଇଥିବା ପ୍ରକଳ୍ପ ଏବଂ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ସଦସ୍ୟ ଅକ୍ଷୟକାନ୍ତ ନଉଗିରେ, କିଶୋର ଅଗ୍ରୱାଲ, ରାଜନ ପ୍ରସାଦ, ସୁଦର୍ଶନ ସାହୁ, ଲୁଣକରଣ ଜୈନ, ଅଚ୍ୟୁତାନନ୍ଦ ସୁନାନୀ, କୈଳାସ ଅଗ୍ରୱାଲ, ବିଷ୍ଣୁ ପ୍ରସାଦ କେଡିଆ, ରାଜେଶ ଅଗ୍ରୱାଲ ଏବଂ ଦେବେନ୍ଦ୍ର ବିଶି ଅଂଶଗ୍ରହଣ କରି ସମ୍ବଲପୁର ମଣ୍ଡଳର ବିଭିନ୍ନ ସମସ୍ୟା ତଥା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ସମ୍ବଲପୁର ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ଏବଂ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ସମ୍ବଲପୁର ଏବଂ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି (ଡିଆର୍‌ୟୁସିସି)ର ସଂଯୋଜକ ଗରିମା ତିୱାରୀ ଏହି ସଭାକୁ ସଞ୍ଚାଳନ କରିଥିଲେ।






## ଏସ୍‌ଏଚ୍‌ଜିଙ୍କ ବକେୟା ପ୍ରାପ୍ୟ ଦାବିରେ ଘେରାଉ

ସମ୍ବଲପୁର, ୧୨।୧୨ (ସମିସ)

ମହିଳା ଏସଏଚଜି ମାନଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ଦାବୀରେ 'ସମ୍ବଲପୁର ସଂଗ୍ରାମ ସମିତି' ଆହ୍ୱାନରେ ଆଜି ସମ୍ବଲପୁର ମହାନଗର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ ଦ୍ୱାରା 'ମୋ ପୋଖରୀ' ଯୋଜନା ଓ 'ମୁକ୍ତା' ଯୋଜନା ଦ୍ୱାରା ମହାନଗର ଅନ୍ତର୍ଗତ ପୋଖରୀ ଗୁଡ଼ିକର ପୁନର୍ବିନ୍ୟାସ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ମାନଙ୍କ ଦ୍ୱାରା କରାଯାଇଥିଲା। କିନ୍ତୁ ଅଧିକାଂଶ କାର୍ଯ୍ୟର ବିଲ ପ୍ରଦାନ ଦୀର୍ଘ ଦିନ ଧରି ମହାନଗର କର୍ତ୍ତୃପକ୍ଷ କରିନାହାନ୍ତି। ଏହାଦ୍ୱାରା ବିଭିନ୍ନ ମହିଳା ଏସଏଚଜି ମାନେ ଘୋର ଅସୁବିଧାରେ ପଡ଼ିଛନ୍ତି। ଧାର କରଜ କରି ଏହି କାମ ସବୁ ସମ୍ପନ୍ନ କରିଥିବା ବେଳେ ଆଜି ଏହି ମହିଳା ଏସଏଚଜି ମାନେ ଋଣ ଯନ୍ତାରେ ଫସି ଯାଇଛନ୍ତି। ଏହି ଘେରାଉର ନେତୃତ୍ୱ ସମ୍ବଲପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପସଭାନେତ୍ରୀ ତଥା 'ସମ୍ବଲପୁର ସଂଗ୍ରାମ ସମିତି'ର ସାଧାରଣ ସମ୍ପାଦିକା ରାଖୀ ମୁଣ୍ଡା, ସାଧାରଣ ସମ୍ପାଦକ (ସଂଗଠନ) ଇଂ. ଦୀନେଶ ସେଠ, କାର୍ଯ୍ୟକାରୀ ସଭାପତି ଦିଲୀପ ଦାଶ, ଉପସଭାପତି ନାସିର ଖାଁ, ଲିଙ୍ଗରାଜ ତ୍ରିପାଠୀ, ସାଧାରଣ ସମ୍ପାଦକ ଇଂ. ନିଶିଥ ଆକାଶ, ସମ୍ପାଦକ ଭରତ ସୁନା, ଭରଦ୍ୱାଜ ହଳଦିଆ, ଅନିତା ଓରାମ, ନୀଳିମା ମଲିକ, ପ୍ରତିମା ବେରିହା, ମାନସୀ ବେରିହା, ତୁନିବାଲା ସ୍ୱାଇଁ, ସୌଭାଗିନୀ ଡନସନା, ଶ୍ରେୟା ବେଗମ, ସୁଷମା ବେରିହା, ରଞ୍ଜିତା ନାୟକ, ଝରଣା ପାଣିଗ୍ରାହୀ, ପୁଷ୍ପାଞ୍ଜଳି ମାଝୀ, ସୁଷମା ବାଗ, ସବା କଉସର, ବିଷ୍ଣୁପ୍ରିୟା ମହାରଣା, ଅହଲ୍ୟା ଦଳେଇ, ସ୍ୱର୍ଣ୍ଣକାନ୍ତି ବେହେରା, ବିଜୟ ନାୟକ, ସୁନିତା ସ୍ୱାଇଁ, ପୁଷ୍ପା ସାହୁ, ସୋନି ନନ୍ଦ, ମମତା ତାଣ୍ଡି, ସଂଯୁକ୍ତା ସେଠି ପ୍ରମୁଖ ନେତୃତ୍ୱରେ ଶତାଧିକ ଏସଏଚଜି ମହିଳା ଉପସ୍ଥିତ ଥିଲେ। ପ୍ରାୟ ଚାରି ଘଣ୍ଟା ଧରି ଏହି ଘେରାଉ ଚାଲିବାପରେ ସମ୍ବଲପୁର ଜିଲ୍ଲା ବିଜେଡିର ପୂର୍ବତନ ସଭାପତି ତଥା ସମ୍ବଲପୁର ସଂଗ୍ରାମ ସମିତିର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ଇଂ. ସିଦ୍ଧାର୍ଥ ଦାସ ସମ୍ବଲପୁର ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ ଏହି ଚାଲିଥିବା ଆନ୍ଦୋଳନ ପ୍ରତି କରିଥିଲେ। ମହାନଗର କମିଶନର ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ସହ ସେମାନଙ୍କ ଦାବୀ ବାବଦରେ ଆଲୋଚନା କରିଥିଲେ। ଆୟୁକ୍ତ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ବକେୟା ପାଉଣା ପ୍ରଦାନ କରିବା ନିମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଯଦି ପ୍ରତିଶ୍ରୁତି ମୁତାବକ ବକେୟା ପାଉଣା ଗୁଡ଼ିକ ୭ ଦିନ ମଧ୍ୟରେ ପ୍ରଦାନ କରା ନଯାଏ ତାହାହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସମ୍ବଲପୁର ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଇଂ. ଦୀନେଶ ସେଠ ଜଣାଇଛନ୍ତି।



## ଗୋଦାମ ପଛପଟେ ଅଜଣା ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୨।୧୨ (ସମିସ):** ବରେଇପାଲି ଥାନା ଅନ୍ତର୍ଗତ ଏକ ରେସୁଣ ଗୋଦାମ ପଛ ପଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତ ଦେହ ପୁଲିସ ଉଦ୍ଧାର କରିଛି। ବ୍ୟକ୍ତି ଜଣକ ଏକ ପ୍ଲାଷ୍ଟିକ ରସି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ କହିଛି। ଉକ୍ତ ଗୋଦାମକୁ ମାଲ ନେଇ ଆସୁଥିବା ଏକ ଟ୍ରକ୍‌ରେ ହେଲପର ଭାବେ କାମ କରୁଥିବା ପୁଲିସ ଜାଣିବାକୁ ପାଇଛି।ସୂଚନା ଅନୁସାରେ ମଧ୍ୟ ପ୍ରଦେଶରରୁ ରେସୁଣ ନେଇ ଏକ ଟ୍ରକ(ଆରଜେ୦୯ଜିଡି୨୪୪୩) ସମ୍ବଲପୁର ଅଭିମୁଖେ ଆସୁଥିଲା। ମଧ୍ୟପ୍ରଦେଶ ବେଟୁଲାରୁ ଉକ୍ତ ଅଜଣା ବ୍ୟକ୍ତି ଜଣକ ଟ୍ରକରେ ଚଢିଥିଲେ। ନାଗପୁରରେ ଛାଡିଦେବା ପାଇଁ ଚାଳକଙ୍କୁ କହିଥିଲେ। ଚାଳକ ଏକୁଟିଆ ଥିବାରୁ ସାଙ୍ଗରେ ବ୍ୟକ୍ତି ଜଣଙ୍କୁ ଆଣିଥିଲେ। ପରେ ନାଗପୁରରୁ ବ୍ୟକ୍ତି ଜଣକ ଗାଡିରେ ହେଲପର ଭାବେ କାମ କରିବା ପାଇ କହିଥିଲେ। ପରେ ଉଭୟେ ସମ୍ବଲପୁର ମାଲ ନେଇ ଆସିଥିଲେ। ବ୍ୟକ୍ତି ଜଣକ ସାମାନ୍ୟ ମାନିସକ ଭାରସାମ୍ୟ ହରାଇଥିବା ପରି କଥା ବାର୍ତ୍ତା ଲାଗୁଥିଲେ। ସମ୍ବଲପୁରରେ ଆଜି ସକାଳେ ଗାଡ଼ି ପହଞ୍ଚିଥିଲା। ପରେ ଅପରାହ୍ନରେ ହେଲପର କେଉଁଆଡେ ଚାଲିଯାଇଥିଲେ। ପରେ ଗୋଦାମ ପଛପଟେ ଝୁଲୁଥିବା ଅବସ୍ଥାରେ ଲୋକେ ଦେଖି ବରେଇପାଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବକୁ ଉଦ୍ଧାର କରିଛି। ଆସନ୍ତା କାଲି ଶବବ୍ୟବଚ୍ଛେଦ କରାଯିବ। ସେପଟେ ଟ୍ରକ ଚାଳକକୁ ପୁଲିସ ଅଧିକ ପଚରା ଉଚରା କରୁଛି।

# ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ହୀରକ ଜୟନ୍ତୀ



**ସମ୍ବଲପୁର, ୧୨।୧୨(ସମିସ):** ସମ୍ବଲପୁରସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରେ ଶୁକ୍ରବାର ହୀରକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ମାନୀତ ଅତିଥି ଏସଏମସି କମିଶନର ରେହାନ ଖେତ୍ରି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ ଏବଂ ସମସ୍ତ ବରିଷ୍ଠ ଓ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। ଇଂରାଜୀ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନଙ୍କୁ ଚାରା ଅର୍ପଣ କରି ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ପ୍ରାଚାର୍ଯ୍ୟ, ସ୍ୱାଗତ ଭାଷଣ ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀମାନେ ସରସ୍ୱତୀ ବନ୍ଦନା, ସ୍ୱାଗତ ନୃତ୍ୟ, କେବି ଥିମ ନୃତ୍ୟ, ଓଡିଶୀ ନୃତ୍ୟ ଓ ଭାରତନାଟ୍ୟମ, ନାରୀ ଶକ୍ତୀ ନୃତ୍ୟ, ନାଟକ- ମାର୍କ ସବୁକିଛି କି?, ସିଂହାରୀ ନୃତ୍ୟ କୀର୍ତ୍ତନ ଆଦି ପରିବେଷଣ କରିଥିଲେ। କମଳ ଲୋଚନ ଦେହୁରୀ ଧନ୍ୟବାଦ ଦେଇଥିଲେ।

# ଡ୍ରେନ୍ ସମସ୍ୟା ନେଇ ରାସ୍ତାରୋକ

**ସମ୍ବଲପୁର, ୧୨।୧୨(ସମିସ)**



ଡ୍ରେନ ସମସ୍ୟା ନେଇ ବରେଇପାଲି ଓ ଡେଙ୍ଗସର୍ଗୀ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ପିଏଚ୍‌ଡି ବିଭାଗର ମନମୁଖିଆ କାମ ପାଇଁ ଗ୍ରାମବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର କହିବା ପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଶୁକ୍ରବାର ଶତାଧିକ ମହିଳା ପୁରୁଷ ଡେଙ୍ଗସର୍ଗୀ-ବରେଇପାଲି ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତାରେ ବସି ନ୍ୟାୟ ଦାବି କରି ରାସ୍ତାକୁ ପ୍ରାୟ ଦେଢ ଘଣ୍ଟା ଅବରୋଧ କରିଥିଲେ। ଫଳରେ ଶହଶହ ଗାଡ଼ି ଅଟକି ରହିଥିଲା।ସୂଚନା ଅନୁସାରେ ପିଏଚ୍‌ଡି ପକ୍ଷରୁ ବରେଇପାଲିରୁ ଡେଙ୍ଗସର୍ଗୀ ଆଡ଼କୁ ଯାଇଥିବା ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଉଛି। ପ୍ରାୟ ୩ ମାସ ହେଲାଣି ଉଭୟ ପାର୍ଶ୍ୱରୁ ଜବରଦଖଲ ମଧ୍ୟ ହଟାଯାଇଛି। କିନ୍ତୁ ଡ୍ରେନ କାମ କରୁଥିବା ଠିକା ସଂସ୍ଥାର ମନମୁଖିଆ କାମ ପାଇଁ ଜଣଙ୍କ ଘର କାନ୍ଥ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଜବରଦଖଲ ହଟାଇବା ପରେ ପାଇପ ପାଣି ସବୁବେଳେ ଛକରେ ଜମା ହେଉଛି। ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ କେହିଶୁଣୁନାହନ୍ତି। ଗତକାଲି ସନ୍ଧ୍ୟାରେ ଡ୍ରେନ ପାଇଁ ଗାତ ଖୋଳାଯାଇଥିଲା। ସକାଳୁ ପିଏଚ୍‌ଡି ପାଣି ଆସି ଛକ ମୁହଁରେ ଥିବା ଶମ୍ଭୁନାଥ ସିଂହଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ପ୍ରଶାସନକୁ ସହଯୋଗ କରି ଗ୍ରାମବାସୀ ଜବରଦଖଲ ହଟାଇବାରେ ସହଯୋଗ କରିଥିଲେ।ଡ୍ରେନନିର୍ମାଣ କାର୍ଯ୍ୟକୁ ମଧ୍ୟ ସେମାନେ ସ୍ୱାଗତ କରୁଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଡ୍ରେନ ନିର୍ମାଣ କାର୍ଯ୍ୟ କୌଣସି ଆରମ୍ଭ ପଏଣ୍ଟ କିମ୍ବା ଶେଷ ପଏଣ୍ଟରୁ ଆରମ୍ଭ ହୋଇଥାଏ। କିନ୍ତୁ ଠିକା ସଂସ୍ଥା ମନମୁଖିଆ ଭାବେ ମଝିରୁ କାମ ଆରମ୍ଭ କରୁଛି। ମାଷ୍ଟର ଡ୍ରେନ କେଉଁ ଯାହାରେ ସଂଯୋଗ କରିବା ତାର ମଧ୍ୟ ଉତ୍ତର ଦେଇ ପାରୁନାହିଁ। ଯାହା ଫଳରେ ଏସମସ୍ୟା ଦେଖାଯାଉଛି। ସେପଟେ ପିଏଚଡି ଅଧିକାରୀ ପହଞ୍ଚି ବୁଝାସୁଝା ପରେ ଲୋକେ ଆନ୍ଦୋଳନରୁ ଓହରି ଥିଲେ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁଧିର ଅଗ୍ରୱାଲ, ରଜତ, ସନ୍ତୋଷ ସାହୁ, ମନୋଜ ସିଂ, ସୁନୀଲ ଓରାମ, ମିମାଂଶା ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଡିପିଏସ୍‌ରେ ବାର୍ଷିକ ଆଥଲେଟିକ୍ ମିଟ୍



**ସମ୍ବଲପୁର, ୧୨।୧୨(ସମିସ):** ଶାସନ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ରେ ଦୁଇ ଦିନ ଧରି ଡିସେମ୍ବର ୫ ଏବଂ ୬ ତାରିଖରେ ବାର୍ଷିକ ଆଥଲେଟିକ୍ ମିଟ୍ ୨୦୨୫-୨୬ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ ମୁଖ୍ୟ ଅତିଥିଭାବେ ଶାସନ ଥାନା ଆଇଆଇସି ପ୍ରବୀଣ କେଶରୀ ତ୍ରିପାଠୀ ଏବଂ ଦ୍ୱିତୀୟ ଦିନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜତିନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଏବଂ କୃଷକ ନେତା ବିଭୁ ପଟ୍ଟନାୟକ, ପି.ଟି.ଏ. ସଦସ୍ୟ ମାନସ ଦାସ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଶ୍ରାବଣୀ ଜାନକର, ସତ୍ୟମ ନାଏକ, ସସ୍ମିତା ଡାଙ୍ଗ, ଅଙ୍କିତ ଭୋଇ ବିଭିନ୍ନ ବର୍ଗରେ ଚାମ୍ପିଅନ ହୋଇଥିଲେ। କ୍ରୀଡା ଶିକ୍ଷକ ଗିରିଶ ଏବଂ କ୍ରୀଡା ମ୍ୟାଡମ ଜ୍ୟୋତି ଖେଳ ପରିଚାଳନା କରିଥିଲେ। ପ୍ରିନ୍ସିପାଲ୍ ସୁଜାତା ଲେଙ୍କା ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜିଲ୍ଲାସ୍ତରୀୟ ଫଟାଫଟ୍ କ୍ରିକେଟ୍ ପ୍ରତିଯୋଗିତା

**ସମ୍ବଲପୁର, ୧୨।୧୨ (ସମିସ) :** ସ୍ଥାନୀୟ କମିଶନର କଲୋନୀ କ୍ରିକେଟ କ୍ଲବ (ଫୋର୍-ସି) ପଡ଼ିଆରେ ବ୍ଲୁଡାଇମଣ୍ଡ କ୍ଲବ ପକ୍ଷରୁ ଜିଲ୍ଲାସ୍ତରୀୟ ଜୁନିଅର ଅଣ୍ଡର ୧୬ ଓ ଅଣ୍ଡର ୧୯ ଫଟାଫଟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ବିଜେପି ନେତା ଡଃ ପ୍ରମୋଦ ରଥ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ଟି କ୍ରିକେଟ ଦଳ ଭାଗ ନେଇଛନ୍ତି। ଏହାର ଫାଇନାଲ ଖେଳ ଆସନ୍ତା ୧୪ ତାରିଖରେ ହେବ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ବିଜେପି ନେତା ଗିରିଶ ପଟେଲ, ମୁନୁ ସିଂଦେଓ, ମନୋଜ ପଣ୍ଡା, ରାଜା ବରାଳ, ଅବଦୁଲ ଗଫାର, ମହମ୍ମଦ ସିରାଜ, ଅହମ୍ମଦ, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବ୍ଲୁଡାଇମଣ୍ଡ କ୍ଲବର ସୟଦ ଜିନ୍ଦା ଏବଂ କ୍ଲବର ସଭ୍ୟମାନେ ପରିଚାଳନା କରିଥିଲେ।



## ପୋଲରୁ ଡେଇଁଲେ ନାବାଳିକା ପ୍ରେମିକା

**ସମ୍ବଲପୁର, ୧୨।୧୨(ସମିସ):** ପ୍ରେମିକର ପ୍ରତାରଣା ପାଇଁ ଜଣେ ନାବାଳିକା ପ୍ରେମିକା ପୋଲ ତଳକୁ ଡେଇଁଛନ୍ତି। ଭାଗ୍ୟବସତଃ ପ୍ରାଣ ଯାଇ ନାହି। ସହର ମଧ୍ୟରେ ଥିବା ଏକ ସ୍କୁଲରେ ଛାତ୍ରୀ ଜଣକ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ପ୍ରେମିକର ପ୍ରତାରଣା ସହ୍ୟ ନ କରି ପାରି ଦାନୀପାଲି ରାମଚଣ୍ଡି ମନ୍ଦିର ପାଖରେ ଥିବା ପୁଲିଆ ତଳକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ପରିବାର ଲୋକ ସହାୟତାରେ ଏକ ନର୍ସିଂ ହୋମରେ ଚିକିତ୍ସା କରୁଛନ୍ତି। ମେରୁଦଣ୍ଡ ଭାଙ୍ଗି ଯାଇଥିବା ସୂଚନା ରହିଛି।

## କେବେ ବଢ଼ିବ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ଦରମା ଓ ଭତ୍ତା

**କେସିଙ୍ଗା, ୧୨।୧୨(ସମିସ):** ନୂତନ ସରକାର କ୍ଷମତା ରେ ଆସିବା ପରେ ଓଡ଼ିଶାବାସୀ ଭାବୁଥିଲେ ଏବେ ଆଉ କୌଣସି ଅସୁବିଧା ରହିବ ନାହିଁ ଯାହାବି ସହରରେ ହେଉ କିମ୍ବା ଗ୍ରାମାଞ୍ଚଳରେ ସମସ୍ୟା ରହିଛି ଡବଲ ଇଞ୍ଜିନ ସମସ୍ତ ସମସ୍ୟାକୁ ସମାଧାନ କରିବ। ହେଲେ ନୂତନ ସରକାର କ୍ଷମତାରେ ଆସିବାର ପ୍ରାୟ ୨୦ ମାସ ବିତି ଗଲାଣି ହେଲେ ରଙ୍ଗ ବଦଳା କାମ ସରିନି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ବିଧାନସଭାର ଶୀତ ଅଧିବେଶନ ବିଧାନସଭାରେ ବସି ନିଜ ଅଞ୍ଚଳର ସମସ୍ୟା କଥା ନଉଠାଇ ନିଜର ଦରମା ତିନି ଗୁଣା ବଢ଼ାଇଲେ। ହେଲେ ତଳ ସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ଦରମା କେବେ ବଢ଼ିବ ବୋଲି ନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ କରିଛନ୍ତି। ଯାହାବି ହେଉ ବିଜେଡି ସରକାର ଅମଳରେ ତଳିଆ ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ହୋଇଥିଲା। ଆଗରୁ ସରପଞ୍ଚମାନେ ମାସକୁ ୨୩୫୦ ଟଙ୍କା ପାଉ ଥିଲେ ପରେ ତାଙ୍କୁ ୧୦ ହଜାର ଟଙ୍କା କରାଗଲା, ନାଏବ ସରପଞ୍ଚଙ୍କ ଦରମା ୯୪୦ ଟଙ୍କାରୁ ୪ ହଜାର କରାଗଲା, ସେମିତି ପଞ୍ଚାୟତ ସମିତି ଅଧକ୍ଷଙ୍କ ଦରମା ୩୫୩୦ ଟଙ୍କାରୁ ୧୫ ହଜାର ହେଲା ସମିତି ସଭ୍ୟଙ୍କ ଦରମା ୨୩୫୦ ଟଙ୍କାରୁ ୭୫୦୦ ଟଙ୍କା କରାଗଲା। ୱାର୍ଡ ମେମ୍ବରଙ୍କୁ ଗୋଟିଏ ବୈଠକ ପାଇଁ ୪୮୦ ଟଙ୍କାର ବର୍ଦ୍ଧିତ ବ୍ୟବସ୍ଥା ବିଜେଡି ସରକାର ଅମଳରେ ହୋଇଥିଲା। ମନ୍ତ୍ରୀ, ବିଧାୟକମାନେ ନିଜର ଦରମା ବଢ଼ାଇଲେ ହେଲେ ତଳସ୍ତରର ନିର୍ବାଚିତ ପ୍ରତିନିଧିଙ୍କୁ କେମିତି ଭୁଲିଗଲେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ




**କୁଚିଣ୍ଡା, ୧୨।୧୨ (ସମିସ):** ବାମରା ବ୍ଲକ ଗଡ଼ପୋଷସ୍ଥିତ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଚାରି ଦିବସୀୟ ବାର୍ଷିକ କ୍ରିଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର କ୍ରିଡ଼ା ଆୟୋଜିତ ହୋଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାନେତ୍ରୀ କୁମୋଦିନୀ ନାୟକ ଯୋଗ ଦେଇ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ, ଏବିଇଓ ହୃଦାନନ୍ଦ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସାମ୍ବାଦିକ ସତୀଶ ମିଶ୍ର, ସରପଞ୍ଚ ପୁଷ୍ପା ତିର୍କୀ, ଏସଏମସି ଅଧ୍ୟକ୍ଷ ଦିନେଶ ଶର୍ମା ଓ ଅଲୁମିନି ସଭାପତି ଅନୁ୍ୟଲ ଅଗ୍ରୱାଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଭାତୀ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଶିକ୍ଷୟିତ୍ରୀ ତରଙ୍ଗିଣୀ ନାଏକ ମଞ୍ଚ ପରିଚାଳନା ଓ ଶିକ୍ଷକ ଅରବିନ୍ଦ କୁମ୍ଭାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଲରପଙ୍କ କପ୍ ଉଦ୍‌ଘାଟିତ



**ସମ୍ବଲପୁର, ୧୨।୧୨(ସମିସ):** ଶୁକ୍ରବାର ୨୬ତମ ଲରପଙ୍କ କପ୍ ଉଦଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜି ପ୍ରଥମ ଦିବସରେ ୮ଟି ଦଳ ଖେଳିଥିଲେ। ଲରପଙ୍କ ଶକ୍ତି କ୍ଲବ ଓ ଜିଏସ୍ କ୍ଲବ୍ ରାନୀବନ୍ଧ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟକୁ ବୁର୍ଲା ଗୁହୀରା ବାବା ସୁରେନ୍ଦ୍ରନାଥ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଉପଦେଷ୍ଟା ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସୀମା ଗୌଡ଼, ବିଶିକେଶନ ଓରାମ, ରଞ୍ଜିତ ଓରାମ, ବୁଲୁ ନାଏକ, ସନ୍ତୋଷ ଓରାମ, ମଣ୍ଟୁ ନାଏକ, ଜଗତ ଚୌହାନ, ରିଙ୍କୁ ନାଏକ, ଲାଲବାବୁ ସାହାଣୀ, ସନ୍ତୋଷ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋଲୋ ଓରାମ, ଚିକୁ ବଡ଼ପଣ୍ଡା, ଆନନ୍ଦ ମିର୍ଦ୍ଧା, ଯୋଗେନ୍ଦ୍ର ଓରାମ, ରାଜାରାମ ଓରାମ, ପରେଶ ଭୋଇ, ଲୋକେଶ କରାଲୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ନିତ୍ୟାନନ୍ଦ ବେହେରା ଓ ବୁଲୁ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

# ରଘୁନାଥପାଲି ରାହାସ ଯାତ୍ରା ସମ୍ପନ୍ନ

**କୁଚିଣ୍ଡା, ୧୨। ୧୨(ସମିସ):** ବାମରା ବ୍ଲକ କୁଟାରିମାଲ ପଞ୍ଚାୟତ ରଘୁନାଥପାଲି ଗ୍ରାମରେ ଚାଲିଥିବା ରାହାସ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଗୌନ୍ତିଆଙ୍କ ଘରୁ ରାଧାକୃଷ୍ଣଙ୍କ ଅସ୍ଥାୟୀ ବିଗ୍ରହକୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା କରି, ପରେ ଭଜନ କୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଯାତ୍ରାମଣ୍ଡପ ପର୍ଯ୍ୟନ୍ତ ଯାଇ ସ୍ଥାପନ କରାଯାଇଥିଲା। ସେଠାରେ କୁଟାରିମାଲର ପୁରୋହିତ ଗୌରାଙ୍ଗ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲ। ଏହି ଅବସରରେ ନୃତ୍ୟଗୀତ ସମେତ ମେଲୋଡି, ପାଲା, ନାଟକ ଆଦି ପରିବେଷଣ କରାଯାଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ପାଇଁ ଶହ ଶହ ସଂଖ୍ୟାରେ ଦର୍ଶକ ରୁଣ୍ଡ ହୋଇଥିଲେ। ଗୁରୁବାର ରାତି ୧୦ ଟାରେ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି।

## ହାଡ଼ଭଙ୍ଗା ଜାଡ଼ରେ ଥରୁଛି ଲାଞ୍ଜିଗଡ଼

# ପାରଦ ୭ ଡିଗ୍ରୀ ତଳକୁ ଖସିଲା



**ଲାଞ୍ଜିଗଡ଼, ୧୨।୧୨ (ସମିସ):** ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଗତ ସପ୍ତାହରୁ ପାରଦ ୭ ଡିଗ୍ରି ତଳକୁ ଆସିବା ଫଳରେ ଅଞ୍ଚଳରେ ଦିନକୁ ଦିନ ହାଡ଼ଭଙ୍ଗା ଶୀତର ପ୍ରକୋପ ବଢୁଛି। ସାଧାରଣ ଜନଜୀବନ ଏବେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହାରି ଭିତରେ ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ସ୍ଥାନେ ସ୍ଥାନେ ତୁଷାରପାତ ଦେଖିବାକୁ ମିଳୁଛି। ପ୍ରବଳ ଥଣ୍ଡା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଖରା ଆସିଲେ ମଧ୍ୟ ଦିନ ତମାମ ଶୀତ ହେଉଥିବା ବେଳେ ସଞ୍ଜ ନଇଁଲେ ତାପମାତ୍ରା ହ୍ରାସ ପାଉଛି ଯାହାଫଳରେ ରାତି ତମାମ ଶୀତ ରାଜୁତି କରୁଛି। ଶୀତର ପ୍ରକୋପ ଯୋଗୁଁ ରାସ୍ତାଘାଟ ସବୁ ଶୂନଶାନ ହେଇ ଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଗାଁରେ ତଥା ରାସ୍ତା କଡ଼ମାନଙ୍କରେ ଲୋକେ ସ୍ଥାନେ ସ୍ଥାନେ ନିଆଁ ପୋଇଁବାର ଦୃଶ୍ୟ ଦେଖିବାକୁ ମିଳୁଛି। ବସଷ୍ଟପ୍, ପଦାରେ ଆଶ୍ରୟ ନେଉଥିବା ଯାତ୍ରୀ, ଭିକାରୀମାନଙ୍କ ଜୀବନ ହାଡ଼ଭଙ୍ଗା ଶୀତ ଯୋଗୁଁ ବିପନ୍ନ ହୋଇପଡୁଛି। ଅସହାୟ ବୃଦ୍ଧବୃଦ୍ଧାମାନେ ଶୀତ ଯୋଗୁଁ ଚିନ୍ତାରେ ରହିଥିବା ବେଳେ ବ୍ୟବସାୟୀ ତଥା ଦୋକାନୀମାନେ ମଧ୍ୟ ସକାଳ ୯ ଟା ପରେ ଦୋକାନ ବଜାର ଖୋଲି ସନ୍ଧ୍ୟା ୮ଟା ପୂର୍ବରୁ ଦୋକାନ ବଜାର ବନ୍ଦ କରୁଥିବା ଦେଖିବାକୁ ମିଳୁଛି। ତେବେ ଗତ ବର୍ଷ ଏହି ସମୟରେ ରାଜ୍ୟ ସରକାର ବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ସମେତ କମ୍ବଳ ପାଇଁ ମଧ୍ୟ ଟଙ୍କା ପ୍ରଦାନ କରିଥିଲେ କିନ୍ତୁ ଚଳିତ ବର୍ଷ ସରକାର ବୃଦ୍ଧବୃଦ୍ଧା ମାନଙ୍କୁ ଭୁଲି ଯାଇଛନ୍ତି। ବୟସ୍କଙ୍କୁ ତୁରନ୍ତ କମ୍ବଳ ପ୍ରଦାନ କରିବାକୁ ଦାବି ହେଉଛି।

## ଅମୃତଲାଲ ସାହୁଙ୍କୁ କଲମଶ୍ରୀ ସମ୍ମାନ

# ସମ୍ବଲପୁରୀ ବହି ହାଟ୍ ଉଦ୍‌ଘାଟିତ

**ସମ୍ବଲପୁର, ୧୨।୧୨ (ସମିସ)**



ଓଡ଼ିଆ ସାହିତ୍ୟ ଏକାଡେମୀ ଓ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ତୃତୀୟ ସମ୍ବଲପୁରୀ ବହି ହାଟ୍ ଆଜି ପୂର୍ବାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଲେଖକ ଉଦାର ହୁଅନ୍ତୁ, ଗୋଟିଏ ଲେଖାର ଉଚିତ୍ ସମୀକ୍ଷା ପାଇଁ ଲେଖକର ଚିନ୍ତା ଓ ଚେତନା ବ୍ୟାପକ ହେବା ସଙ୍ଗେ ସଙ୍ଗେ ହୃଦୟ ଉଦାର ହେବା ବାଞ୍ଛନୀୟ। ଗଭୀର ଅଧ୍ୟୟନ ବିନା ସମାଲୋଚନା ସାହିତ୍ୟ ସମ୍ଭବ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାଂସ୍କୃତିକ ସମାଜସ୍ଥିତ ପ୍ରେକ୍ଷାଳୟରେ ସମ୍ବଲପୁରୀ ବହି ହାଟ୍ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଅମୃତଲାଲ ସାହୁ ଯୋଗ ଦେଇଥିଲେ। ସମ୍ବଲପୁରରୁ ତାଙ୍କୁ ସମ୍ବଲପୁରୀ ସାହିତ୍ୟିକ ଭାବେ ପ୍ରଥମ ସ୍ୱୀକୃତି ଓ ସମ୍ମାନ ମିଳିଥିଲା ବୋଲି ପ୍ରକାଶ କରିବାସହ ସମ୍ବଲପୁର ମାଟିକୁ କୃତଜ୍ଞତା ଜଣାଇଥିଲେ। କଲମ ଅନୁଷ୍ଠାନର ସଭାପତି ତଫିଜୁଲ ହୁସେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଡଃ ପ୍ରଦୀପ କୁମାର ପଣ୍ଡା, ପ୍ରଫେସର ମୋହନ ସାହୁ, ବରିଷ୍ଠ ସାମ୍ବାଦିକ ଶ୍ୱେତ କୁମାର ପ୍ରଧାନ, କଲମ ସମ୍ପାଦକ କ୍ଷେତ୍ରମଣି ବିଭାର, ଉପସଭାପତି ଜୟକୃଷ୍ଣ ବେହେରା, ସହସମ୍ପାଦକ ଡଃ ସତ୍ୟନାରାୟଣ ଠାକୁର, ଓଡ଼ିଶା ସାଂସ୍କୃତିକ ସମାଜର ସମ୍ପାଦକ ଦୀନବନ୍ଧୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାହିତ୍ୟିକ ଅମୃତଲାଲ ସାହୁଙ୍କୁ କଲମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଉଦ୍‌ଘାଟନ ପରେ 'ସମ୍ବଲପୁରୀ ଭାଷାଥି ଆଲୋଚନା ଆର୍ ସମାଲୋଚନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ଡଃ ଦ୍ୱାରିକାନାଥ ନାୟକ, ଐତିହାସିକ ଶଶାଙ୍କ ଶେଖର ପଣ୍ଡା, ପ୍ରଫେସର ମୋହନ ସାହୁ ଯୋଗଦେଇ ସମ୍ବଲପୁରୀ ସାହିତ୍ୟରେ ସମାଲୋଚନା ସାହିତ୍ୟର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ଗ୍ରନ୍ଥାବଳୀ ଗୁଡ଼ିକର ମଧ୍ୟ ଆଲୋଚନା ହେବାକଥା ବୋଲି ମତପ୍ରକାଶ ପାଇଥିଲା। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଡଃ ସତ୍ୟନାରାୟଣ ଠାକୁର ଓ ଅନ୍ୟନ୍ୟା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗୀର ଓ ସୋନପୁରରୁ ଆସିଥିବା ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ଲକ୍ଷ୍ମୀନାରାୟଣ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଗୁରୁ ତ୍ରିଲୋଚନ ତ୍ରିପାଠୀ ଏବଂ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ତୃତୀୟ ସମ୍ବଲପୁରୀ ବହି ହାଟ୍‌ରେ ସୋହେଲାର ଶିଳ୍ପ ବିକାଶ, ବରଗଡ଼ର ସମ୍ବଲପୁରୀ ଗୁଚ୍ଛା, ସମ୍ବଲପୁରର ଦୀପକ କୁମାର ପଣ୍ଡା ପ୍ରକାଶନୀ, ଅକ୍ଷର ଅନୁଷ୍ଠାନ, ସୁଖିଦୁଖି ପବ୍ଲିକେଶନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସମ୍ବଲପୁରୀ ବହି ବିକ୍ରୟ ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷରେ ଜିଲ୍ଲା ରେଡ଼କ୍ରସ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ରେଢ଼ାଖୋଲ, ୧୨।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତସ୍ଥିତ ସ୍ୱାମୀ ହରିହରାନନ୍ଦ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଦିନ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲୁହାପଙ୍କ ପଞ୍ଚାୟତ ସରପଞ୍ଚ ଚିନ୍ମୟୀ ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ କ୍ଲଷ୍ଟର ସଂଯୋଜକ ସୁଜିତ କୁମାର ଭୋଇ ଯୋଗ ଦେଇ କ୍ରୀଡା ଉତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଦୌଡ ପ୍ରତିଯୋଗୀତା, ହାଇଜମ୍ପ, ଲଙ୍ଗଜମ୍ପ ଆଦି ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଉତ୍ସବର ଉଦଯାପନୀ ଦିବସରେ ଚିନ୍ମୟୀ ପ୍ରଧାନ, ଜିତେନ୍ ହେମ୍ବ୍ରମ, ସିଆରସିସି ସୁଜିତ କୁମାର ଭୋଇ, ପିଣ୍ଟୁ ପ୍ରଧାନ ଓ କୈବର୍ତ୍ତ ସାହୁ ପ୍ରମୁଖ ଅତିଥିଗଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ରୀଡା ଉତ୍ସବରେ ସଭାପତିତ୍ୱ କରିଥିଲେ। କଠିନ ପରିଶ୍ରମ ଓ ନିରନ୍ତର ଉଦ୍ୟମ ବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସ୍ୱାମୀ ହରିହରା ନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସଫଳତା ଏମିତି ହଠାତ୍ ଆସେ ନାହିଁ। ଏଥିପାଇଁ ଲୋଡ଼ା ଶିକ୍ଷା, କଠିନ ପରିଶ୍ରମ, ସମର୍ପଣ ଓ କର୍ମ ପ୍ରତି ଭଲ ପାଇବାର ସଂକଳ୍ପ।
-ପେଲେ

## ରହସ୍ୟମୟ ଫେରାର୍

ଗୋଆ ନାଇଟକ୍ଲବ୍ ବିର୍ଚରେ ଘଟିଥିବା ଲୋମହର୍ଷକ ହୃଦୟବିଦାରକ ଅଗ୍ନିକାଣ୍ଡ ଏଥିମଧ୍ୟରେ ଏକ ସପ୍ତାହ ଅତିକ୍ରମ କରିଗଲାଣି। ଏଥିରେ ମୃତକଙ୍କ ସଂଖ୍ୟା ୨୫ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣା ସମଗ୍ର ଦେଶବାସୀଙ୍କ ମନରେ ବିଷାଦର ଛାୟା ଖେଳାଇ ଦେଇଛି। ଏହି ଦୁର୍ଘଟଣାର କାରଣ ଓ ନିରାକଣ ସଂପର୍କରେ ଚାଲିଥିବା ତର୍ଜମାରୁ ସ୍ପଷ୍ଟ ହୋଇଛି ଯେ ସେଠାରେ ଅଗ୍ନି ନିରୋଧକ ବ୍ୟବସ୍ଥା ନଥିଲା। କେବଳ ସେତିକି ନୁହେଁ ପ୍ରସ୍ଥାନ ପଥ ଏତେ ସଂକୀର୍ଣ୍ଣ ଥିଲା ଯେ ଅଘଟଣରୁ ମୁକ୍ତି ପାଇଁ ଅନ୍ତେବାସୀଙ୍କ ମୁକ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା। ଏହି ଅଗ୍ନିକାଣ୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଦିଲ୍ଲୀରେ ଅବସ୍ଥାନ କରୁଥିବା ନାଇଟ୍‌କ୍ଲବ୍‌ର ଦୁଇମାଲିକ ସୌରଭ ଓ ଗୌରବ ଲୁଥ୍ରା ଘଟଣା ଘଟିବାର ୫ ଘଣ୍ଟା ମଧ୍ୟରେ ପୁଲିସର ଗିରଫଦାରୀକୁ ଏଡ଼ାଇ ଦେଶ ଛାଡ଼ି ଚାଲିଯିବାକୁ ସମର୍ଥ ହୋଇଛନ୍ତି। ଏହା ପ୍ରଶାସନର ଦୋଷ ଦୁର୍ବଳତା ନା ଉଦ୍ଦେଶ୍ୟ ପ୍ରଣୋଦିତ ସୁଯୋଗ ସୃଷ୍ଟି ସେନେଇ ଏବେଠାରୁ କିଛି ମତାମତ ଦେବା ଠିକ୍ ହେବ ନାହିଁ। ତେବେ ଲୁଥ୍ରାଭ୍ରାତାଙ୍କ ରହସ୍ୟମୟ ଉଡାନ ଯେ ଅକ୍ଷମଣୀୟ ଏକଥା ସତ।

ଏହି ଅଗ୍ନିକାଣ୍ଡର ଘଟଣାକ୍ରମକୁ ଅନୁଧାନ କଲେ ମନେ ହୁଏ, ବୁଝାମଣାରେ ନାଇଟ୍‌କ୍ଲବ୍ ବେପାର ଚାଲିଥିଲା। ଯେଉଁ ଜମି ଉପରେ ଏହାର ଇମାରତ ଗଢ଼ି ଉଠିଥିଲା ତାହା ସରକାରୀ ନକ୍ସାରେ ଶିକ୍ଷାନୁଷ୍ଠାନ ସକାଶେ ଉଦ୍ଦିଷ୍ଟ ଥିଲା ଓ ଲୁଥ୍ରାଭ୍ରାତାଙ୍କ ଚାପରେ ଏହା ପରିବର୍ତ୍ତନ କରାଯାଇଥିଲା। ଏପରିକି ବିର୍ଚ ନାଇଟକ୍ଲବ୍‌ର ଲାଇସେନ୍ସକୁ ନେଇ ମଧ୍ୟ ମତଭେଦ ରହିଛି। ଏଥିରୁ ସ୍ପଷ୍ଟ ଯେ ପ୍ରଭାବଶାଳୀ ଲୋକଙ୍କ ସାହାଯ୍ୟ ଓ ସମର୍ଥନରେ ଦୁଇଭାଇ ନିରଙ୍କୁଶ ବେପାର ଚଳାଇଥିଲେ। ଏପରିକି ସେମାନଙ୍କୁ ଦେଶଛାଡ଼ି ଚାଲିଯିବା ସକାଶେ ସୁଯୋଗ ଦିଆଯାଇଛି। ବଡ଼ବଡ଼ିଆଙ୍କ ମହଲରେ ଆତଯାତ ଥିବା ସୌରଭ ଓ ଗୌରବଙ୍କ ପତ୍ତା ଓ ଠିକଣା ଗୋଆ ପୁଲିସ ନିକଟରେ ଯେ ନଥିଲା ଏକଥା ନୁହେଁ। ଡିସେମ୍ବର ୭ ତାରିଖ ରାତି ୧୨ଟାରେ ଏହି ଦୁର୍ଘଟଣା ସଂପର୍କରେ ପୁଲିସ ଅବଗତ ଥିଲା। ଗୋଆ ଡିଜିପି ଚାହିଁଥିଲେ ତୁରନ୍ତ ଦିଲ୍ଲୀ ପ୍ରତିପକ୍ଷଙ୍କୁ ଅବଗତ କରାଇ ଲୁଥ୍ରାଭାତାଙ୍କୁ ଗିରଫ କରିବାରେ କିଛି ଅସୁବିଧା ହୋଇନଥାନ୍ତା। ଦେଶରେ ଇଣ୍ଡିଗୋ ବିମାନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିଲ୍ଲୀ ବିମାନ ବନ୍ଦରରୁ ଦୁଇ ଭାଇ ସୀମିତ ସମୟ ମଧ୍ୟରେ ଥାଇଲାଣ୍ଡ ଟିକଟ, ଇମିଗ୍ରେସନ କ୍ଲିୟରାନ୍ସ, ସୁରକ୍ଷାଗତ ସମସ୍ତ ସୁବିଧା ହାସଲ କରି କିଭିଳି ଥାଇଲାଣ୍ଡ ଯାତ୍ରା କରିପାରିଲେ ତାହା ଯେ କୌଣସି ଲୋକକୁ ଚକିତ କରିବ। ସବୁର ଉର୍ଦ୍ଧ୍ୱରେ ସେମାନେ ଭିଆଇପି ନୁହନ୍ତି ଅପରାଧୀ। ଲୁଥ୍ରାଭ୍ରାତାଙ୍କ ଅନ୍ୟତମ ସହଯୋଗୀ ଅଜୟ ଗୁପ୍ତାଙ୍କ ସମେତ ୬ ଜଣଙ୍କୁ ଏଥିମଧ୍ୟରେ ଗିରଫ କରାଯାଇଛି। ଥାଇଲାଣ୍ଡ ପଳାୟନ କରିଥିବା ଦୁଇ ଭାଇଙ୍କ ବିରୋଧରେ ଇଣ୍ଟରପୋଲ ବ୍ଲୁକର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ଏହା ଛଡ଼ା ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ସେମାନଙ୍କ ବିରୋଧରେ ଅଛି। ଆମର ଏଠାରେ କହିବାର କଥା ହେଲା, ଅପରାଧର ଗୁରୁତ୍ୱ ନିର୍ବିଶେଷରେ ପ୍ରଭାବଶାଳୀ ଅପରାଧୀ ଦେଶର ଆଇନକାନୁନ୍‌କୁ ଏଡ଼ାଇଯାଇ ଦେଶଛାଡ଼ି ଚାଲିଯିବାକୁ ସମର୍ଥ ହେଉଛନ୍ତି। ଯାହାକି ଚିନ୍ତାର ବିଷୟ ପାଲଟଇଛି। ●

## କହିଦେଉଥାଏ ପରକୁ...

ଚଳିତ ଶୀତକାଳୀନ ବିଧାନସଭା ଅଧିବେଶନ ବିଭିନ୍ନ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଉଲ୍ଲେଖ କରି ଜନପ୍ରତିନିଧିଙ୍କୁ ଆଚରଣଗତ ଶୃଙ୍ଖଳା ରକ୍ଷା କରିବା ସହ ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇଥିଲେ। ଏସବୁ ସତ୍ତ୍ୱେ ବିଜେପି ବିଧାୟକ ସନ୍ତୋଷ ଖୁଣ୍ଟିଆ ଆଦୌ ପ୍ରାସଙ୍ଗିକତା ନଥିଲେ ମଧ୍ୟ ମହାତ୍ମାଗାନ୍ଧିଙ୍କୁ ଆଲୋଚନା ପରିସରକୁ ଟାଣିଆଣି ତାଙ୍କ ସଂପର୍କରେ ଯେଉଁ ନାକରାତ୍ମକ ମନ୍ତବ୍ୟ ଦେଲେ ତାହା ବିଧାନସଭା ମର୍ଯ୍ୟାଦା ଉଲ୍ଲଂଘନ କେବଳ ନୁହେଁ ଏକ କଳା ଅଧ୍ୟାୟ ସୃଷ୍ଟି କରିଛି କହିଲେ ଭୁଲ ହେବନି। ତାଙ୍କର ଏହି ଆଚରଣ ପାଇଁ ସରକାର ଅପଦସ୍ଥ ହେଲେ ଓ ଗୃହର ବିବରଣୀରୁ ସେହି ମନ୍ତବ୍ୟ ବାଦ ଦିଆଗଲା। ଏପରିକି ବିଧାୟକଙ୍କ ମନ୍ତବ୍ୟକୁ ସରକାର ନିନ୍ଦା କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଦିଆଯାଇଥିବା ସୁଚିନ୍ତିତ ପରାମର୍ଶର କୌଣସି ପ୍ରଭାବ ଅନୁଭୂତ ହୋଇନଥିଲା ବିଧାୟକଙ୍କ ଆଚରଣରେ।

ଚଳିତ ବିଧାନସଭା ନିର୍ଦ୍ଧାରିତ ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଗଲା। କାରଣ ସ୍ୱରୂପ କୁହାଯାଇଛି ଯେ କୌଣସି ସରକାରୀ କାର୍ଯ୍ୟନଥିବାରୁ ଗୃହକୁ ମୁଲତବୀ ରଖାଗଲା। ପୂର୍ବବର୍ଷ ମଧ୍ୟ ୧୬ ଦିନ ପୂର୍ବରୁ ଅଧିବେଶନ ବନ୍ଦ କରି ଦିଆଯାଇଥିଲା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଚଳିତ ଅଧିବେଶନରେ ବିରୋଧୀଦଳର ଅଭୂତପୂର୍ବ ସହଯୋଗ ସହ ଗୋଟିଏ ଦିନ ପାଇଁ ଗୃହକୁ ଅଚଳ କରିନାହାନ୍ତି। ବିଧାନସଭାରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଓ ଖର୍ଚ୍ଚଦାବି ଆଲୋନା ସବୁ ସୁରୁଖୁରୁରେ ଚାଲିଥିଲା। ବରିଷ୍ଠ କନିଷ୍ଠ ନିର୍ବିଶେଷରେ ବିଧାୟକଙ୍କୁ ଅଂଶ ଗ୍ରହଣ ଓ ଆଲୋଚନାରେ ଭାଗନେବାକୁ ସୁଯୋଗ ମିଳିଥିଲା। ଏତେ ଅନୁକୂଳ ପରିସ୍ଥିତି ଓ ପରିବେଶ ସତ୍ତ୍ୱେ ସରକାରଙ୍କୁ ୧୮ ଟି କାର୍ଯ୍ୟ ଦିନର ପୂର୍ବରୁ ଅଧିବେଶନ ଶେଷ କରିବାକୁ ପଡିଲା କାହିଁକି? ବିଧାନସଭା କାର୍ଯ୍ୟବିଧି ଆଇନରେ ୧୭୭ ଧାରା ସଂଶୋଧନ ଶେଷ କରାଯାଇ ବର୍ଷକୁ ୬୦ ଦିନ ଗୃହକାର୍ଯ୍ୟ ଚାଲିବା ସକାଶେ ନିୟମ ପ୍ରସ୍ତୁତ ହୋଇଥିଲା। ଏଭଳି ଅନୁକୂଳ ପରିବେଶରେ ଯଦି ଗୃହକାର୍ଯ୍ୟ ୬୦ ଦିନ ଚାଲିନପାରୁଛି ତେବେ ପୁଣି ଏକ ସଂଶୋଧନ ମାଧ୍ୟମରେ ଏହି କାର୍ଯ୍ୟଦିବସକୁ ଆହୁରି ସଂକୁଚିତ କରାଯାଇପାରେ। ଆମେ ଏଠାରେ କେବେଳ କ୍ଷମତାସୀନ ଏବର ସରକାରଙ୍କ କଥା କହୁନୁ ପୂର୍ବ ସରକାର ମଧ୍ୟ ନିର୍ଦ୍ଧାରିତ ଦିନ ନିର୍ଘଣ୍ଟକୁ ପୂରଣ କରୁନଥିଲେ। ହେଲେ ସେତେବେଳର ବିରୋଧୀ ବିଜେପି କଟୁ ସମାଲୋଚନା କରିବା ସହ ସରକାର ପଳାୟନପନ୍ଥୀ ହୋଇ ଗୃହକୁ ଆଗୁଆ ମୁଲତବୀ ରଖୁଥିବାର ଅଭିଯୋଗ କରିଥିଲେ। ତେଣୁ ଏଠାରେ ଆମେ କହିବା 'କହି ଦେଉଥାଏ ପରକୁ ବୃଦ୍ଧି ନ ଦିଶଇ ଘରକୁ' ଚଳିତ ଅଧିବେଶନର ଅନ୍ୟ ଏକ ଦିଗ ହେଲା ମନ୍ତ୍ରୀ ଓ ବିଧାୟକଙ୍କ ବେତନ, ଭତ୍ତା ବୃଦ୍ଧି ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଛି। ଏହା ପୁଣି ୧୮ ମାସ ପିଛିଲା କାର୍ଯ୍ୟକାରୀ ହେବ ଏହି ବର୍ଦ୍ଧିତ ବେତନ ଭତ୍ତା ପ୍ରଚଳିତ ହାର ଠାରୁ ୩ ଗୁଣ ଅଧିକ। ବିଧାୟକଙ୍କ ମାସିକ ବେତନ ଭତ୍ତା ୩ ଲକ୍ଷ ୪୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ପେନସନ୍ ମଧ୍ୟ ୩୫ ହଜାରରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହା କୁଆଡେ ଦେଶର ସବୁ ବିଧାନସଭାରେ ପ୍ରଚଳିତ ବ୍ୟବସ୍ଥାକୁ ଟପିଛି। ଗୃହ ପରିଚାଳନାଠାରୁ ବେତନ – ଭତ୍ତା ନିର୍ଦ୍ଧାରଣ ପର୍ଯ୍ୟନ୍ତ ସବୁ ବୁଝାମଣା ଭିତ୍ତିରେ ଚାଲିଛି ଓ ଆଗକୁ ତାହା ଚାଲିବାକୁ ଦିଆଯାଉ। ହେଲେ ଗୃହ ଦିବସକୁ ସଂକୁଚିତ ନ କରି ରାଜ୍ୟବାସୀଙ୍କ ଅଭାବ –ଅସୁବିଧା ଓ ସମସ୍ୟା ସମାଧାନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉ। ●

# ପୁଟିନଙ୍କ ଭାରତ ଗସ୍ତର କୂଟନୀତିକ ଦିଗ

**ଡ. ସୁଶାନ୍ତ କୁମାର ପରିଡା**

ଭାରତ–ରୁଷ ସମ୍ପର୍କ ନେଇ ଆଜି ଯେତେ ଆଲୋଚନା ହେଉଛି, ସେହି ଚର୍ଚ୍ଚାର ମଝିରେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଭ୍ରମଣ ଏକ ନୂଆ ଅର୍ଥ ନେଇ ଆସିଛି। ଆଜିର ବିଶ୍ୱ ବ୍ୟବସ୍ଥାଟି ପୁରା ଅଲଗା, ଏକଧ୍ରୁବୀୟ ଆମେରିକୀୟ ନେତୃତ୍ୱ ହସ୍ତକ୍ଷୀଣ, ଚୀନର ଉତ୍ଥାନ, ୟୁରୋପର ସୁରକ୍ଷା ଚିନ୍ତା ଓ ରୁଷ-ୟୁକ୍ରେନ ଯୁଦ୍ଧରେ ନୂଆ ଅସ୍ଥିରତା-ଏସବୁରେ ଭାରତ ନିଜ ତୃତୀୟ ଆଖିରେ ଦେଖୁଛି ଜଗତକୁ। ଏହି ପରିପ୍ରେକ୍ଷୀରେ ପୁଟିନଙ୍କ ଭାରତ ଭ୍ରମଣ କେବଳ ଦୁଇ ଦେଶର କୂଟନୀତିକ ଆଦାନ-ପ୍ରଦାନ ନୁହେଁ; ଏହା ଏକ ଗଭୀର ସନ୍ଦେଶ-ଭାରତ ଓ ରୁଷ ଆଜି ମଧ୍ୟ ଏକାପରିକା ଓ ଏକାପରି।

ଭାରତ ଓ ରୁଷ ସମ୍ପର୍କକୁ "ସମୟ ପରୀକ୍ଷିତ" ବୋଲି କୁହାଯାଏ। ଶୀତଳ ଯୁଦ୍ଧରୁ ଆରମ୍ଭ କରି କୌଶଳିକ ସହଯୋଗ ପର୍ଯ୍ୟନ୍ତ ରୁଷ ସବୁବେଳେ ଭାରତର ସହଯୋଗୀ ରହିଛି। ୧୯୭୧ର ଇଣ୍ଡୋ–ସୋଭିଏତ ଶାନ୍ତି, ମିତ୍ରତା ଓ ସହଯୋଗ ଚୁକ୍ତିରୁ ଆରମ୍ଭ କରି, ନାଭାଲ ପ୍ଲାଟଫର୍ମ, ସାମରିକ ଉପକରଣ, ଅନ୍ତରୀକ୍ଷ ସହଯୋଗ, ଶକ୍ତି ବ୍ୟବସ୍ଥା-ସବୁଥିରେ ରୁଷ ଭାରତକୁ ଦୃଢ଼ ଭିତ୍ତି ଦେଇଛି। କିନ୍ତୁ ଏବେ ପରିବେଶ ଅଲଗା। ଚୀନ ଆଜି ଦୁଇ ଦେଶଙ୍କ ପାଇଁ ଅଲଗା–ଅଲଗା ଭାବେ ଅନୁଭବୀୟ ଅକଳି ସୃଷ୍ଟି କରୁଛି। ଭାରତ ପାଇଁ ସୀମା ସମସ୍ୟା, ରୁଷ ପାଇଁ ଅଧିକ ନିର୍ଭରତା। ପଶ୍ଚିମ ଦେଶଗୁଡିକ ଭାରତକୁ ଇଣ୍ଡୋ–ପାସିଫିକ୍‌ର ଗୁରୁତ୍ୱପୂର୍ଣ୍ଣ ନେତା ଭାବେ ଦେଖୁଛନ୍ତି, ରୁଷକୁ ତାଙ୍କର ନିଜ ଅନୁଶାସନୀୟ ପରିକଳ୍ପନାର ଅଂଶ ମାନୁଛନ୍ତି। ଏମିତି ସମୟରେ ପୁଟିନଙ୍କ ଭାରତ ଯାତ୍ରା ଦୁଇ ଦେଶକୁ ପୁଣିଥରେ ନୂଆ ମଞ୍ଚରେ ଡାକୁଛି-କେମିତି ପ୍ରାଚୀନ ସମ୍ପର୍କକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ସହିତ ମେଳ କରିବା?

ପୁଟିନଙ୍କ ଯାତ୍ରାକୁ ବୁଝିବା ପାଇଁ ୟୁକ୍ରେନ ଯୁଦ୍ଧର ପ୍ରେକ୍ଷାପଟ ଅତ୍ୟନ୍ତ ଆବଶ୍ୟକ। ରୁଷ ପଶ୍ଚିମ ରାଷ୍ଟ୍ର ପକ୍ଷରୁ ଅପରିମିତ ନିଷେଧ ଦେଖୁଛି ଓ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ପ୍ରାୟ ଅଲଗା କରାଯାଇଛି। ଏହି ସମୟରେ ଭାରତ ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାରଥୀ-ତେଲ କ୍ରୟ, ସାମରିକ ହାର୍ଡୱେର କ୍ରୟ, ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସନ୍ତୁଳିତ ଭୂମିକା ଭାରତ ପଶ୍ଚିମ ପକ୍ଷରୁ ଚାପ ଥିଲେ ମଧ୍ୟ ନିଜ ହିତକୁ ଭିତ୍ତି କରି ରୁଷ ସହ ସମ୍ପର୍କ ଜାରି ରଖିଛି।

ପୁଟିନଙ୍କ ଯାତ୍ରା ଏହାକୁ ସୂଚାଇ ଦେଲା-ରୁଷ ଭାରତକୁ ଦୀର୍ଘମିଆଦୀ ମିତ୍ର ବୋଲି ମାନେ ଓ ଭାରତ ନିଜ ସ୍ୱାଧୀନ କୂଟନୀତି ପଥକୁ ପୁନର୍ବଳ ପ୍ରଦାନ କରେ।

ଭାରତ ପାଇଁ ରୁଷର ଅପରିହାର୍ଯ୍ୟ ଗୁରୁତ୍ୱ। ଆମେ ବହୁ ସମୟରେ କହୁଛୁ ଯେ ଭାରତ ଆଜି ବହୁଧ୍ରୁବୀୟ ଶକ୍ତିକେନ୍ଦ୍ରର ନେତୃତ୍ୱ ନେଉଛି, କିନ୍ତୁ ସତ୍ୟ ହେଲା-କୌଣସି ମହାଶକ୍ତିକୁ ପୂରା ଛାଡ଼ି ଭାରତ ଆଗକୁ ବଢ଼ିପାରିବ ନାହିଁ। ରୁଷ ଏଠାରେ ଅପରିହାର୍ଯ୍ୟ: ସାମରିକ ସହଯୋଗ କ୍ଷେତ୍ରରେ ଭାରତର ରକ୍ଷା ପ୍ରଣାଳୀର ୫୦ ଭାଗ ରୁଷ ଆଧାରିତ। ସୁଖୋଇ- ୩୦ ଏମ୍‌କେଆଇ, ଟି-୯୦, ଏସ୍-୪୦୦, କିଲୋ-କ୍ଲାସ୍ ସବ୍‌ମେରିନ୍-ସବୁ ରୁଷୀୟ ମୂଳଭୂତି। ନୂଆ ପ୍ରଣାଳୀ ଯଥା ବ୍ରହ୍ମୋସ୍ ମିସାଇଲ ସଂଯୁକ୍ତ ଉତ୍ପାଦନର ଉଦାହରଣ।

ଉର୍ଜା ସୁରକ୍ଷା କ୍ଷେତ୍ରରେ ସାଂଗଠିକ ଭାବେ ଭାରତ ଆଜି ଅପେକ୍ଷାକୃତ ଶସ୍ତା ରୁଷ ତେଲ ଉପରେ ନିର୍ଭର କରୁଛି। ଏହା ଭାରତର ବଜାର ଭାରକୁ ଅନେକ କମାଇଛି। ଅନ୍ତରୀକ୍ଷ ଓ ପରମାଣୁ ସହଯୋଗ କ୍ଷେତ୍ରରେ କୁଡ଼ନ୍କୁଲମ୍ ପରମାଣୁ ପ୍ଲାଣ୍ଟ ରୁଷ–ଭାରତ ସମ୍ପର୍କର ଏକ ପ୍ରତୀକ। ଇସ୍ରୋ-ରସ୍‌କସ୍‌ମସ୍ ସହଯୋଗ ଭାରତର ମାନବ ଅନ୍ତରୀକ୍ଷ ମିଶନକୁ ନୂଆ ଦିଗ ଦେଇଛି। ଏହାର ଅର୍ଥ-ରୁଷକୁ ଛାଡ଼ି ଭାରତ ତା'ର ସୁରକ୍ଷା ଓ ଉର୍ଜା ଉନ୍ନତିକୁ ସଂପୂର୍ଣ୍ଣ କରିପାରିବା କଷ୍ଟ।



ପୁଟିନଙ୍କ ଯାତ୍ରା ପଶ୍ଚିମ ଦେଶଗୁଡ଼ିକୁ ଏକ ନିର୍ମଳ, କିନ୍ତୁ ସ୍ପଷ୍ଟ ସନ୍ଦେଶ ପଠାଇଛି-ଭାରତ କେବଳ ପାର୍ଶ୍ୱଭାଗୀ ନୁହେଁ; ସ୍ୱାଧୀନ ନୀତି ଅଙ୍ଗୀକାର କରୁଥିବା ଏକ ଅପରିହାର୍ଯ୍ୟ ଶକ୍ତି। କ୍ୱାଡ୍, ଆଇ୨ୟୁ୨, ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି- ଯେଉଁଭଳି ଭାରତ ଅଛି, ସେଠି ତାଙ୍କର ନୀତି ଆମେରିକୀୟ ପାଠକୁ ମାନିବା ମାତ୍ର ନୁହେଁ। Bharat acts in its own interest. ଏହି ଯାତ୍ରା ଏକ କୂଟନୀତିକ ସ୍ୱାଧୀନତାର ପ୍ରତୀକ।

ପୁଟିନ–ମୋଦୀ ଆଲୋଚନାର ପୃଷ୍ଠଭୂମିରେ ଚୀନର ଛାୟା ଅନିବାର୍ଯ୍ୟ। ଚୀନ–ରୁଷ ସମୀକରଣ ବଢୁଛି, ଚୀନ–ଭାରତ ସୀମା ସଂକଟ ଜାରି ରହିଛି। ଏହାର ଭାରତୀୟ ଅର୍ଥ-ରୁଷକୁ ଭାରତ ସହ ସମ୍ପର୍କ ସଂରକ୍ଷଣ ଆବଶ୍ୟକ, ଯାହା ତାଙ୍କୁ ଚୀନ ପ୍ରତି ଅତ୍ୟଧିକ ନିର୍ଭରତାରୁ ବଞ୍ଚାଇପାରିବ। ଭାରତ ପାଇଁ ମଧ୍ୟ ଏହି ସମୀକରଣ ଗୁରୁତ୍ୱପୂର୍ଣ୍ଣ। ଏକ ରୁଷ–ଚୀନ ବ୍ଲକ୍ ଭାରତର ରଣନୀତିକ ସ୍ଥାନକୁ କମାଇଦେଇପାରେ। ତେଣୁ ଦୁଇ ଦେଶ ନିଜ ମଧ୍ୟରେ ସନ୍ତୁଳନ ରଖିବାକୁ ଚାହୁଁଛନ୍ତି।

ପୁଟିନଙ୍କ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଆର୍ଥିକ ସମ୍ପର୍କକୁ ପୁନର୍ଗଠନ କରିବା।ସାମରିକ କ୍ଷେତ୍ର ବ୍ୟତୀତ ଭାରତ–ରୁଷ ବ୍ୟାପାର ତତ୍ତ୍ୱରେ ସୀମିତ ରହିଛି। ନୂଆ ସୂଚୀରେ-ଫାର୍ମା, ଆଇ.ଟି, କୃଷି ଓ ଖାଦ୍ୟପ୍ରକ୍ରିୟା, ନିର୍ମାଣ, ରେଳୱେ ଓ ଅଫଶୋର ତେଲ ପ୍ରକଳ୍ପ ସବୁକୁ ନୂଆ ଗତି ଦେବା ଉଦ୍ଦେଶ୍ୟ। ବିଶେଷକରି ଉତ୍ତର–ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର (INSTC) ଭାରତକୁ ଇଉରେସିଆ ମଝିରେ ବ୍ୟାପକ ସଂଯୋଗ ଦେଇପାରେ।

ଯେତେବେଳେ ଅନ୍ୟ ଦେଶର ରାଷ୍ଟ୍ରପତିମାନେ ମଞ୍ଚରେ ଆସନ୍ତି, ସେଥିରେ ନାଗରିକମାନଙ୍କ ପାଇଁ କ'ଣ ଆସେ? ଭାରତ–ରୁଷ ସମ୍ପର୍କର ଆଉ ଏକ ଗଭୀର ଦିଗ ରହିଛି-ସଭ୍ୟତା ଓ ସଂସ୍କୃତିର ସଂଳାପ। ଦୋସ୍ତୋଏଭସ୍କି, ଟଲସ୍ଟୟ, ଟାଗୋର-ସବୁ ଭାରତ–ରୁଷ ସମ୍ପର୍କର ସାହିତ୍ୟିକ ସୂତ୍ର। ବିଜ୍ଞାନ, ସଙ୍ଗୀତ, ଶିକ୍ଷା-ବିବିଧ ମଞ୍ଚରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ଗଭୀର ସମ୍ପର୍କ ରହିଛି। ପୁଟିନଙ୍କ ଯାତ୍ରା ଏହି ସମ୍ପର୍କକୁ ନୂଆ ଦିଶା ଦେଲା।

ଆଜି ଦୁନିଆ ଏକ ନୂଆ ଦିଗକୁ ଯାଉଛି। ଆମେରିକୀୟ ପ୍ରଭୁତ୍ୱର ଯୁଗ ଆସ୍ତେ–ଆସ୍ତେ ଶିଥିଳ ହେଉଛି, ଚୀନ ଉଡ଼ୁଛି, ୟୁରୋପ ଅସ୍ଥିର। ମଧ୍ୟପ୍ରାଚ୍ୟ ପୁନଃ ତଫାତ୍‌ରେ। ଏହି ସମୟରେ ଭାରତ ଓ ରୁଷ ପାଇଁ ପରସ୍ପର ସମ୍ପର୍କ ଏକ ରଣନୀତିକ ଆବଶ୍ୟକତା। ବହୁଧ୍ରୁବୀୟ ଜଗତ ଏହାକୁ ଆଉ ଗଭୀର କରେ-India and Russia are partners in shaping a balanced global order. ପୁଟିନଙ୍କ ଭାରତ ଯାତ୍ରା କହିଦେଲା-ଭାରତ ପରାନୁସରଣକାରୀ ନୁହେଁ। ଭାରତ ନିଜ ସ୍ୱାଧୀନ କୂଟନୀତିକ ହିତକୁ ପ୍ରଥମେ ରଖେ।

କ୍ୱାଡ୍ ସହିତ ସମ୍ପର୍କ ରହିଛି, ବ୍ରିକ୍ସ ସହିତ ସମ୍ମିଳନ ରହିଛି, ଏସ୍‌ସିଓ ସୁରକ୍ଷା ମଞ୍ଚରେ ଭାଗ ନେଉଛି, ପଶ୍ଚିମ ସହ ଆର୍ଥିକ ସମ୍ପର୍କ,ରୁଷ ସହ ପରମାଣୁ–ରକ୍ଷା–ଉର୍ଜା ସହଯୋଗ ,ଏହି ସବୁକିଛି ଏକ ସଂକେତ: ଭାରତ ଏବେ ବିଶ୍ୱ ରାଜନୀତିର ନିର୍ମାତା; କେବଳ ଅନୁସାରୀ ନୁହେଁ।

ପୁଟିନଙ୍କ ଏହି ସଂକ୍ଷିପ୍ତ ଭାରତ ଗସ୍ତ ଭିତରେ ରହିଛି ଦୀର୍ଘମିଆଦୀ ପରିଣାମ। ଆମେ ଯେପରି ଦେଖୁଛୁ-ବିଶ୍ୱ ରାଜନୀତିର ପୁନର୍ଗଠନ, ଭାରତର ବୃଦ୍ଧିଶୀଳ ଶକ୍ତି ସ୍ଥାନ, ରୁଷର ପଶ୍ଚିମବିମୁଖ ରଣନୀତି , ଚୀନର ଉତ୍ଥାନ ଏହି ଦୁଇ ଦେଶକୁ ପୁଣି ଏକାଠି କରି ଆଣିଛି। ପୁଟିନଙ୍କ ଭାରତ ଯାତ୍ରାର ମୂଳ ସନ୍ଦେଶ ଏକ-"In a changing world, India and Russia still need each other."ଭାରତ ନୂତନ ବିଶ୍ୱ ବ୍ୟବସ୍ଥାର ନିର୍ମାଣକାରୀ। ରୁଷ ତାହାର ପ୍ରାକ୍ତନ ମିତ୍ର ଓ ଭବିଷ୍ୟତ ସହପାଠୀ। ଏବଂ ଏହି ଯାତ୍ରା ଦୁଇ ଦେଶକୁ ସଂପର୍କର ନୂଆ ପର୍ବକୁ ଆଣିଛି-ଏକ ସହଯୋଗିତା ଯାହା ଇତିହାସର ଉପରେ ଭିତ୍ତି କରିଛି ଓ ଭବିଷ୍ୟତର ଦୃଷ୍ଟିକୋଣରେ ଦୃଢ଼ ହେଉଛି। ●

ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋ- ୯୪୩୭୨୧୦୪୫୮

# ବ୍ୟବସ୍ଥାପକଙ୍କ ବେତନ ବୃଦ୍ଧି: ଏକ ଅନୁଶୀଳନ

**ଶ୍ରୀ ଅବନୀ ଚନ୍ଦ୍ର ଦାସ**

ସମୟର ଚକ୍ର ଘୂର୍ଣ୍ଣାୟମାନ। କେବେ କାହା ଭାଗ୍ୟରେ ଧନ ସମ୍ପଦ ଅବା ଐଶ୍ୱର୍ଯ୍ୟର ବର୍ଷା ହୁଏ ତ, କେବେ କାହାକୁ ଚୁଲି ଜାଳିବା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡ଼େ। ଓଡ଼ିଶା ବିଧାନସଭାରେ ଆଗତ ହୋଇ ସଦ୍ୟ ପାରିତ ହୋଇଥିବା "ବେତନ ଓ ଭତ୍ତା ବୃଦ୍ଧି ବିଲ୍"ଏହି ସତ୍ୟକୁ ହିଁ ସ୍ପଷ୍ଟ କରିଛି। ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଓ ପୂର୍ବତନ ବିଧାୟକ ଆଦି ବିଧି ବ୍ୟବସ୍ଥାପକଙ୍କ ପେନ୍‌ସନ୍/ବେତନ ବୃଦ୍ଧିର ଘୋଷଣା ସରିଛି। ସଂସଦୀୟ ପରମ୍ପରାର ଅଂଶ ଭାବେ ଏହିପରି ବିଲ୍ ପାସ୍ ହେବା ଏକ ରାଜନୈତିକ ପ୍ରକ୍ରିୟା ନିଶ୍ଚିତ, କିନ୍ତୁ ଏହାଦ୍ୱାରା ସାଧାରଣ ଜନତାଙ୍କ ମନରେ ଗୁଞ୍ଜରୀ ଉଠୁଥିବା ପ୍ରଶ୍ନଗୁଡ଼ିକୁ କଦାପି ଅବଦମିତ କରିବା ସମ୍ଭବ ନୁହେଁ।

ଏକ ମୁଖ୍ୟ ସାମ୍ବିଧାନିକ ପ୍ରଶ୍ନ ଆଜି ସମାଜରେ ଚିନ୍ତାର କାରଣ ସାଜି ସଭିଙ୍କ ମନରେ ନିଆଁ ପରି ହୁତୁହୁତୁ ହୋଇ ଜଳୁଛି। ସମାଜ ପାଇଁ, ସରକାରଙ୍କ ପାଇଁ ଅହରହ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଯୋଜନା କର୍ମୀ, ସର୍ବନିମ୍ନସ୍ତରୀୟ କର୍ମଚାରୀ, ସଫେଇ କର୍ମଚାରୀ, ଶ୍ରମିକ/ଠିକା କର୍ମଚାରୀ, ଏପରିକି ଠିକା ସଂସ୍ଥା ଜରିଆରେ ଅନେକ ସରକାରୀ କାର୍ଯ୍ୟ କରୁଥିବା ଡାକ୍ତର, ଇଞ୍ଜିନିୟର ତଥା ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ବେତନ ବୃଦ୍ଧିର ଆବଶ୍ୟକତା ନାହିଁ କି ? ସେମାନେ କୌଣସି ଶ୍ରେଣୀଭୁକ୍ତ କର୍ମଚାରୀ / ଅଧିକାରୀ ନୁହନ୍ତି କି ?

ବିଧାୟକମାନଙ୍କ ଦରମା ବୃଦ୍ଧି ହେବାରେ କେତେକ ନିର୍ଦ୍ଦିଷ୍ଟ ଯୁକ୍ତି ରହିଥିବା କୁହାଯାଉଛି, ଯଥା: ସେମାନଙ୍କ ଉପରେ ରହୁଥିବା ଦାୟିତ୍ୱଭାର, ନିର୍ବାଚନୀ ଖର୍ଚ୍ଚ, ନିଜ ଅଞ୍ଚଳ / ଜିଲ୍ଲା ଭ୍ରମଣ, ଅନ୍ୟାନ୍ୟ ଜନସେବାର ଦାୟିତ୍ୱ, ଇତ୍ୟାଦି। ଏସବୁ ପ୍ରସଙ୍ଗମାନ ସଠିକ୍ ବୋଲି ଗ୍ରହଣ କରାଯାଉଥିଲେ ମଧ୍ୟ ଆମ ସମାଜର ଅନ୍ୟ କ୍ଷେତ୍ରରେ ପ୍ରତ୍ୟହ ୮ ରୁ ୧୦ ଘଣ୍ଟା ଶ୍ରମଦାନ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କ୍ଷେତ୍ର - କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ଜୀବନର ସ୍ଥିତି ଉପରେ ଅନୁଧାନ କରିବାପାଇଁ କେବେ ସମୟ ମିଳେ ? ଯଥାଯୋଗ୍ୟ ବେତନ ପାଇଁ ସେମାନେ ଭାଜ୍ୟ ନୁହନ୍ତି କି ?

ସାଧାରଣ କର୍ମଚାରୀଙ୍କ ଘରକୁ ବହୁଥିବା ଝାଞ୍ଜିପିଟା ଗରମ ପବନରେ ମିଶ୍ରିତ ବଜାର ଦର, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ପରିବାର ସଦସ୍ୟଙ୍କ ଚିକିତ୍ସା ଖର୍ଚ୍ଚ ଆଦି କେମିତି ଅବା ବଡ଼ବଡ଼ିଆଙ୍କ ଚଳଣି ସହ ତୁଳନୀୟ ହୋଇପାରିବ? ଏହି ପ୍ରଶ୍ନ ଆଜି ଅନେକଙ୍କ ମନକୁ ଆନ୍ଦୋଳିତ କରୁଛି।

ଆମ ରାଜ୍ୟରେ ଜଣେ ଶିକ୍ଷକ ହୁଅନ୍ତୁ କି, ଜଣେ ଶ୍ରମିକ ୨୫-୩୦ ବର୍ଷ ପର୍ଯ୍ୟନ୍ତ 'ସମାନ କାମ କୁ ସମାନ ଦରମା' ନ୍ୟାୟରେ ତତ୍ ଜନିତ ଅସଙ୍ଗତି ଦୂର କରିବାକୁ କିମ୍ବା ବେତନ ବୃଦ୍ଧି ପାଇଁ ଯେପରି ବିକଳ ଚିତ୍କାର କରି ଚାଲିଛନ୍ତି, ତାହା ପ୍ରାୟ କାହାରିକୁ ଅବିଦିତ ନୁହେଁ। ଏହି ନିମ୍ନବର୍ଗ କର୍ମଚାରୀ ବା ସେବା ପ୍ରଦାନକାରଙ୍କ ଦରମା ବୃଦ୍ଧି, ସୁରକ୍ଷା, ସାମାଜିକ ସମ୍ମାନ ଆଦି ସବୁ ଯେମିତି ଆଜି ମଧ୍ୟ 'ପରବର୍ତ୍ତୀ ସଭା'ର ଅପେକ୍ଷାରେ ଥିବା ନଥିପତ୍ରର ନାଲି ଫିତା ତଳେ ବନ୍ଧା ପଡ଼ିଛି।

ବିଧି ବ୍ୟବସ୍ଥାପକ ତଥା ନିର୍ବାଚିତ ଜନସେବକମାନଙ୍କ ଦରମା ବଢ଼ିବା ପାଇଁ ଯେପରି ଯୁକ୍ତି ଉପସ୍ଥାପିତ ହୋଇଥାଏ, ସେହି ଯୁକ୍ତିକୁ ନିମ୍ନ ବର୍ଗର ସରକାରୀ କର୍ମଚାରୀ, ଦିନ ମଜୁରିଆ, ଚାକିରି ପ୍ରାର୍ଥୀ ଯୁବକ, ଅଧିକୃତ ଦଖଲକାରୀ, ଗ୍ରାମାଞ୍ଚଳରେ ଜୀବିକାଧାରୀ ମାନଙ୍କ ପାଇଁ କାହିଁକି ସମାନ ପ୍ରକାର ମାପଦଣ୍ଡରେ ପ୍ରୟୋଗ କରାଯାଏ ନାହିଁ?

ସମାଜର ଅସମତା ସେତେବେଳେ ଅଧିକ ପ୍ରଗାଢ଼ ହୋଇଯାଏ, ଯେବେ କୌଣସି ବର୍ଗ ବୃତ୍ତିଧାରୀଙ୍କ ଦୀର୍ଘ ପଥ ଯାତ୍ରା ସୌଖିନ ଯାନରେ ସମାହିତ ହେଲାବେଳେ, ତଥାପି ତାହାକୁ 'ସମୟର ଆବଶ୍ୟକତା' ବୋଲି ବର୍ଣ୍ଣନା କରାଯାଏ। ଆଉ ଠିକ୍ ସେହି ବେଳେ ଅନ୍ୟ କୌଣସି ନିମ୍ନ ବର୍ଗ ସରକାରୀ କର୍ମଚାରୀଙ୍କ ପରିଶ୍ରମକୁ ବଜେଟ୍ ସଙ୍କଟର ଦ୍ୱାହି ଦେଇ ଉପେକ୍ଷା କରାଯାଏ। ଜନସେବକ/ପ୍ରତିନିଧିମାନେ ଯଦି ସମାଜର ମୂଳ ଆଧାର, ତେବେ ସମସ୍ତ ଜନସେବକଙ୍କ ପାଇଁ ସମ ନୀତି ପ୍ରଣୟନ ହେବା ଆବଶ୍ୟକ ନୁହେଁ କି ? ଏଥିରେ ବ୍ୟତିକ୍ରମ ହେଲେ ଜନତାର ବିଶ୍ୱାସ, ଯାହା ଗଣତନ୍ତ୍ରର ପ୍ରଥମ ବିଧି ବ୍ୟବସ୍ଥା ସେହିଥିରୁ ବିଚ୍ୟୁତ ହୋଇଯିବା ସ୍ୱାଭାବିକ।

ବେତନ ବୃଦ୍ଧି କୌଣସି ଅପରାଧ ନୁହେଁ କି, ଅଯୌକ୍ତିକ/ ଅବାନ୍ତର ନୁହେଁ। କିନ୍ତୁ ଏଥିରେ ସମାନତାର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ବିଧାୟକଙ୍କ ବେତନ ବୃଦ୍ଧିକୁ ଯେତିକି ଗୁରୁତ୍ୱ ଦିଆଯାଉଛି; କଲ୍ୟାଣକର ଯୋଜନା ବୋଲି ବିବେଚନା କରାଯାଉଛି; ଅନୁରୂପେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, କ୍ଷେତ୍ର କର୍ମଚାରୀ, ଠିକା କର୍ମଚାରୀ, ନିମ୍ନ ବର୍ଗ ପଦବୀଧାରୀ କର୍ମଜୀବୀ, ଅଥବା ଶ୍ରମିକ ତଥା ଦିନ ମଜୁରିଆଙ୍କ ବେତନ ବୃଦ୍ଧି କରି ସେମାନଙ୍କୁ ମଧ୍ୟ ସ୍ୱ ସ୍ୱ ଜୀବନରେ ଆଶାର ନୂଆ ଖାତା ଖୋଲିବାର ସହଜ ଅନୁଭବ କରିବାର ସୁଯୋଗ ଦିଆଯିବା ଆବଶ୍ୟକ।

ସରକାରୀ ଦପ୍ତର ଟେବୁଲ୍ ଯଦି ସମାନ ନ୍ୟାୟର ପାଦପୀଠ ହୋଇଯାଆନ୍ତା, ତେବେ ଆମ ରାଜ୍ୟର ଦୃଶ୍ୟ ଭିନ୍ନ ହୋଇଯାନ୍ତା ଏବଂ ଅମୃତ ଅନୁଭବ ଦେବାରେ ସହାୟକ ହୋଇପାରନ୍ତା। ବିଧାନସଭାର ପବିତ୍ର ଅଟ୍ଟାଳିକା ଉପରେ ଯେପରି ସୂର୍ଯ୍ୟ ଆଲୋକ ବିଚ୍ଛୁରିତ ହୁଏ, ସେପରି ରଶ୍ମି ମଧ୍ୟ ସାଧାରଣ କର୍ମଚାରୀଙ୍କ ଘର ଅଗଣାରେ ପ୍ରତିଭାତ ହୁଏ। ତେବେ ସୂର୍ଯ୍ୟରଶ୍ମି ବିକିରଣରେ ସମାନତା ଥିବା ନ୍ୟାୟରେ ବିଧି ବ୍ୟବସ୍ଥାପକ ମାନଙ୍କ ଭଳି ସାଧାରଣ କର୍ମଚାରୀଙ୍କ ବେତନ ବୃଦ୍ଧି ବ୍ୟାପାରକୁ ସମାନ ଆଧାରରେ ବିଚାର କରାଯିବା ଜରୁରୀ। ଏହାହିଁ ହେଉଛି ସତ୍ୟ ସୁଶାସନର ମୂଳ ମନ୍ତ୍ର। ●

ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ଦୂରଭାଷ ନଂ: ୯୯୩୭୫୩୭୯୭୪

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଗୁରୁ ପଦ୍ମ ସମ୍ଭବ ତାନ୍ତ୍ରିକ ବୌଦ୍ଧ ଧର୍ମ-ବଜ୍ରଯାନକୁ ତିବ୍ବତ ଏବଂ ଭୂଟାନ, ସିକ୍କିମ୍, ନେପାଳ, ଲଦାଖ, ଅରୁଣାଚଳ ପ୍ରଦେଶ ଆଦି ହିମାଳୟ ଅଞ୍ଚଳରେ ଅଷ୍ଟମ ଶତାବ୍ଦୀରେ ହିଁ ପ୍ରତିଷ୍ଠା ଓ ପ୍ରଚାର ପ୍ରସାର କରିଥିଲେ। ଗୁରୁ ପଦ୍ମସମ୍ଭବ ସେହି ଅଞ୍ଚଳରେ ଧର୍ମ ପ୍ରଚାର କାର୍ଯ୍ୟରେ ଭ୍ରମଣ କରୁଥିବା ସମୟରେ ଏହି ହଜୋ ଅଞ୍ଚଳ ସହ ମଧ୍ୟ ସମ୍ବନ୍ଧିତ ତଥା ସଂଯୁକ୍ତ ରହିଥିଲେ। ଯଦିଚ ତାହା ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ନୁହଁ, ତେବେ ହଜୋ ନିଶ୍ଚିତ ଭାବେ ଅନ୍ୟ କୌଣସି ବୌଦ୍ଧଧର୍ମର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଚାର୍ଯ୍ୟଙ୍କ ସହ ସଂପର୍କିତ ରହିଥିଲା। ସେହି ଆଚାର୍ଯ୍ୟ ନିଶ୍ଚିତ ରୂପେ ବୁଦ୍ଧଙ୍କ ଭଳି ସମ୍ମାନ କିମ୍ବା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧଗୁରୁ ହୋଇଥିବେ ଏବଂ ସେହିଭଳି ସମ୍ମାନ ବୌଦ୍ଧଜଗତରେ ପାଉଥିବେ। ଗୁରୁ ପଦ୍ମସମ୍ଭବ ସମଗ୍ର ବୌଦ୍ଧଜଗତରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଥିବା ସହ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀମାନେ ତାଙ୍କୁ ଭଗବାନ ବୁଦ୍ଧଙ୍କଠାରୁ ଅଧିକ ସମ୍ମାନ ତଥା ଭକ୍ତି ଅର୍ପଣ କରୁଥିଲେ। ଏଣୁ ନିଶ୍ଚିତ ଭାବେ ଏହି ହଜୋ ପୁଣ୍ୟକ୍ଷେତ୍ରଟି ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣ ସ୍ଥଳ। ସେ ଏହି ଅଞ୍ଚଳ ସହ ଅଧିକ ଜଡ଼ିତ ଏବଂ ତିବ୍ବତରୁ ଫେରିବା ପରେ ଜୀବନର ଶେଷକାଳରେ ଏ ଅଞ୍ଚଳକୁ ସେ ଅଧିକ ଯିବାଆସିବା କରୁଥିଲେ। ତାଙ୍କର ଅନ୍ତିମ ରହଣି ସ୍ଥଳ ଓଡ଼ିଶାର ଉଦୟଗିରି ମହାବିହାର ଥିଲା।

ଉଦୟଗିରି - ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କର ଯାଜପୁରରେ ବିରଜାଙ୍କ ସହ ଐତିହାସିକ ସମ୍ବନ୍ଧ। ନେପାଳର ତାନ୍ତ୍ରିକ ପରମ୍ପରାରେ ବୁଦ୍ଧଙ୍କର ଭବିଷ୍ୟବାଣୀ ରହିଛି। ଏଥିରେ ଭଗବାନ ବୁଦ୍ଧ ସାରୀପୁତ୍ତଙ୍କୁ ଆଶ୍ୱାସନାବାଣୀ ଶୁଣାଉଛନ୍ତି କି ଭବିଷ୍ୟତରେ ସେ ପଦ୍ମସମ୍ଭବ ନାମ ଧାରଣ କରି ଜଣେ ବୁଦ୍ଧ ଭାବରେ ଜନ୍ମଗ୍ରହଣ କରିବେ ଏବଂ ସେତେବେଳେ ତାଙ୍କର ବିରଜାଙ୍କ ନିକଟରେ ବୋଧିପ୍ରାପ୍ତି ହେବ। ପଦ୍ମସମ୍ଭବ, ତାରା ଓ ଅନ୍ୟ ଦେବଦେବୀଙ୍କୁ ଆବାହନପୂର୍ବକ ଦଣ୍ଡାୟମାନ ଅବସ୍ଥାରେ ରହିଥିବା ବୋଧିସତ୍ତ୍ୱ ମୂର୍ତ୍ତିର ପଛପାଖରେ ପଚିଶ ଧାଡ଼ିବିଶିଷ୍ଟ ଏକ ଲମ୍ବା ଅଭିଲେଖ ଖୋଦିତ ହୋଇଛି ଏବଂ ଏହି ମୂର୍ତ୍ତି ବିରଜାଙ୍କ ନିକଟରେ ଉଦୟଗିରି ମହାବିହାରର ଧ୍ୱଂସାବଶେଷରେ ରହିଛି। ଏଥିରେ ଲେଖାଯାଇଛି- 'ତଥାଗତାଧିଷ୍ଠିତ ଧାତୁଗର୍ଭ ସ୍ତୂପ(ତଥାଗତ ବୁଦ୍ଧଙ୍କ ଦେହାବଶେଷ ଏଠାରେ ସ୍ତୂପ ମଧ୍ୟରେ ରହିଛି)। ସେହି ସ୍ତୂପ ସେହି ସ୍ଥାନରେ ରହିଥିବା ସେହି ଅଭିଲେଖ ଦର୍ଶାଉଛି। ଏହି ସ୍ତୂପରେ ନିଶ୍ଚିତଭାବେ ପଦ୍ମସମ୍ଭବଙ୍କର ଦେହାବଶେଷ ରହିଛି ଏବଂ ଏହି ସ୍ତୂପର ଧ୍ୱଂସାବଶେଷ ନିଶ୍ଚିତଭାବେ ସେହି ମୂର୍ତ୍ତି ରହିଥିବା ସ୍ଥାନଟିର ଆଖପାଖରେ ରହିଛି ବୋଲି ଗବେଷକମାନଙ୍କର ବିଶ୍ୱାସ।

ଏସବୁରୁ ଏହା ସୂଚିତ ହେଉଛି ଯେ ଗୁରୁ ପଦ୍ମସମ୍ଭବଙ୍କ ପିତା ଇନ୍ଦ୍ରଭୂତି ଯେକି ଉଡ୍ଡୀୟାନ ଅଞ୍ଚଳର ଜଣେ ରାଜା ଥିଲେ। ଏହି ଉଡ୍ଡୀୟାନ ହେଉଛି ବର୍ତ୍ତମାନର ଓଡ଼ିଶା, ଯାହା ହେଉଛି ଓଡ୍ରପୀଠ। ଏହି ପୀଠର ପୀଠ ଦେବାଦେବୀ ହେଉଛନ୍ତି ଜଗନ୍ନାଥ ଓ ବିରଜା। ଉଦୟଗିରି ମହାବିହାରରେ କୌଣସି ମତେ ଭଗବାନ ବୁଦ୍ଧଙ୍କର ଦେହାବଶେଷ ଥିବାର କୌଣସି ସୂଚନା କୌଣସିଠାରେ ହିଁ ନାହିଁ। ତେଣୁ ଭବିଷ୍ୟବାଣୀ ମୁତାବକ ଏହି ଦେହାବଶେଷ ହେଉଛି ପଦ୍ମସମ୍ଭବଙ୍କର।

ଉପରେ ପଦ୍ମସମ୍ଭବଙ୍କ ଦେହାବଶେଷ ତଥା ମହାପରିନିର୍ବାଣ ସଂପର୍କରେ ବିସ୍ତୃତଭାବେ ଆଲୋଚନା କରାଗଲା। ଆଲୋଚନା ମତେ ପଦ୍ମସମ୍ଭବଙ୍କର ଦେହାବଶେଷ ଉଭୟ ଆସାମର କୁଶନଗର ଅଥବା ହଜୋ ଏବଂ ଓଡ଼ିଶାର ଉଦୟଗିରିଠାରେ ରହିଥିବା ଜଣାଯାଉଛି। ଗବେଷକମାନେ ଏହି ଉଭୟସ୍ଥଳକୁ ମଧ୍ୟ ତାଙ୍କର ମହାପରିନିର୍ବାଣ ସ୍ଥଳଭାବେ ଚିହ୍ନଟ କରୁଛନ୍ତି। ପରମ୍ପରା ହଜୋର ଗୁରୁତ୍ୱ ଦର୍ଶାଉଥିବା ବେଳେ ପୁରାଣତ୍ତ୍ୱିକ ପ୍ରାମାଣିକ ତଥ୍ୟ ଦୃଢ଼ଭାବରେ ଉଦୟଗିରି ବିଷୟ ଦର୍ଶାଉଛି। ଗୁରୁ ପଦ୍ମସମ୍ଭବ ତିବ୍ବତରୁ ଫେରିବା ପରେ ଏହି ଉଦୟଗିରିଠାରେ ହିଁ ଅବସ୍ଥାନ କରୁଥିଲେ। ଜୀବନର ଶେଷ ଭାଗରେ ତାଙ୍କର ଜନ୍ମଭୂମି ଉଡ୍ଡୀୟମାନ (ଓଡ଼ିଶା)ରୁ ଆସାମ, ଭୂଟାନ ଅଞ୍ଚଳକୁ ଅନେକବାର ଯିବା ଆସିବା କରୁଥିଲେ। ଏଣୁ ଉଭୟ ସ୍ଥଳ ତାଙ୍କର ମହାପରିନିର୍ବାଣ ସ୍ଥଳ ହୋଇପାରେ। ମାତ୍ର ପୁରାଣତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଦୟଗିରିକୁ ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣସ୍ଥଳ ବୋଲି ଦୃଢ଼ ଭାବେ ଗ୍ରହଣ କରାଯାଇପାରିବ। (ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବର୍ଷିଲେ ପ୍ରଫୁଲ୍ଲ ସାମନ୍ତରା

# 'ପ୍ରଶ୍ନ କରି ବ୍ୟବସ୍ଥା ପରିବର୍ତ୍ତନ କରନ୍ତୁ ଯୁବପିଢ଼ି'

ଭୁବନେଶ୍ୱର, ୧୨।୧୨(ସମିସ): ଥରେ ବିଧାୟକ ହେଲେ ସାଢ଼େ ୩ ଲକ୍ଷ ଟଙ୍କା ଦରମା ମିଳିବ। ଦିନେ ପାଇଁ ବିଧାୟକ ହେଲେ ବି ଦରମା ସାଙ୍ଗକୁ ପେନସନ ପାଇଁ ହକଦାର ହେବେ। ଜଣେ ବିଧାୟକ ଯଦି ସାଂସଦ ହେବେ ବା ହୋଇଥିବେ, ତାହେଲେ ଦୁଇଟି ପେନସନ୍ ପାଇବେ। ଲୋକଙ୍କ ସେବା ପାଇଁ ଆସୁଥିବା ଲୋକ ପ୍ରତିନିଧିମାନେ ମଧ୍ୟ ନୈତିକତା ହରାଇ ଏକାଧିକ ପେନସନ୍ ନେଉଛନ୍ତି। ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାୟକଙ୍କ ଦରମାକୁ ରାଜ୍ୟ ସରକାର ୩ ଗୁଣା ବୃଦ୍ଧି କରିବା ପରେ ସରକାର ଓ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା।



ଲୋକ ପ୍ରତିନିଧି ନେଉଛନ୍ତି ଏକାଧିକ ପେନସନ୍
ଆର୍ଥିକ ସ୍ୱଚ୍ଛଳ ସତ୍ତ୍ୱେ କାହିଁକି ମିଳୁଛି ସହାୟତା

ଶ୍ରୀ ସାମନ୍ତରା କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାଧିକ ସରକାରୀ ଚାକିରି କରିଥିଲେ ମଧ୍ୟ କେବଳ ଗୋଟିଏ ପେନସନ୍ ପାଉଛନ୍ତି। ହେଲେ ଲୋକଙ୍କ ସେବା କରିବାକୁ କହି ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଏକାଧିକ ପେନସନ୍ ଉଠାଉଛନ୍ତି। ଏହା ପେନସନ୍ ପ୍ରଦାନରେ ଅସମାନତା ସୃଷ୍ଟି କରୁଥିବାରୁ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ରାଜ୍ୟ ଓ ଦେଶର ନିର୍ବାଚିତ ପ୍ରତିନିଧିଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ ନିକଟରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତିକୁ ସେ ନିନ୍ଦା କରିଛନ୍ତି। ଦେଶରେ ବେକାରୀ ହାର ବଢୁଥିବାବେଳେ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଉ ନାହିଁ। କୌଣସି ଭତ୍ତା ପ୍ରଦାନ କରାଯାଉ ନାହିଁ। ଦିନ ମଜୁରିଆଙ୍କ ଦୈନିକ ମଜୁରୀ ବଢ଼ାଇବାକୁ ସରକାର ପ୍ରସ୍ତୁତ ନାହାନ୍ତି। ଅନେକ ଦିନକୁ ମାତ୍ର ଶହେ ଟଙ୍କାରେ ଖଟୁଛନ୍ତି। ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପେନସନ୍‌କୁ ସେମାନଙ୍କ ଚଳିବା ଭଳିଆ ପ୍ରଦାନ କରାଯାଉ ନାହିଁ। ହେଲେ ନୀତି ନିର୍ଦ୍ଧାରଣ କରୁଥିବା ବିଧାୟକ ନିଜର ଦରମା ନିଜେ ବଢ଼ାଇ ଦେଉଛନ୍ତି। ଏହା ଅନୈତିକ ଓ ଜନତାଙ୍କ ପ୍ରତି ସ୍ପଷ୍ଟ ପ୍ରତାରଣା ବୋଲି ଶ୍ରୀ ସାମନ୍ତରା କହିଛନ୍ତି। ସେହିପରି ବିଧାୟକ ଓ ସାଂସଦ ମାନଙ୍କୁ ଆଜୀବନ ପେନସନ୍ ପ୍ରଦାନକୁ ସେ ବିରୋଧ କରିଛନ୍ତି। ସାଧାରଣ ଲୋକେ ରାସନ୍‌କାର୍ଡ ଖଣ୍ଡେ କରିବା ପାଇଁ ଯେପରି ବିଭିନ୍ନ ମାନଦଣ୍ଡ ରହିଛି, ବିଧାୟକଙ୍କ କ୍ଷେତ୍ରରେ ମଧ୍ୟ ମାନଦଣ୍ଡ ରହିବା ଆବଶ୍ୟକ। ଅନେକ ବିଧାୟକ ଆର୍ଥିକ ସ୍ୱଚ୍ଛଳ ଥିବାରୁ ସେମାନଙ୍କୁ ପେନସନ୍ ପ୍ରଦାନ କରିବା ଯଥାର୍ଥ ନୁହେଁ। ରାଜ୍ୟ ଓ ଦେଶର ଯୁବପିଢି ଏହାକୁ ନେଇ ପ୍ରଶ୍ନ କରିବା ସହ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧିକୁ ସିପିଆଇ(ଏମ୍)ର ତୀବ୍ର ବିରୋଧ


ଭୁବନେଶ୍ୱର,୧୨।୧୨(ସମିସ): ଓଡ଼ିଶା ବିଧାନସଭା ସଦସ୍ୟଙ୍କ ବେତନ, ଭତ୍ତା ଓ ପେନ୍‌ସନ୍ (ସଂଶୋଧନ) ବିଲ୍-୨୦୨୫କୁ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି(ସିପିଆଇଏମ୍)ର ଓଡ଼ିଶା ରାଜ୍ୟ କମିଟି ତୀବ୍ର ବିରୋଧ କରିଛି। ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବେତନ, ଭତ୍ତା ଓ ପେନସନ୍ ବଡ଼ ପରିମାଣରେ ବଢ଼ାଇବା ପାଇଁ ଏହି ବିଲ୍ ପାରିତ ହୋଇଛି। ଏହି ବିଲ୍ କୌଣସି ଗୁରୁତ୍ୱପୂର୍ଣ୍ଣ, ଗଭୀର ଏବଂ ବ୍ୟାପକ ଆଲୋଚନା ବିନା ପାରିତ ହୋଇଛି। ତେଣୁ ରାଜ୍ୟପାଳ ଏହି ଜନବିରୋଧୀ ବିଲ୍‌କୁ ଫେରାଇ ଦିଅନ୍ତୁ ବୋଲି ଦଳ ଅନୁରୋଧ କରିଛି।

ଦଳ ପକ୍ଷରୁ କୁହାଯାଇଛି, ଏହି ବିଲ୍ ଓଡ଼ିଶାର ଲୋକଙ୍କ ଯନ୍ତ୍ରଣା ପ୍ରତି ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ପ୍ରତିଫଳିତ କରୁଛି। ଏବେ ରାଜ୍ୟରେ ଭୟଙ୍କର ବେକାରୀ, କୃଷି ସଙ୍କଟ, ଅସ୍ଥାୟୀ, ଆଉଟ୍‌ସୋର୍ସିଂ, ଠିକା କର୍ମଚାରୀଙ୍କ ପାଇଁ ଅତି କମ୍ ମଜୁରୀ/ ବେତନ ସାଙ୍ଗକୁ

### ବିଲ୍ ଫେରାଇଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ

ଅତ୍ୟାବଶ୍ୟକ ଜିନିଷର ଆକାଶଛୁଆଁ ଦର ରହିଛି ଏବଂ ହଜାର ହଜାର ସ୍କିମ୍ କର୍ମୀ, ଶ୍ରମିକ, ଶିକ୍ଷକ, ଚୁକ୍ତିଭିତ୍ତିକ କର୍ମଚାରୀ, ଚାଷୀ ଓ ଗ୍ରାମୀଣ ଶ୍ରମିକମାନେ ବଞ୍ଚିବା ପାଇଁ ସଂଘର୍ଷ କରି ଗାନ୍ଧୀ ମାର୍ଗରେ ହାଡ଼ଭଙ୍ଗା ଶୀତରେ ଡେରା ପକାଇଛନ୍ତି। ମାତ୍ର ଜୀବନ ଏବଂ ଜୀବିକାର ଏପରି ଏକ ସଂକଟ ସମୟରେ ନିଜ ଲାଭ ଏବଂ ଲୋଭ ପାଇଁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନ୍ୟାୟ, ଅଗଣତାନ୍ତ୍ରିକ ଏବଂ ଲୋକବିରୋଧୀ ବୋଲି ସିପିଆଇ(ଏମ୍) କହିଛି। ଲୋକପ୍ରତିନିଧିମାନେ ଲୋକଙ୍କ ସମସ୍ୟା ଏବଂ ଯନ୍ତ୍ରଣାକୁ ପ୍ରତିଫଳିତ କରିବା ଉଚିତ୍। ନିଜ ପଦବୀକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ସିପିଆଇ(ଏମ୍) କହିଛି। ରାଜ୍ୟବାସୀଙ୍କ ହିତରେ ପୁଣିଥରେ ବ୍ୟାପକ ଆଲୋଚନା, ପରୀକ୍ଷଣ ଓ ପୁନର୍ବିଚାର କରିବାକୁ ରାଜ୍ୟପାଳ ଏହି ବିଲ୍ ବିଧାନସଭାକୁ ଫେରାଇଦେବାକୁ ଦଳ ଦାବି କରିବା ସହ ରାଷ୍ଟ୍ରପତି ମଧ୍ୟ ଏହି ବିଲ୍ ଉପରେ ହସ୍ତକ୍ଷେପ କରନ୍ତୁ ବୋଲି ଦଳ ନିବେଦନ କରିଛି। ଏହିପରି ଲୋକବିରୋଧୀ ବିଲ୍‌କୁ ସ୍ୱଚ୍ଛ ଆଲୋଚନା ଓ ଲୋକ ପରାମର୍ଶ ବିନା କାର୍ଯ୍ୟକାରୀ ହେବାକୁ ଅନୁମତି ନ ଦେବାକୁ ଦଳ କହିଛି।

# ମାଲକାନଗିରି ହିଂସା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ



ଭୁବନେଶ୍ୱର,୧୨।୧୨(ସମିସ): ମାଲକାନଗିରି ଏମଭି-୨୬ ହିଂସା ଘଟଣାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ରିପୋର୍ଟ ପ୍ରଦା କରିଛନ୍ତି। ଗୁରୁବାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ମନ୍ତ୍ରୀ ଶ୍ରୀ ମଲ୍ଲିକ ମାଲକାନଗିରି ଯାଇ ସେଠାକାର ସ୍ଥିତି ସମୀକ୍ଷା କରିବା ସହ ବରିଷ୍ଠ ଅଧିକାରୀଙ୍କ ସମେତ ଦୁଇ ଗୋଷ୍ଠୀ ସହ ଆଲୋଚନା କରିଥିଲେ।

ସୂଚନା ଥାଉ କି ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣାକୁ ନେଇ ମାଲକାନଗିରିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷ ଉଗ୍ର ରୂପ ନେବା ସହ ଉତ୍ତ୍ୟକ୍ତ ଲୋକେ ପ୍ରାୟ ୫୦ଟି ଘର ପୋଡ଼ି ଦେଇଥିଲା। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ସରକାରଙ୍କୁ ଘେରିବା ସହ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ କରିଥିଲେ। ଏହାପରେ ପୁଲିସ ଡିଜି ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ।

# ମାଲକାନଗିରିରେ ଇଣ୍ଟରନେଟ୍ ସେବା ଆଉ ୨୪ ଘଣ୍ଟା ବନ୍ଦ

### ଏମ୍‌ଭି ୨୬ରେ ସ୍ଥିତି ସମୀକ୍ଷା କଲେ ଦକ୍ଷିଣାଞ୍ଚଳ ଆର୍‌ଡିସି

ମାଲକାନଗିରି, ୧୨।୧୨(ସମିସ): ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ଅଶାନ୍ତ ମାଲକାନଗିରିରେ ଶାନ୍ତି ଫେରୁଛି। ପରିସ୍ଥିତି ଉପରେ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି। ଏମ୍‌ଭି ୨୬ ଗ୍ରାମରେ ବିଏସଏଫ, ସିଆରପିଏଫ୍, ଆରଏଏଫ୍ ଓ ପୁଲିସ୍ ବାହିନୀକୁ ମୁତୟନ କରାଯାଇଛି। କିନ୍ତୁ, ସ୍ଥିତି ପୂରା ସ୍ୱାଭାବିକ ହୋଇ ନଥିବାରୁ ଜିଲ୍ଲାରେ ଇଣ୍ଟରନେଟ୍ କଟକଣାକୁ ଆଉ ୨୪ଘଣ୍ଟା ବୃଦ୍ଧି କରାଯାଇଛି। ଅପରପକ୍ଷେ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଆଜି ଏମଭି ୨୬ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଶାନ୍ତି ଫେରାଇ ଆଣିବା ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପ ସଂପର୍କରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆରଡିସିଙ୍କୁ ଅବଗତ କରାଇଛନ୍ତି। ଗତରାତିରେ ଆର୍‌ଡିସି ଏବଂ ଜିଲ୍ଲାପାଳ ଏମ୍‌ଭି ୨୬ର ପୀଡ଼ିତ ମାନଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇଯିବ ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଛନ୍ତି ଆରଡିସି।

ଆଜି ୨୦୬ ଜଣଙ୍କୁ ଟାରପଲିନ୍ ଓ କମ୍ବଳ ବଣ୍ଟନ କରାଯାଇଛି। ତା' ସହ ପୀଡ଼ିତ ଗ୍ରାମବାସୀଙ୍କୁ ଦୁଇ ଗୋଟି ଖଟ ସାଙ୍ଗକୁ ଦୁଇ ଗୋଟି ବିଛଣା ଯୋଗାଇ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇଛି। ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ବିଦ୍ୟୁତ୍ ବିଭାଗ ତତ୍ପରତାର ସହ ଅହରହ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଘରକୁ ସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗୀକରଣ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



# ଦନ୍ତାହାତୀର ସନ୍ଦେହଜନକ ମୃତ୍ୟୁ

ତୁମୁଡିବନ୍ଧ, ୧୨।୧୨ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କରଜଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଅଞ୍ଚଳବାସୀ ସିଧାସଳଖ ଭାବେ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଶୁକ୍ରବାର ଭୋର ୪ଟାରେ ହାତୀଟି ମୃତ୍ୟୁବରଣ କରିଥିବା ନେଇ କରଜଣ୍ଡି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତ ୬ ମାସ ପୂର୍ବରୁ ଉକ୍ତ ହାତୀ ଝିରିପାଣି ଅଞ୍ଚଳରେ ବୁଲୁଥିଲା ଏବଂ ଅନେକ ଫସଲ ନଷ୍ଟ କରୁଥିଲା। ଏନେଇ ଝିରିପାଣି ଅଞ୍ଚଳର ଚାଷୀ ବନସୁରକ୍ଷା ଦାୟିତ୍ୱରେ ଥିବା ବୁଲୁ ନାୟକ ଏବଂ ବନପାଳ ଶିବାଜୀ ବେହେରାଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଦୁଇ ଅଧିକାରୀ ଚାଷୀଙ୍କୁ କେବଳ ଭଣ୍ଡାଉଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ମୃତ ହାତୀ ଅତି ଦୁର୍ବଳ ଥିଲା ଏବଂ ଠିକ ଭାବେ ଶୁଣିପାରୁନଥିଲା।

## ଅବଶିଷ୍ଟାଂଶ

### ସରିଲା ବିଧାନସଭା...

କରିଛନ୍ତି। ବିରୋଧୀ ଦଳରେ ଥିବାବେଳେ ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହ ଧାରଣାସ୍ଥଳକୁ ଯାଇ ସମର୍ଥନ କରିଥିଲେ। ହେଲେ ଶାସନକୁ ଆସିବା ପରେ ଟାଳଟୁଳ ନୀତି ଆପଣାଉଛନ୍ତି। ସେମାନଙ୍କୁ ପ୍ରତାରିତ କରିଛନ୍ତି। ଅପରପକ୍ଷରେ କାଳକ୍ଷେପଣ ନୀତି ସଦୃଶ କମଟି ଗଠନ କରିଛନ୍ତି। ପୂର୍ବରୁ ଏକାଧିକବାର କମିଟି ଗଠନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଣୁ କମିଟି ଗଠନ ଆଳରେ ବିଳମ୍ବ ନ କରି ସେମାନଙ୍କ ଦାବିକୁ ତ୍ୱରିତ ପୂରଣ କରିବାକୁ ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି। ସମସ୍ତ ଦାବିକୁ ଶୁଣିବା ପରେ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ସଂଘ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ।

ଅନୁରୂପ ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶୁକ୍ରବାର ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଛନ୍ତି। ଦୀର୍ଘ ବର୍ଷରୁ ନିରବଚ୍ଛିନ୍ନ ଭାବେ ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରିରୀକ ଭାବେ ସୁସ୍ଥ ରଖିବା ସହ କ୍ରୀଡ଼ା ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପଛରେ ରହିଥିବା ଶିକ୍ଷକଙ୍କ ଦାବିକୁ ପୂରଣ କରିବାକୁ ଦାବି କରିଛନ୍ତି। ଏଣୁ ସେମାନଙ୍କ ପାଇଁ କ୍ୟାରିଅର୍ ଆଡଭାନ୍ସମେଣ୍ଟ ପଲିସି ଲାଗୁ କରିବା ସହ ନିୟମିତ କରିବାକୁ ସଂଘର ଆବାହକ ଜଗଦାନନ୍ଦ ଗିରି ଓ ରଶ୍ମିରଞ୍ଜନ ସାହାଣୀଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି।

### ସର୍ଭିସ ବନ୍ଧୁକରୁ...

ନୂଆପଡା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। କୋମନା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ମୃତଦେହର ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବବୋଲି ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ରାତିରେ ଶୀତର...

କରାଯାଇଛି। ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଥିବା ବେଳେ ଶୀତର ପ୍ରଭାବ ଅଧିକ ରହୁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୨୪ ଘଣ୍ଟାରେ ୯ ଜିଲ୍ଲା ଅର୍ଥାତ ସୁନ୍ଦରଗଡ, ଅନୁଗୁଳ, ଝାରସୁଗୁଡା, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଅନୁଭୂତ ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେଉଥିବା ବେଳେ ଆହୁରି ୪୮ ଘଣ୍ଟା ଘନ କୁହୁଡିର ପ୍ରଭାବ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼ ଓ କୋରାପୁଟରେ ଘନ କୁହୁଡ଼ିର ଦୃଶ୍ୟମାନ ହୋଇପାରେ, ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେ ଆହୁରି କହିଛନ୍ତି, ରାଜ୍ୟରେ ଆହୁରି ଦୁଇ ଦିନ ଯାଏଁ ପ୍ରବଳରୁ ଅତିପ୍ରବଳ ଶୀତ ଅନୁଭୂତ ହେବ। ଏହାପରେ ଗୋଟିଏ କିମ୍ବା ଦୁଇ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ଆସନ୍ତା ୭ ଦିନ ମଧ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ବୀମା କ୍ଷେତ୍ରରେ...

ଯାହା ଫଳରେ ସେବାର ଗୁଣବତ୍ତା ଉନ୍ନତ ହେବ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୀମା ଶିଳ୍ପରେ ବିଦେଶୀ ନିବେଶ ସୀମାକୁ ୭୪%ରୁ ୧୦୦% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ।

### ରାସ୍ତାରେ ଗର୍ଜିଲେ ଚାଷୀ...

ରେଜିଷ୍ଟ୍ରେସନ କରାଯାଇ ଧାନ ଉଠିଥିଲା। ତେବେ ଆଜି ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ। ସମ୍ବଲପୁର ଜିଲ୍ଲାର ପ୍ରାୟ ୧୧ ହଜାର ଚାଷୀ ଟୋକନକୁ ଅପେକ୍ଷା କରିଛନ୍ତି। ପ୍ରାୟ ୫୩ ହଜାର ଚାଷୀଙ୍କ ପ୍ରଥମ ୭୫ କ୍ୱିଣ୍ଟାଲ ପାଇଁ ଟୋକନ ଆସିଥିବାବେଳେ ୪୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ବିକ୍ରୟ ପରେ ବଳକା ଧାନ ପାଇଁ ଟୋକନକୁ ଅପେକ୍ଷା କରି ରହିଛନ୍ତି। ପୂର୍ବବର୍ଷ ମାନଙ୍କରେ ଚାଷୀଙ୍କ ଦୁଇରୁ ତିନୋଟି ଭିନ୍ନ ଭିନ୍ନ ତାରିଖର ଟୋକନ ଏକକାଳୀନ ଆସୁଥିଲା କିମ୍ବା ଅନ୍‌ଲାଇନ୍‌ରେ ଦେଖାଯାଉଥିଲା। ଏବେ ଫୁଡ୍ ଓଡ଼ିଶା ପୋର୍ଟାଲ ମଧ୍ୟ କାର୍ଯ୍ୟ କରୁନାହିଁ। ସମସ୍ତ ଚାଷୀଙ୍କୁ ତୁରନ୍ତ ଟୋକନ ଦେବାକୁ ଦାବିକରି ଆଜି ପୂର୍ବାହ୍ଣ ୧୦ଟାରୁ ଚାଷୀମାନେ ସମ୍ବଲପୁରର ତିନୋଟି ସ୍ଥାନରେ ରାସ୍ତାରୋକ କରିଥିଲେ। ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଏବଂ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରି କେବଳ ଅର୍ଥନୈତିକ ଅବରୋଧ କରି ରାସ୍ତା ଉପରେ ଧାରଣାରେ ବସି ରହିଥିଲେ। ପୁଲିସ ପକ୍ଷରୁ କେତେକ ସ୍ଥାନରେ ଡାଇଭର୍‌ସନ୍ କରାଯାଇ ଥିବାରୁ ସହରଠାରୁ ଦୂର ବିଭିନ୍ନ ସ୍ଥାନରେ ଶହ ଶହ ଟ୍ରକ୍ ଅଟକି ରହିଥିଲା। ଚାଷୀମାନେ ମଧ୍ୟ ଟ୍ରକ୍ ଓ ଭାରୀଯାନ ଅଟକାଇଥିବାବେଳେ ଜରୁରୀକାଳୀନ ଗାଡ଼ି, ଆମ୍ବୁଲାନ୍ସ, ସ୍କୁଲ ବସ ଆଦିକୁ ଛାଡ଼ି ଦେଉଥିଲେ। ଚାଷୀମାନେ ସରକାର ବିରୋଧି ସ୍ଲୋଗାନ ଦେବାସହ ଡବଲ୍ ଇଞ୍ଜିନ ସରକାର କେବଳ ନାମକୁ ମାତ୍ର ଏବଂ ଟୋକନ ଇସ୍ୟୁ ନକରିବା ମନୁଷ୍ୟକୃତ ସମସ୍ୟା ବୋଲି କହିଥିଲେ। ଏହାସହ ଟୋକନ ନମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବାକୁ କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଆସି ଚାଷୀମାନଙ୍କୁ ସମର୍ଥନ ଦେଇ ଧାରଣାରେ ବସିଥିଲେ।

ଅପରାହ୍ଣରେ ପ୍ରଶାସନ ପକ୍ଷରୁ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ରେମେଡ ଛକ ଆନ୍ଦୋଳନସ୍ଥଳକୁ ଆସି ସମ୍ବଲପୁର ବିଧାୟକ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ସହ ଚାଷୀ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ସପ୍ତାହକ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି କହିଥିବା ଚାଷୀମାନଙ୍କୁ ଜଣାଇଥିଲେ। ତେବେ, ଚାଷୀମାନେ ତିନୋଟି ଜାଗାରେ ଆନ୍ଦୋଳନରତ ସାଥୀମାନଙ୍କ ସହ କଥାବାର୍ତ୍ତା କରି ଏଭଳି ଫମ୍ପା ପ୍ରତିଶ୍ରୁତି ଶୁଣିବେ ନାହିଁ ବୋଲି କହିଥିଲେ। ଏହାସହ ଏବେ ତୁରନ୍ତ କିଛିସଂଖ୍ୟକ ଦ୍ୱିତୀୟ ଟୋକନ ପଠାଯାଇଥିବା ଦେଖାଇବାକୁ କହିଥିଲେ। ପ୍ରଶାସନ ପକ୍ଷରୁ ଅସହାୟତା ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ଗାଡ଼ି ଆଣି ଚାଷୀମାନଙ୍କୁ ଉଠାଇବାକୁ ପ୍ରସ୍ତୁତି ଚାଲିଥିବା ଦେଖାଯାଇଥିଲା। ପ୍ରାୟ ସାଢ଼େ ୫ଟା ସମୟରେ ପୁଲିସ ଆସି ୮ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଛି ଏହା ବେଆଇନ ହୋଇଥିବାରୁ ୫ ମିନିଟ ମଧ୍ୟରେ ଉଠିଯିବାକୁ କହିଥିଲା। ତେବେ, ଚାଷୀମାନେ ଏହାକୁ ମାନି ନଥିଲେ। ଏହାପରେ ଆନ୍ଦୋଳନସ୍ଥଳ ରେମେଡ ଛକ ଓ ସିନ୍ଦୂରପଙ୍କ ତୁମ୍ବେସିଂହାରୁ ଚାଷୀମାନଙ୍କୁ ଉଠାଇନେଇ ପୁଲିସ ରିଜର୍ଭ ଗ୍ରାଉଣ୍ଡରେ ଅଟକ ରଖିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ବରିଷ୍ଠ ନେତା ମୁରାରୀ ପୁରୋହିତ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ତରଣୀସେନ ଭୋଇ, ଭୈରବ ପ୍ରଧାନ, ବୃନ୍ଦାବନ ମହନ୍ତମ, କିଶୋର ପଟେଲ, ସୀତାକାନ୍ତ ପଣ୍ଡା, କାଶୀ ବିଶ୍ୱନାଥ, ଯୋଗେଶ ଭୋଇ, ଦିଲ୍ଲୀପ ସାହୁ, ଝସକେତନ କର, ପୁଷ୍ପରଞ୍ଜନ ମହନ୍ତମ, ଭାସ୍କର ରାଓ, ମାର୍କଣ୍ଡ ମିରିଗ, ଲଖପତି ପ୍ରଧାନ, ବାବୁଲୁ ମିର୍ଦ୍ଧା, ସୁବାସ ପଟେଲ, ସଞ୍ଜୟ ପରିଡ଼ା, ଶିବପ୍ରସାଦ ବେହେରା, ଜଗନ୍ନାଥ ସାହୁ, ସୌମ୍ୟରଞ୍ଜନ ସାହାଣୀ ପ୍ରମୁଖ ବହୁ ଚାଷୀଙ୍କୁ ଅଟକ ରଖାଯାଇଛି।

ଜିଲ୍ଲାର ଚାଷୀମାନେ ବର୍ଷତମାମ କଷ୍ଟକରି ଧାନ ଉତ୍ପାଦନ କରିଥିବାବେଳେ ତାହାକୁ ବିକ୍ରୟ କରିବା ସମୟରେ ସରକାର ଜାଣିଶୁଣି ମିଲର୍ ରେଜିଷ୍ଟ୍ରେସନଠାରୁ ଆରମ୍ଭ କରି ଟୋକନ ଓ କଟ୍‌ନିଛଟ୍‌ନି ଭଳି ସମସ୍ୟା ସୃଷ୍ଟି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

**PUBLIC NOTICE**

This is to inform that my client, Mrs. Kamini Kar, has lost the original registered sale deed No. 552, dated 14/02/1992 relating to Khata No. 519/74, Plot No. 23/1066, Mouza-Puri Sahar Unit No. 17, Dolamandap Sahi, Puri. An FIR (Complaint No. 24502039072500150) has been lodged at Puri Town Police Station on 11th Dec 2025. Any person having a claim or objection over the said property is required to submit it with proof within 15 days from the date of this notice. If the original deed is not found within this period, the certified copy from the registry office will be treated as the original document.
Jayashree Jena (Advocate) Puri
Court Ph: 8144775325

यूनियन बैंक ऑफ इंडिया Union Bank of India
ଏଡଲାପାଡୁ ଶାଖା, ଡୋର ନଂ. 4-53/1, ଆନ୍ଧ୍ରା ବ୍ୟାଙ୍କ କମ୍ପ୍ଲେକ୍ସ, ମେନ୍ ରୋଡ୍, ଏଡଲାପାଡୁ – 522 232, ଇ-ମେଲ୍: ubin0819221@unionbankofindia.bank

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସୂଚନା**

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନୋଲିଖିତ ଗ୍ରାହକମାନେ ଯେଉଁମାନେ ଆମ ଶାଖା ଦ୍ୱାରା ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଥିଲେ, ସେମାନେ ଅନେକଥର ସୂଚନା ଦେବା ସତ୍ତ୍ୱେ ମଧ୍ୟ ଋଣ ପରିଶୋଧ କରିନାହାନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରିପେମେଣ୍ଟ ନ ହେବାରୁ, ସେମାନଙ୍କ ସ୍ୱର୍ଣ୍ଣ ଅଳଙ୍କାର ତା.୨୯.୧୨.୨୦୨୫ରିଖ (ସୋମବାର), ସନ୍ଧ୍ୟା ୪.୦୦ ଶାଖା ପରିସରରେ ସାର୍ବଜନିକ ନିଲାମରେ ବିକ୍ରୟ କରାଯିବ। ବିକ୍ରୟ ରାଶି ସମ୍ବନ୍ଧିତ ଖାତାକୁ ଜମା ହେବ। ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୯.୧୨.୨୦୨୫ରିଖ ଅପରାହ୍ନ ୨.୦୦ ଘଟିକା ପୂର୍ବରୁ ତାଙ୍କ ଅସ୍ତିତ୍ୱ ପରିଚୟ ପତ୍ର ଦେଖାଇବା ସହ ଏବଂ ୫,୦୦୦/- ଟଙ୍କା ଅମାନତ ରାଶି ଜମା କରିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମ ବାତିଲ କିମ୍ବା ସ୍ଥଗିତ କରିବାର ଅଧିକାର ସୁରକ୍ଷିତ ରଖିଅଛି। ନିଲାମ ପରେ ମଧ୍ୟ ସୁନା ବିକ୍ରୟ ରାଶି ପରେ ଯଦି କୌଣସି ଅବଶେଷ ଦାବୀ କିମ୍ବା ଖର୍ଚ୍ଚ ରହିଯାଏ, ତେବେ ଗ୍ରାହକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଯଦି ଗ୍ରାହକ ଦେହାନ୍ତରଣ ହୋଇଛନ୍ତି, ଏହି ସୂଚନା ତାଙ୍କ ବିଧିସମ୍ମତ ଉତ୍ତରାଧିକାରୀଙ୍କୁ ପ୍ରଯୁଜ୍ୟ ହେବ।

| ଋଣ ଆକାଉଣ୍ଟ ନଂ. | ଆକାଉଣ୍ଟଧାରୀଙ୍କ ନାମ ଏବଂ ଠିକଣା | ଓଜନ (ଗ୍ରାମରେ) |
|---|---|---|
| 192216540005034 | ମେଦିମି ଜନାର୍ଦ୍ଦନ ରାଓ, ପିତା: ଏମ୍. ରାଜା ରାଓ, ଗଣେଶ ନଗର ୪ର୍ଥ ଲେନ୍, ବ୍ରହ୍ମପୁର ଗାଁ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ | ୧୩.୮୦ |

ତା.୧୧.୧୨.୨୦୨୫, ସ୍ଥାନ: ଏଡଲାପାଡୁ   କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଡଲାପାଡୁ ଶାଖା, ପାଲନାଡୁ ଜିଲ୍ଲା

MM-366

GOVERNMENT OF ODISHA
OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION
E-mail id – dfo.redhakhol@odisha.gov.in
OFFICE ORDER NO.339/1F (Accounts), Dt. 11.12.2025

The following E-Tenders under Tender Bid Notification No. F&E /RKL/01,1(02),1(03),1(04) (Online)/2025-26 dt.18.11.2025 are hereby cancelled due to following reasons.

| SL No. | Name of the Work | Tender Amount in Rs. | No of Bidder applied | Remarks |
|---|---|---|---|---|
| 1 | Construction of Forest Guard Quarter at Jharapada of Rairakhol Forest Range under Redhakhol Forest Division | Rs.13,35,593/- | 0 | Cancelled due to non receipt of minimum bid |
| 2 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 3 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 4 | Construction of ACF Quarter at Forest Colony under Redhakhol Forest Division | Rs.16,77,966/- | 1 | Cancelled due to participation of Single Bidder. |

OIPR-08146/11/0035/2526
Divisional Forest Officer
Redhakhol Forest Division

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**Tender Notice**

IGSSS invites quotations from reputed and experienced service providers for Pond Desilting and Toilet Construction work. Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, please contact 9711387171 / 8984983103

**AFFIDAVIT**

By Virtue of an affidavit Before the Executive Magistrate: Sadar, Cuttack, Odisha. I Smt. HARSHITA KANKARIA, aged about 25 years, D/O: Rajendra Kankaria, Village: Gulab Badi, PO: Arya Samaj Road, P.S.: Kota, Kota City, Dist: Rajasthan-324006. declare by this Affidavit No.: 10680, dtd: 13.10.2023, I have Changed my name from Harshita Kankaria to HARSHITA CHORARIA. Harshita Kankaria & Harshita Choraria is one and the same person. Henceforth I shall be known as HARSHITA CHORARIA for all purposes.

**AFFIDAVIT**

By virtue of an affidavit no.2927, before Executive Magistrate, Phulbani dated 24.11.2025 I, Krishnamayee Majhi, residing at Bandhagada, P.O. Bandhagada, P.S.: Phiringia, Dist.: Kandhamal, - 762011 have changed my name from Krishnamayee Majhi to Krishna Majhi. Henceforth I shall be known as Krishna Majhi for all purposes.
Sd/- Krishna Majhi

**AFFIDAVIT**

By virtue of an affidavit sworn before the Executive Magistrate, Oupada, Balasore, Odisha vide Sl. No. 617 on dated 09/12/2025 I, Hemanta Kumar Malik, S/o. Krushna Chandra Malik, At. Similipal, Po. Badapokhari, Ps. Oupada, Dist. Balasore, Odisha, Pin code- 756047, declare that I have changed the name of my daughter from Meghana Malik to Meghnarani Malik. Henceforth, she will be known as Meghnarani Malik for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 113, dated. 10.12.2025 I, PADMAN JANI, S/o- Late. Somnath Jani, At Village- Nua Hirli, PO - Agnipur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PADMA JANI to PADMAN JANI. Henceforth, I shall be known as PADMAN JANI for all purposes.
Sd/- PADMAN JANI

**AFFIDAVIT**

By virtue of an affidavit no.2955, before Notary Public, Sukinda, dtd.19.11.2025 I, Rekha Pradhan, residing at Village Madhapur (Rangitangar), Po/Ps.: Sukinda, Dist: Jajpur,-755018 hereby declare that my correct name is Rekha Pradhan but in my Aadhaar Card wrongly recorded as Rekh Pradhan. That both names "Rekha Pradhan" and "Rekh Pradhan" refer to the same and one person, i.e., myself.

**CENTRE FOR REHABILITATION SERVICES & RESEARCH (CRSR)**

**APPOINTMENT**

Applications are invited from the eligible candidates with requisite qualifications to fill up the following vacancies of CRSR, Bhadrak on contractual basis. The candidates are required to file their applications with complete Bio-data through Registered Post / Speed Post / E-mail by 01.01.2026 positively to the General Secretary, Centre for Rehabilitation Services & Research (CRSR), At- Prasanti Bhawan, Dahanigadia, Po- Charampa, Bhadrak-756101 (E-mail-crsrorissa@gmail.com). Suitable candidates will be call for interview after due scrutiny.

| Post | Nos. | Qualification |
|---|---|---|
| Physiotherapist | 03 | BPT with 03 years' experience / MPT from any recognized university. |
| Clinical Psychologist | 01 | M.A in Clinical Psychology with 03 years exp, in Disability management. Preference will given to exp. In Counseling & guidance of IDD. |
| Occupational Therapist | 01 | BOT with 03 years' experience / MPT from any recognized university. |
| Social Worker | 01 | MSW from reputed Institution with 05 years' experience in Disability rehabilitation and management. |
| Multipurpose Rehabilitation Assistant | 01 | PG Diploma in Community Based Rehabilitation/Diploma in Community Based Rehabilitation with 02 Yrs. Exp. |
| Speech Language Pathologist | 01 | BASLP from recognized university with 02 years' experience. |

# ମନମୋହୁଛି ପଦ୍ମପୁର ଲୋକମହୋତ୍ସବ

ପଦ୍ମପୁର, ୧୨।୧୨(ସମିସ)

ବରଗଡ଼ ଜିଲ୍ଲା ପଦ୍ମପୁର ଟାଉନ କ୍ଲବ୍ ତରଫରୁ ଆୟୋଜିତ ହେଉଥିବା ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରିଷ୍ଣା ବିକାଶର ମୁଖ୍ୟ ତଥା ଶିକ୍ଷାବିତ୍ ଡି.ମୂରଲୀ କ୍ରୀଷ୍ଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆପାଲି ଆଶ୍ରମର ଅଧକ୍ଷ ଆଚାର୍ଯ୍ୟ ଭଗବାନ ଦେବ, ପଦ୍ମପୁର ଏନ୍‌ଏସିର ପୂର୍ବତନ ଅଧକ୍ଷ ଶିରିଶ ବହିଦାର, ଟାଉନ୍ କ୍ଲବ୍‌ର ବରିଷ୍ଠ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ ପର୍ବର ଶୁଭାରମ୍ଭ କରିଥିଲେ। ସଙ୍ଗୀତ ସମିତି ତରଫରୁ 'ଇଟା ଆମର ଜନମ ମାଟିରେ' ସଙ୍ଗୀତ ଗାଇ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ମହୋତ୍ସବ ଆୟୋଜନ କମିଟି ତଥା ଟାଉନ୍ କ୍ଲବ୍ ସଭାପତି ପ୍ରିତେଶ ବହିଦାର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କୁନାଲ ପାଣିଗ୍ରାହୀ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।



ତୃତୀୟ ସନ୍ଧ୍ୟାରେ ବୁଢ଼ା ସମ୍ବର ଅଞ୍ଚଳର ବହୁ ପରିଚିତ ସମ୍ବଲପୁରୀ ଗାୟିକା ଗୀତାଞ୍ଜଳି ପୋଡଙ୍କ ହଳଦୀ ଗିନା ଗୀତରୁ ସାଂସ୍କୃତିକ ପର୍ବ ଶୁଭାରମ୍ଭ ହୋଇଥିଲା। ଝୁମେର ନୃତ୍ୟ ରାଜଗାଙ୍ଗପୁର, ବଲାଙ୍ଗିର କୋଶଳ ଫୋକ ଏକାଡେମୀର ଡାଲଖାଇ, ଗୁଜରାଟର ବ୍ରହ୍ମପୁରୀରାସ ଗର୍ବା, ସମେତ ଛୁମକୁଛୁମା କଳା ପରିଷଦ ଡେଡେନ, ପଦ୍ମପୁର ମହିଳା ମହାବିଦ୍ୟାଳୟର ଭାଏ ଜିଉତିଆ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ବଲପୁରୀ ନୃତ୍ୟ, ଜିସ୍ଟ କଲେଜର ନୃତ୍ୟ ପରିବେଷିତ ହୋଇଥିଲା। ଏହାସହ ସୁରଶ ସାହୁଙ୍କ ନିର୍ଦ୍ଦେଶନାରେ ଓ ରେନବୋ ଫେସନ ଡିଜାଇନର ଜୁନିୟର ସମ୍ବଲପୁରୀ ଫେସନ ଶୋ ଏବଂ ଟେନେସ ପଣ୍ଡା ଏବଂ ଏଡିଭି ସୋମେଶ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନା ଓ ଆଦ୍ୟାସା ମଞ୍ଜରୀ ପଟ୍ଟନାୟକଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନିୟର ରାମ୍ପ ଶୋ ହୋଇଥିଲା। ସମ୍ବଲପୁରୀ ପିନ୍ଧନ ଉଢ଼ନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦ୍ୟ, ନୃତ୍ୟ, ଗୀତରେ ଦୁଲକିଲାଥିଲା ମଞ୍ଚ।

ଉତ୍ସବରେ ସଚିଦାନନ୍ଦ ବହିଦାରଙ୍କୁ କ୍ରୀଡା ସାଧନା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ସମ୍ବଲପୁରୀ ଗୀତଗାଇ ଲୋକଲୋଚନକୁ

**ତୃତୀୟ ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ**

ଆସିଥିବା ବୁଢ଼ାସମ୍ବର ମାଟିର ଗୌରବ ଗୀତାଞ୍ଜଳି ପୋଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ଟାଉନ୍ କ୍ଲବ୍‌ର ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। କ୍ଲବ୍ ସଭାପତି ତଥା ମହୋତ୍ସବ କମିଟିର ସଭାପତି ପ୍ରିତେଶ ବହିଦାର, ଆବାହକ ଅଶୋକ ମିଶ୍ର, ସମ୍ପାଦକ ଶ୍ରୀ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ସୁବାଷ ପାତ୍ର, ସରୋଜ ମିଶ୍ର, ନରୋତମ ପ୍ରଧାନ, ହରି ସିଂ, କେଶବରଞ୍ଜନ ପ୍ରଧାନ, ଅଶୋକ ବହିଦାର, ନିରୋଜ ଦୋରା, ସୁରେନ୍ଦ୍ର ସାହୁ, ରମେଶ ଗୁର୍ଲ୍ଲା, ବିକାଶ ବହିଦାର, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ପ୍ରତାପ ନାଥ, ଆଦିତ୍ୟ ରଥ, ଜ୍ୟୋସ୍ନାରାଣୀ କର, ରଞ୍ଜୁ ସେଠ, ନାରାୟଣ ପୁରୋହିତ, ରାଜେଶ ଗୁର୍ଲ୍ଲା, ନିରୋଜ ସିହ୍ନା, ଅଖିଳ ପଟ୍ଟନାୟକ, ଦିନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ଅମିତ ଗର୍ଗ, ଏଡିଭି ସୋମେଶ ଚନ୍ଦ୍ର ମହାନ୍ତି, ନିଖିଳ ପଟନାୟକ, ନରେଶ ବାରିକ, ଟେନେସ ପଣ୍ଡା, ଯୁଗଳ ସାହୁ, ଚିନ୍ମୟ ସାମଲ, ଅନିଲ ଗୁର୍ଲ୍ଲା, ରାହୁଲ ବହିଦାର, ବାରୀଶରାଜା, ଲକ୍ଷ୍ମୀକାନ୍ତ ବରିହା, ରୋହିତ ସେଠ, ରାହୁଲ ତାଣ୍ଡି, ସୁରେନନ୍ଦ୍ର ଲୁହାର, ଉଦ୍ଧବ ଡୁଙ୍ଗରି, ରୁଦ୍ରନାରାୟଣ ସାହୁ, ଶଙ୍କର ରାଉଥ, ବିନୀତ ପାତ୍ର, ଆଦେଶ ସାହୁ, ଓଁମ ସାହୁ, ଆୟୁଷ ଯୋଶୀ, ଡମ୍ବରୁ ଭୋଇ, ବିରେନ ପ୍ରଧାନ, ପ୍ରେମାନନ୍ଦ ବରିହା, ମନୋଜ ପ୍ରମୁଖ ସଦସ୍ୟ ମାନେ ସହଯୋଗ କରିଥିଲେ। ମନିଷ ରଥ, ପ୍ରାପ୍ତି ପାଣିଗ୍ରାହୀ, ଆଦ୍ୟା ବନଛୋର, ଶୋନାଲିକା ବନଛୋର ମଞ୍ଚ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇ ଥିଲେ। ରମେଶ ଗୁର୍ଲ୍ଲା, ରାଜେଶ ଗୁର୍ଲ୍ଲାଙ୍କ ସଂଯୋଜନାରେ ସଙ୍ଗୀତ ସମିତିର କଳାକାର ମାନଙ୍କ ଦ୍ୱାରା ବାଦ୍ୟ ସଞ୍ଚାଳନ ହୋଇଥିଲା। ନାଟ୍ୟକାର ଅଶୋକ ବହିଦାର, କେଶରଞ୍ଜନ ପ୍ରଧାନ ମିଟିଂ ମଞ୍ଚ ପରିଚାଳନା କରିଥିଲେ।

# ୨୭୦୦ ବୋତଲ କଫ୍ ସିରପ୍ ଜବତ, ୨ ଗିରଫ



**ବରଗଡ଼, ୧୨।୧୨(ସମିସ):** ୨୭୦୦ ବୋତଲ କଫ୍ ସିରପ ଚାଲାଣ ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ବରଗଡ଼ ଟାଉନ ପୁଲିସ। ପୁଲିସ ପାଟ୍ରୋଲିଂ ସମୟରେ ଏକ ପିକ୍‌ଅପ୍ ଭେନ୍‌ରେ କଫ୍ ସିରପ୍ ଚାଲାଣ ହେଉଥିବା ଖବର ପାଇବା ପରେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇ ୨୭୦୦ ବୋଟଲ କଫ୍ ସିରପ୍ ସହ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରଥିଲା। ତେବେ ପିକ୍‌ଅପ୍ ଭେନ୍‌ରୁ କଫ୍ ସିରପ୍ ଅନଲୋଡ୍ କରି ପିକପ୍ସ୍ ଘଟଣା ସ୍ଥଳରୁ ଚାଲି ଯାଇଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ଦୁଇଟି ସ୍କୁଟି ଓ ଏକ ମୋବାଇଲ ଫୋନ୍ ଜବତ କରଯାଇଛି। ଏହି ସମୟରେ ୬ଟି ପାକେଟ୍‌ରେ ୨୭୦୦ ବୋତଲ କଫ୍ ସିରପ୍ ସହ ଦୁଇ ଅଭିଯୁକ୍ତ ଧରାପଡ଼ିଛନ୍ତି। ତେବେ ଘଟଣା ସ୍ଥଳରୁ କିଛି ଅଭିଯୁକ୍ତ ଫେରାର ହୋଇଥିବା ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ବିପୁଳ କଫ୍ ସିରପ୍, ନିଶା ବଟିକା ଜବତ, ୩ ଗିରଫ

**ପଦ୍ମପୁର:** ପଦ୍ମପୁର ପୁଲିସର ପାଟ୍ରୋଲିଂ ଦ୍ୱାରା ଟିମ ଜମଲା ଛକରେ ଚଢ଼ଉ କରାଯାଇ ବିପୁଳ କଫ୍ ସିରପ୍ ନିଶା ବଟିକା ଜବତ ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ପାଇ ପଦ୍ମପୁର ପୁଲିସ ସବ ଇନ୍ସପେକ୍ଟର ଏ. ବେହେରାଙ୍କ ନେତୃତ୍ୱରେ ଆଜି ଦିନ ୧୨ ଟା ସମୟରେ ହୋଇଥିଲା। ତିନି ଅଭିଯୁକ୍ତ ପ୍ରକାଶ ବେହେରା (ସମ୍ପିଆ) ପ୍ରମୋଦ ରଣା, ବେଣୁଧର ବେହେରା (ମହୁଲପାଲି)ଙ୍କୁ ଗିରଫ କରି ସେମାନଙ୍କ ଠାରୁ ୮୦ ବୋତଲ କଫ୍ ସିରପ୍, ୫ ଷ୍ଟ୍ରିପ ନିଶା ବଟିକା, ୫ ଲିଟର କଫ୍ ସିରପ୍ ଓ ଏକ ବାଇକକୁ ଜବତ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।



# ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ପ୍ରସ୍ତୁତି

**ବରଗଡ଼, ୧୨।୧୨(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ୨୦୨୫-୨୬ ପାଳନ ଉପଲକ୍ଷେ ପ୍ରଚାର ପ୍ରସାର କମିଟିର ପ୍ରସ୍ତୁତି ବୈଠକ ଶନିବାର ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଆବାହକ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ନାମ ସ୍ଥିର ରହିଛି। ସହ ସଂଯୋଜକ ଭାବେ ରବିନାରାୟଣ ପଣ୍ଡା, ଲଲାଟେନ୍ଦୁ ଦାଶ ଓ ରଞ୍ଜନ ଦେବତାଙ୍କୁ ନିଯୁକ୍ତ କରାଗଲା। ଗଣମାଧ୍ୟମ ପ୍ରତିନିଧି ଓ ସଂସ୍କୃତିକ ବ୍ୟକ୍ତିତ୍ୱ ମାନଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଣ୍ଣୟ ହୋଇଛି।



ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ବୈଠକର ଅଧକ୍ଷତା କରିଥିଲେ। ଶ୍ରୀ ଖୋସ୍ଲା ସମସ୍ତ ସଦସ୍ୟ ଓ ଗଣମାଧମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଧନୁଯାତ୍ରାକୁ ଗୌରବମୟ, ସୂଚାରୁ ଓ ସୁସଂଗଠିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ସର୍ବସମ୍ମତିରେ ପ୍ରଚାର ପ୍ରସାର କମିଟିକୁ ପୁନର୍ଗଠନ କରାଗଲା। କମିଟିର ନେଇ କମିଟି ଗଠନ କରିବାକୁ ନିର୍ଣ୍ଣୟ ହୋଇଛି। ଧନୁଯାତ୍ରା ଅବସରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ଶୋଭାଯାତ୍ରା, ଚିତ୍ରକଳା ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, କଳାକାର ଶିବିର ଓ ମିଡିଆ ପରିଚାଳନା ପାଇଁ ସଦସ୍ୟମାନଙ୍କୁ ଭିନ୍ନଭିନ୍ନ ଦାୟିତ୍ୱ ବଣ୍ଟନ କରାଗଲା। ଶୋଭାଯାତ୍ରା ପାଇଁ ରବିନାରାୟଣ ପଣ୍ଡାଙ୍କୁ ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ସେହିଭଳି ଭାବେ ଚିତ୍ରକଳା ପ୍ରତିଯୋଗିତା ପାଇଁ ସନ୍ତୋଷ ଭୋଇ, ରଙ୍ଗୋଲି ପ୍ରତିଯୋଗିତା ପାଇଁ ସତ୍ୟଜିତ ଦାଶ ଏବଂ କଳାକାର ଶିବିର ପାଇଁ ବାଲାଜୀ ବିଭୁରଞ୍ଜନ ତରାସିଆଙ୍କୁ ଦାୟିତ୍ୱ ଦିଆଯାଇଛି। ମିଡିଆ ପରିଚାଳନାର ମୁଖ୍ୟ ଭାବେ ରଞ୍ଜନ ଦେବତାଙ୍କୁ ନିଯୁକ୍ତ କରାଯାଇଛି। ଏହି ପ୍ରତିଯୋଗିତା ଗୁଡିକ ୨୨ ଡିସେମ୍ବରରୁ ଆରମ୍ଭ ହେବ। ବୈଠକରେ ମିଡିଆ ପରିଚାଳନା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ଥିର କରାହୋଇଥିଲା। ମିଡିଆ ପାସ କେବଳ ରାଜ୍ୟ ଓ ନିକଟସ୍ଥ ଜିଲ୍ଲାରୁ ଆସିଥିବା ପ୍ରମାଣିକ ସାମ୍ବାଦିକମାନଙ୍କୁ ଦିଆଯିବ। ଜିଲ୍ଲା ବାହାରର ସାମ୍ବାଦିକମାନେ ପ୍ରେସ ଆଇଡି ନକଲ ଦେବାକୁ ପଡ଼ିବ। ସଦର ମହକୁମାରେ କାର୍ଯ୍ୟରତ ଓ ସକ୍ରିୟ ୱେବ ଚାନେଲ ସାମ୍ବାଦିକମାନଙ୍କୁ ମଧ ପାସ ମିଳିବ। ଫୋଟୋଗ୍ରାଫି ପାଇଁ ପ୍ରିଣ୍ଟ ମିଡିଆ ସମ୍ମିଳିତ ଭାବେ ଜଣେ କ୍ୟାମେରାମ୍ୟାନ ଚୟନ କରିବେ ଓ ତାହାକୁ କମିଟିଙ୍କୁ ସୁପାରିଶ କରିବେ। ଇଲେକ୍ଟ୍ରୋନିକ ମିଡିଆ ପାଇଁ ଡ୍ରୋନ କ୍ୟାମେରା ଫୁଟେଜ ବ୍ୟବସ୍ଥା ରହିବ। ଏହାଛଡା ସାମ୍ବାଦିକମାନଙ୍କ ସୁବିଧା ପାଇଁ କଂସ ଦରବାର ଓ ରଙ୍ଗମହଲ ପ୍ରାଙ୍ଗଣରେ ବାଇଟ ଷ୍ଟଲ ସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଅବସରପ୍ରାପ୍ତ ଶିକ୍ଷକ ନବୀନ ଚନ୍ଦ୍ର ମହାପାତ୍ରଙ୍କ ପରଲୋକ

**ଝିଅ ଦେଲେ ମୁଖାଗ୍ନି**

**ବରଗଡ଼, ୧୨।୧୨(ସମିସ):** ବରଗଡ଼ ଜିଲ୍ଲା ଯୋଖିପାଲି ଗାଁର ଅବସରପ୍ରାପ୍ତ ଶିକ୍ଷକ ନବୀନ ଚନ୍ଦ୍ର ମହାପାତ୍ରଙ୍କ (୮୪) ପରଲୋକ ଘଟିଛି। ସମ୍ବଲପୁର ଜିଲ୍ଲା ସ୍କୁଲରୁ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ କରି ଶେଷରେ



ବରଗଡ଼ ସିଟି ସ୍କୁଲରେ ଚାକିରି ଜୀବନରୁ ଅବସର ନେଇଥିଲେ। ବିଗତ ତିନି ବର୍ଷ ହେବ ସେ ତାଙ୍କ ଝିଅ ପାଖେ ରହୁଥିଲେ। ତାଙ୍କ ବିୟୋଗରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଝିଅ ବବିତା ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମହାତ୍ମା ଗାନ୍ଧୀ ଜୁନିଅର ମହାବିଦ୍ୟାଳୟରେ କ୍ୟାରିୟର ସେମିନାର

**ଅମ୍ବାଭୋନା, ୧୨।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ଜୁନିୟର ମହାବିଦ୍ୟାଳୟରେ ଆଇଆଇଏମ୍‌ଏସ୍



ମହାବିଦ୍ୟାଳୟ ତରଫରୁ ଏକ କ୍ୟାରିୟର ସେମିନାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଧ୍ରୁବ ଚରଣ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ଆଇଏମଏସ ଅଧକ୍ଷ ଦୁର୍ବାସା ପଧାନ, ବିପିଓ ଓମପ୍ରକାଶ ସାହୁ, ଏଆଇଆଇଟି ନିର୍ଦ୍ଦେଶକ ଅନିଲ ସାହୁ ଛାତ୍ରଛାତ୍ରୀଙ୍କୁ ନିଜ କ୍ୟାରିୟର କିଭଳି ଭାବେ ନିଶ୍ଚିତ କରିପାରିବେ, ନିଜକୁ ସ୍ୱାବଲମ୍ବୀ କରିପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅଧାପକ ଜଗଦୀଶ ନାୟକ ସଭା ସଞ୍ଚାଳନ କରିଥିବା ବେଳେ ଜୟନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥଲେ। ଅଧାପକ ପ୍ରଶାନ୍ତ ସାହୁ, କିଶନ ଅଗ୍ରୱାଲ, ଅନୁପମା ପ୍ରଧାନ, ଭାରତ ବିଶି, ଚିନ୍ମୟ ପ୍ରଧାନ, ତାରାକାନ୍ତି ସାହୁ, ସୁଜାତା ସା, ଲିପିକା ସାହୁ, ସୁଧାରାନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ରାଧାରାଣୀ ପଟ୍ଟନାୟକଙ୍କ ନବମ କବିତା ସଙ୍କଳନ 'ସୂପର୍ଣ୍ଣା' ଉନ୍ମୋଚିତ



**ବରଗଡ଼, ୧୨।୧୨(ସମିସ):** ଯୁଗୋପଯୋଗୀ ସୁବର୍ଣ୍ଣ ଦୀପ ଓ ଭାରତୀ ଶିଶୁ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ବିଶିଷ୍ଟ ଲେଖିକା ରାଧାରାଣୀ ପଟ୍ଟନାୟକଙ୍କ ନବମ କବିତା ସଙ୍କଳନ 'ସୂପର୍ଣ୍ଣା' ଉନ୍ମୋଚିତ ହୋଇଛି। ସୁବର୍ଣ୍ଣ ଦୀପ ପତ୍ରିକାର ସମ୍ପାଦକ ସାମ୍ବାଦିକ ପ୍ରଦୀପ୍ତ ଭାନୁ ମହାନ୍ତିଙ୍କ ଅଧକ୍ଷତା ଓ ଡ.ଡୋଳାମଣି ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସୁଦୀପ ରଥ, ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଶାଳିନି ସା, ସହସମ୍ପାଦିକା ରିତିକା ସା ପ୍ରମୁଖ ଯୋଗ ଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନବିକ୍ରି ମନ୍ଥରତା ବିରୋଧରେ ଏନ୍‌ଏସିସ୍ତରୀୟ ଚାଷୀ ବୈଠକ



**ଅତାବିରା, ୧୨।୧୨(ସମିସ):** ଧାନର କିଣାବିକା ମନ୍ଥର ଚାଲିଥିବା ବେଳେ ପ୍ରକୃତ ଚାଷୀ ହଇରାଣ ହେଉଥିବାରୁ ସୁରୁଖୁରୁରେ ଧାନ ବିକିବା ପାଇଁ ଏନ୍‌ଏସିର ଚାଷୀ ସ୍ଥାନୀୟ ଦୁର୍ଗା ମନ୍ଦିରଠାରେ ବୈଠକ କରିଛନ୍ତି। ଅତାବିରା ପାକ୍ସ ଅଧୀନ ଅତାବିରା ଏନ୍‌ଏସି ଚାଷୀ ବହୁଳ। ଏହି ଏନ୍‌ଏସିରେ ରେଙ୍ଗାଲିପାଲି, କାଣ୍ଡପାଲି, ଲାଦରପାଲି, ଭାଲୁପାଲି, ବୈମାନଟିକ୍ରା, ଭୋଇପୁରା, ଅତାବିରା ଗାଁ ଆଦି ରହିଛି। ଏହିସବୁ ଗାଁ ଗୁଡ଼ିକରେ ଶତ ପ୍ରତିଶତ ଚାଷୀ ରହିଛନ୍ତି। ବିଗତ ଫସଲ ଧାନ ସଂଗ୍ରହରେ କିଛି ଚାଷୀ ବ୍ୟକ୍ତିଗତ ଉଦ୍ଦେଶ୍ୟ ପାଇଁ ଧାନ କିଣା ବିକା ସମୟରେ ବିଭ୍ରାନ୍ତି, ହସ୍ତକ୍ଷେପ କରିବା ଦେଖା ଦେଇଥାଏ। ଏହାଦ୍ୱାରା ଧାନ ସଂଗ୍ରହ ବାଧାପ୍ରାପ୍ତ ହୋଇଥାଏ। ପ୍ରକୃତ ଚାଷୀ ବିଭିନ୍ନ ଅସୁବିଧା ଭୋଗ କରିଥାଏ। ଚଳିତ ଫସଲର ଧାନ ସୁରୁଖୁରୁରେ ବିକ୍ରି କରିବା ପାଇଁ ସ୍ଥାନୀୟ ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ ପରିସରେ ଅକ୍ଷେଟିକ୍ରାର ଚାଷୀ ସମୀର ପ୍ରଧାନଙ୍କ ସଭାପତିତ୍ୱରେ ଏନ୍‌ଏସି ଅଧୀନ ବିଭିନ୍ନ ଗାଁର ଚାଷୀଙ୍କୁ ନେଇ ବୈଠକ ହୋଇଥିଲା। ଏନ୍‌ଏସି ସ୍ତରର ଚାଷୀ ବିନା ଦ୍ୱିଧାରେ ଧାନ ବିକ୍ରି କରିବା ପାଇଁ ଶନିବାର ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସହ ସାକ୍ଷାତ କରି ସମାଧାନର ବାଟ ବାହାର କରିବାକୁ ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର ଓ କାର୍ଯ୍ୟକାରୀ ସଭାପତି ଟିଖେଲାଲ ମିଶ୍ରଙ୍କ ନିମନ୍ତ୍ରିତ ଚାଷୀ ଭାବେ ଯୋଗ ଦେଇଥିଲେ। ଆଲୋଚନାରେ ଦଶରଥ ଭୋଇ, ଅମୂଲ୍ୟ ସ୍ୱାଇଁ, ଜିତେନ ପ୍ରଧାନ, ବିକ୍ରମ ପ୍ରଧାନ, ସଂସାର ଭୋଇ, ସୁରେନ୍ଦ୍ର ପ୍ରଧାନ, ରାଜେଶ ପ୍ରଧାନ, ସତ୍ୟବାନ ସାହୁ, ପି ଜଗଦିଶ, ପି ଶ୍ରୀଧର, ଜନ୍ମେଜୟ ସ୍ୱାଇଁ, ଧିରଜ ସାହୁ, ସାଧୁ ଗଡ଼ତିଆ, ରାମା ଗଡ଼ତିଆ, ସୁରେନ୍ଦ୍ର ସ୍ୱାଇଁ, ଜିରବି, ଜି ଅନିଲ, ରଷିକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା





**ଝାରବନ୍ଧ, ୧୨।୧୨(ସମିସ):** 'ଆସ ସ୍କୁଲ ଯିବା ଅଭିଯାନ'ରେ ଜାମପାଲି କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଜାମପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିରଣ ବାଗ, ସରପଞ୍ଚ ଭଣ୍ଡାରପୁରୀ ପଞ୍ଚାୟତ, ମୁଖ୍ୟବକ୍ତା ଭାବେ ଏବିଇଓ ଦୟାନିଧି କୈବର୍ତ୍ତ, ଜାମପାଲି କ୍ଲଷ୍ଟର ସିଆରସିସି କରୁଣା ସାହୁ, ସମ୍ମାନିତ ଅତିଥି ଭାବେ ଜାମପାଲି ସ୍କୁଲ ଅଧକ୍ଷ ପ୍ରମୋଦ ଚନ୍ଦ୍ର ସାହୁ, ପୂର୍ବତନ ସିଆରସିସି କୁବେର ପୋଡ଼, ପୂର୍ବତନ ରାଜସ୍ୱ ନିରୀକ୍ଷକ ଈଶ୍ୱର ଦୀପ, ହୁମେଶ୍ୱର ସାହୁ, ଦୟାଲାଲ ସାହୁ, ଗାଁ କମିଟି ସମ୍ପାଦକ ସୋମନାଥ ବାଗ ଯୋଗ ଦେଇଥିଲେ। ଅଧାରୁ ପାଠ ଛାଡି ଦେଇଥିବା ପିଲା, ସ୍କୁଲ ଯାଇ ନଥିବା ପିଲାମାନଙ୍କ ଚିହ୍ନଟ କରାଯାଇ ମୁଖ୍ୟ ସ୍ରୋତରେ ଆଣିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିଲା। ଜାମପାଲି କ୍ଲଷ୍ଟରରେ ମୋଟ ୯୭ ଜଣ ଡ୍ରପ ଆଉଟ ଛାତ୍ରଛାତ୍ରୀ ଥିବାବେଳେ ୪୫ ଜଣଙ୍କୁ ମୁଖ୍ୟ ସ୍ରୋତରେ ଅଣାଯାଇଥିବା ସିଆରସିସି ଶ୍ରୀ ସାହୁ ସୂଚନା ଦେବା ସହ ରହି ଯାଇଥିବା ସମସ୍ତ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବାର ପ୍ରଚେଷ୍ଟା ଜାରି ଥିବା କହିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୋହିତ କଲେତ ମଞ୍ଚ ପରିଚାଳନା କରିଥିଲେ।

**ଝାରବନ୍ଧ:** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ, ବୈତାଳି କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମୁରିପାଣିରେ 'ଆସ ସ୍କୁଲ ଯିବା ଅଭିଯାନ' ଅଧୀନ ସ୍ୱତନ୍ତ୍ର 'ଶିକ୍ଷା ସଭା' କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଦିବସ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି, ସମ୍ମାନିତ ଅତିଥି ଭାବେ ଅମଠି ଗାଁ ପଞ୍ଚାୟତ ସରପଞ୍ଚ ଲକ୍ଷେ ସିଂ ଥପା, ଡୁମୁରିପାଣି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିନବନ୍ଧୁ ବାଳମ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଲିଙ୍ଗରାଜ ପଟେଲ, ଦୀପକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ପତି ଉକ୍ତ ଶିକ୍ଷା ସଭାର ମହତ୍ତ୍ୱ ତଥା ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବୈତାଳି କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବୈତାଳି କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

# ଶିକ୍ଷା ସଭା ପାଇଁ ବୁଲିଲା ଶିକ୍ଷା ସଚେତନତା ରଥ

ଝାରବନ୍ଧ, ୧୨।୧୨(ସମିସ)

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ୧୦ଟି କ୍ଲଷ୍ଟର ସିଆରସିସିଙ୍କ ମିଳିତ ଉଦ୍ୟମରେ 'ଆସ ସ୍କୁଲ ଯିବା' ଅଭିଯାନ ଅଧୀନ ଶିକ୍ଷା ସଭା ପାଇଁ ଏକ ଶିକ୍ଷା ସଚେତନତା ରଥ ବାହାରି ସମସ୍ତ କ୍ଲଷ୍ଟରର ଗୋଟିଏ ଲେଖାଏଁ ବିଦ୍ୟାଳୟ ତଥା ଗାଁକୁ ଯାଇ ଅଭିଭାବକ ମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଝାରବନ୍ଧ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ଉଦ୍‌ଘାଟନ କରିଥିଲେ। ଯେଉଁଥିରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ ଉପସ୍ଥିତ ଥିଲେ। ରଥ ପ୍ରଥମେ ଝାରବନ୍ଧ କ୍ଲଷ୍ଟର ଅଧୀନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବାହାରି ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ପୋଡ଼ ଏବଂ ସିଆରସିସି ଗୋପାଳ ହରିଜନ ରଥକୁ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ସ୍ୱାଗତ କରିଥିଲେ। ଏହାପରେ ଶିକ୍ଷା ସଭା ସଚେତନତା ରଥ ଲେରଗାଁ କ୍ଲଷ୍ଟର ଅଧୀନ ଅଡାପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲା, କ୍ଲଷ୍ଟର ସିଆରସିସି ଅକ୍ରୁର ସାହୁ ଏବଂ ପ୍ରଧାନଶିକ୍ଷକ ସଦାନନ୍ଦ ବେହେରା ସ୍ୱାଗତ କରିଥିଲେ। ପରେ ଶିକ୍ଷା ରଥ ଜଗଦଳପୁର କ୍ଲଷ୍ଟର ଅଧୀନ ଧଉଁରାଭଟା ଉଚ୍ଚ ପ୍ରାଥମିକ ସ୍କୁଲକୁ ପହଞ୍ଚିଥିଲା। କ୍ଲଷ୍ଟର ସିଆରସିସି ନିଳାମ୍ବର ସାହୁ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ରଥକୁ ସ୍ୱାଗତ କରିଥିଲେ। ଅନୁରୂପ ଭାବେ ନିଲଜିପତ୍ରା କ୍ଲଷ୍ଟରରେ ଶିକ୍ଷା ସଭା ସଚେତନତା ରଥକୁ କ୍ଲଷ୍ଟର ସିଆରସିସି ଜଗଦିଶ ସେଠ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜରବିନ୍ଦ ନାୟକ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ। ଏହାପରେ ରଥଟି ଚନ୍ଦ୍ରମଣିପୁର କ୍ଲଷ୍ଟରକୁ ଯାଇଥିଲା ଯେଉଁଠି ସିଆରସିସି ରାଜେନ୍ଦ୍ର ମହାକୁର ରଥକୁ ସ୍ୱାଗତ କରିଥିଲେ। ଜାମପାଲି କ୍ଲଷ୍ଟରରେ ଜାମପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି କରୁଣା ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସ୍ୱାଗତ କରିଥିଲେ। ଡଭା କ୍ଲଷ୍ଟରରେ ସିଆରସିସି କ୍ଷୀରୋଦ୍ର ମହାନନ୍ଦ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରଥକୁ ସ୍ୱାଗତ କରିଥିବା ବେଳେ ଭଣ୍ଡାର ଜୋରି କ୍ଲଷ୍ଟରର ପଗାରପାଣି ବିଦ୍ୟାଳୟରେ ସିଆରସିସି ବିଷ୍ଣୁଚରଣ ସାହୁ ରଥକୁ ସ୍ୱାଗତ କରିଥିଲେ। ଶେଷରେ ବୈତାଳି କ୍ଲଷ୍ଟର ଅଧୀନ ଡୁମୁରିପାଣି ବିଦ୍ୟାଳୟରେ ସିଆରସିସି ଦିବସ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରଣା ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଗୌଡମାଲ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାର ରଥକୁ ପରିଚାଳନା କରିଥିଲେ।



# ଚକ୍ଷୁଦାନ କଲେ ଗାଇସୀମା ଗାଁର ଭଗବାନ ମହାପାତ୍ର



ବରଗଡ଼,୧୨।୧୨(ସମିସ): ବରଗଡ଼ ବ୍ଲକ୍ ଅଧୀନ ଗାଇସୀମା ଗାଁର ବାହାଦୁର ମହାପାତ୍ରଙ୍କ ପୁତ୍ର ଭଗବାନ ମହାପାତ୍ରଙ୍କ ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ବଡ ମେଡିକାଲରେ ମୃତ୍ୟୁ ଘଟିଥିଲା। ପରେ ନିଷ୍ଠା ପରିବାର ସଭାପତି ଅଶ୍ୱିନୀ ତ୍ରିପାଠୀ, ଗାଇସୀମା ପଞ୍ଚାୟତର ସରପଞ୍ଚ ଧିରେନ ମହାପାତ୍ରଙ୍କ ସହଯୋଗରେ ତାଙ୍କ ପରିବାରର ସହମତିରେ ବୁର୍ଲା ଡାକ୍ତରଖାନାର ଚକ୍ଷୁ ବିଭାଗ ଟେକନିସିଆନଙ୍କ ଦ୍ୱାରା ଚକ୍ଷୁଦାନ କରାଯାଇଥିଲା। ଏହାଦ୍ୱାରା ଅନ୍ୟ ଦୁଇଜଣ ଉପକୃତ ହେବେ। ଏହି ସମୟରେ ମୃତ ଭଗବାନଙ୍କ ବାପାଙ୍କ ସମେତ ପରିବାର ଲୋକ ଉପସ୍ଥିତ ଥିଲେ। ମୃତ ପରିବାରର ଚକ୍ଷୁ ଦାନ କରି ତାଙ୍କ ପରିବାର ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧି ପରେ ମିଷ୍ଟାନ୍ନ ବାଣ୍ଟିଲେ ଚାଷୀ

ପଦ୍ମପୁର,୧୨।୧୨(ସମିସ)

ଚାଷୀଙ୍କ ଆୟ ୫୧୧୨ଟଙ୍କା ଥିବାବେଳେ ଲୋକଙ୍କ ସେବା କରିବା ପାଇଁ ବିଧାନସଭାକୁ ଯାଉଥିବା ଜନପ୍ରତିନିଧି ମାନଙ୍କ ମାସିକ ଦରମା ଓ ଭତ୍ତା ୩ ଲକ୍ଷ ୫୦ହଜାର ଟଙ୍କା ହୋଇଛି। ଭାରତରେ ଚାଷୀଙ୍କ ଆୟ କ୍ଷେତ୍ରରେ ଓଡ଼ିଶା ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବିଧାୟକ ମାନଙ୍କ ଦରମା ଓ ଭତ୍ତା କ୍ଷେତ୍ରରେ ସବୁ ରାଜ୍ୟ ଠାରୁ ପ୍ରଥମ ସ୍ଥାନରେ ପହଞ୍ଚିଛି।

ଚାଷୀଙ୍କ ଧାନ ବିକ୍ରି ଓ ଟୋକନ ସମସ୍ୟା ଭୟଙ୍କର ପରିସ୍ଥିତିରେ ରହିଥିବା ବେଳେ ତା ଉପରେ କୌଣସି ଆଲୋଚନା ନ ହୋଇ ସରକାରୀ କାର୍ଯ୍ୟ ଦିବସ ଥିବା ସତ୍ତ୍ୱେ ଆଗୁଆ ବିଧାନସଭାକୁ ବନ୍ଦ କରି ଦିଆଗଲା। ଦରମା ବୃଦ୍ଧି ପାଇଁ ଯେପରି ସରକାର ଓ ବିରୋଧୀ ଏକ ସ୍ୱରରେ ବିଲ ପାରିତ କଲେ, ଚାଷୀଙ୍କ ସମସ୍ୟା ଉପରେ ସେପରି ଭାବେ କେହି ସ୍ୱର ଉତ୍ତୋଳନ କଲେ ନାହିଁ। ଏହି ଘଟଣାରେ



କ୍ଷୋଭ ପ୍ରକାଶ କରି ଆଜି ରାଜବୋଡ଼ାସମ୍ବର କୃଷକ ସଂଗଠନ ତରଫରୁ ଆଇନ ପରାମର୍ଶ ଦାତା ଅଜିତ ଶତପଥୀ ଓ ଆବାହକ ଅଶୋକ ସାହୁଙ୍କ ନେତୃତ୍ୱରେ ଚାଷୀ ପଦ୍ମପୁର ଭେଉଁରିଆ ଛକ ଠାରେ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ

**ନିଆରା ପ୍ରତିବାଦ**

ସାହୁ, ସୁବାସ ସାମନ୍ତରାୟ, ରମେଶ ମେହେର, ଧର୍ମେନ୍ଦ୍ର ସାହା, ବିଜୟ ସାହୁ, କାହ୍ନୁଚରଣ ମେହେର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୋମବାର ଠାରୁ ଧାନ ବିକ୍ରି ଓ ଟୋକନ ସମସ୍ୟାକୁ ନେଇ ଉପାଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଜିତ ଶତପଥୀ ଜଣାଇଛନ୍ତି।

# ଏସ୍‌ପି ଅଫିସ ଗଳିରେ ନୂତନ ରାସ୍ତା ନିର୍ମାଣ



ବରଗଡ଼,୧୨।୧୨(ସମିସ): ବରଗଡ଼ ସହର ଏବେ ଏକ ନୂତନ ଭାବେ ନିର୍ମାଣ ହେବାରେ ଲାଗିଛି। ସରକାରୀ ଜାଗାକୁ ଜବରଦଖଲ କରିଥିବା ଅଞ୍ଚଳରୁ ଉଚ୍ଛେଦ ଅଭିଯାନ ଆରମ୍ଭ କରିବାକୁ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସହରରେ ଗାନ୍ଧୀ ଛକ ଠୁ ଲେଙ୍ଗୁ ମିଶ୍ର ଛକ, ଭଟଲି ଛକ ଠୁ ଗାନ୍ଧୀ ଛକ, ଏସପି ଅଫିସ ଛକ ଠୁ କାଳୀ ମନ୍ଦିର ରାସ୍ତା, ଗୁରୁଦ୍ୱାରା ଛକରୁ ରେଲୱେ ଷ୍ଟେସନ ରୋଡ ଏମିତି ଅନେକ ଜାଗାରେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ସହ ଡ୍ରେନ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଏସ୍‌ପି ଅଫିସ ପାଖର୍ ଦେଇ ଯାଇଥିବା ରାସ୍ତାରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରି ଏବେ ନୂତନ ରାସ୍ତା ନିର୍ମାଣ ହେଉଛି। ପୂର୍ବରୁ ଏହି ରାସ୍ତାରେ ଲୋକ ମାନେ ଅଳିଆ ଆବର୍ଜନା ପକାଇବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା।

ଅମରଦୀପ କଲୋନୀକୁ ଯାଉଥିବା ଏହି ରାସ୍ତା ଜର୍ଜ ହାଇସ୍କୁଲ ପଡିଆକୁ ବି ସଂଯୋଗ କରୁଥିଲା। ଆଗାମୀ ଧନୁଯାତ୍ରା ମହୋତ୍ସବରେ ଲୋକମାନେ ଏହି ରାସ୍ତା ଦେଇ ଯିବା ଆସିବା କରି ପାରିବେ ତା ସହ ଏବେ ଏହି ରାସ୍ତାରେ ଚାରି ଚକିଆ ଯାନ ବାହନ ମଧ୍ୟ ଯାଆସ କରିପାରିବ। ଏହି ରାସ୍ତା ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ରହିଥିଲା। ଆଜି ଦାବି ପୂର୍ଣ୍ଣ ହୋଇଥିବାରୁ ବିଧାୟକଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଚାଷୀଙ୍କ ଝିଅ ହେଲେ ଜାତୀୟସ୍ତରୀୟ କବାଡ଼ି ଖେଳାଳି

ପାଇକମାଳ,୧୨।୧୨(ସମିସ): ଦୃଢ଼ ଇଚ୍ଛା ଦୃଢ଼ ମନୋବଳ ତଥା ଅକ୍ଲାନ୍ତ ଉଦ୍ୟମ କେବେ ବୃଥା ଯାଏଁ ନାହିଁ। ଏମିତି ଉଦାହରଣ ପାଲଟିଛନ୍ତି ଜଣେ ଗରିବ ଚାଷୀ ମୂଳିଆଙ୍କ ଝିଅ ଇନ୍ଦୁରେଖା ଧରୁଆ। ସେ ନିଜ ଗାଁ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ମହାରାଷ୍ଟ୍ର କୋକମଥନରେ ଡିସେମ୍ବର ୨୪ରୁ ୨୮ ପର୍ଯ୍ୟନ୍ତ ହେବାକୁ ଥିବା ୧୭ ବର୍ଷରୁ କମ୍ ବାଳିକା ରାଷ୍ଟ୍ରୀୟ ବିଦ୍ୟାଳୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ଓଡ଼ିଶା ଦଳ ପକ୍ଷରୁ ଖେଳିବେ। ଭୂତମୁଣ୍ଡା ଗାଁର ଲକ୍ଷପତି ଧରୁଆଙ୍କ ଝିଅ ଇନ୍ଦୁରେଖା ପାଇକମାଳ ବ୍ଲକ୍ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ। ତାଙ୍କ ବାପା ଜଣେ କ୍ଷୁଦ୍ର ଚାଷୀ। ସୁନ୍ଦରଗଡରେ ହୋଇଥିବା ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ସେ ଚୟନ ହୋଇଥିଲେ। ତାଙ୍କ ସଫଳତା ପଛରେ ତାଙ୍କ କୋଚ ଅଜିତ ପ୍ରଧାନ ତଥା ତାଙ୍କ ବାପାମାଙ୍କୁ ଶ୍ରେୟ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ ମିଶ୍ର ଓ ୱାର୍ଡେନ ଜୟସ୍ମିତା ମହାନ୍ତି ସହଯୋଗ କରିଥାନ୍ତି ବୋଲି ସେ କହିଛନ୍ତି। ଅଧିକ ପ୍ରଶିକ୍ଷଣ ମିଳିଲେ ଝିଅ ଦିନେ ନା ଦିନେ ଦେଶ ପାଇଁ ନିଶ୍ଚୟ ଖେଳିବ ବୋଲି ତାଙ୍କ ବାପାମା ଆଶା ରଖିଛନ୍ତି। ପିଏମଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ, ବସୁଦେବ କୁମ୍ଭାର, ଜଗନ୍ନାଥ ପୁଟା, ଗୋକୁଳାନନ୍ଦ ଡନସନା, ରାଧେଶ୍ୟାମ ପଟେଲ, ଉଗ୍ରସେନ ପ୍ରଧାନ, ସୁଦର୍ଶନ ମହାକୁଡ, ବୈବସ୍ୱତ ପ୍ରଧାନ, ହେମସାଗର ସାହୁ, ପଦ୍ମଲୋଚନ ମାଝୀ, ମହେନ୍ଦ୍ର ଖୁଣ୍ଟିଆ, କ୍ରିଷ୍ଣା ବାଗ, ବିକ୍ରମ ସିଂ, ରକ୍ଷଦେବ ରଣା, ଝରଣା ସାହୁ, ସସ୍ମିତା ରଣା, ସୁବାଷ ମହାନ୍ତି, ଜଗଦୀଶ ନାୟକ, ଶରତ ହଂସ ସମେତ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।


ଓଡ଼ିଶା ପାଇଁ ଖେଳିବେ ଇନ୍ଦୁରେଖା

# ବିକାଶ ନର୍ସିଂ କଲେଜ ପକ୍ଷରୁ ସାସ୍ଥ୍ୟ କଭରେଜ୍ ଦିବସ




ବରଗଡ଼,୧୨।୧୨(ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ଦ୍ୱାରା ସର୍ବଭାରତୀୟ ସାସ୍ଥ୍ୟ କଭରେଜ୍ ଦିବସ ଅବସରରେ ଏକ ସାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମ ବରଗଡ଼ ସ୍ଥିତ ପଥର୍ଲା ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୧୨ ତାରିଖରେ ପାଳିତ ହେଉଥିବା ସର୍ବଭାରତୀୟ ସାସ୍ଥ୍ୟ କଭରେଜ୍ ଦିବସର ମୁଖ୍ୟ ବିଷୟବସ୍ତୁ 'ଅସୁଲଭ ସାସ୍ଥ୍ୟ ଖର୍ଚ୍ଚର ବିନାଶକାରୀ ମାନବୀୟ ପ୍ରଭାବ' ରହିଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟାପକ, ଅଧ୍ୟାପିକା, ବିଏସ୍‌ସି ନର୍ସିଂ ଷଷ୍ଠ ଓ ଦ୍ୱିତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ତଥା ପଥର୍ଲା ଗାଁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ମାତୃ ଏବଂ ଶିଶୁ ସାସ୍ଥ୍ୟ ସେବା, ଟିକାକରଣ, ଅଙ୍ଗନବାଡି ସେବା, ରାଷ୍ଟ୍ରୀୟ ବାଲ୍ ସାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ପ୍ରାଥମିକ ସାସ୍ଥ୍ୟ ଭିତ୍ତିଭୂମିର ଗୁରୁତ୍ୱ ସମେତ ପ୍ରମୁଖ ବିଷୟ ଗୁଡିକ ଉପରେ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ମାର୍ଗଦର୍ଶନରେ ତଥା ଅଧ୍ୟାପିକା ସୁଚରିତା ସେଠ୍, ଅଧ୍ୟାପକ ଦବେଶ ମହାପାତ୍ର ଏବଂ ପ୍ରତ୍ୟୁଷ ପଣ୍ଡାଙ୍କ ସହାୟତାରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

# ୧୩ରେ ଜାତୀୟ ଲୋକ ଅଦାଲତ

- ବିଦ୍ୟୁତ୍ ଚୋରି ମାମଲାର ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍‌ର ଆହ୍ୱାନ

ପାଇକମାଳ,୧୨।୧୨(ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ଡିସେମ୍ବର ୧୩ରେ ସକାଳ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଚତୁର୍ଥ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ମଧ୍ୟ ଏଥିରେ ଅଂଶଗ୍ରହଣ କରିବ। ଏଣୁ କମ୍ପାନୀ ପକ୍ଷରୁ ଏହାର ସମସ୍ତ ଗ୍ରାହକମାନଙ୍କୁ ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନ ଥିବା ସେମାନଙ୍କ ସମସ୍ତ ପ୍ରକାର ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲା ଗୁଡିକର ସମାଧାନ କରାଇ ନେବାକୁ ସୂଚିତ କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୀଘ୍ର, ସ୍ୱଚ୍ଛ ଏବଂ ଗ୍ରାହକ ଅନୁକୂଳ ଉପାୟରେ ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲା ଗୁଡିକର ସମାଧାନ ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି। ସୁଗମ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଏହାର ସମସ୍ତ ସବଡିଭିଜନାଲ୍ (ଏସଡିଓ) ଏବଂ ସେକ୍ସନ ଅଫିସମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଲୋକ ଅଦାଲତ ଡକ୍ୟୁମେଣ୍ଟେସନ୍, ଭେରିଫିକେସନ୍ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବା ପାଇଁ ଗ୍ରାହକମାନେ ପାଇକମାଳ ଇଲେକ୍ଟ୍ରିକାଲ ଏସଡିଓ ଅଫିସରେ ଯୋଗାଯୋଗ କରିବାକୁ ଏସଡିଓ ମନୋରଞ୍ଜନ ନାଏକ ସୂଚନା ଦେଇଛନ୍ତି।

# କାର୍ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ଅତାବିରା,୧୨।୧୨(ସମିସ): ଗୋଡଭଗା-ବିନକା ରାଜ୍ୟ ରାଜପଥ ନଂ ୫୪ କାଦୋବାହାଲ ପାଖ ବରହାମୁଣ୍ଡା ଛକରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ବାଇକରେ ବସିଥିବା ଜଣେ ଆରୋହୀ ଗରୁତର ଭାବେ ଆହତ ହୋଇ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୋଡ଼ଭଗା ଫାଣ୍ଡି ଅଧୀନସ୍ଥ ବ୍ରାହ୍ମଣ ଟୁକୁରା ଗାଁର ରୂପେଶ୍ୱର ମାଝୀ(୨୫) ଓ ସମ୍ବଲପୁର ଜିଲ୍ଲା ଦାଦର ନୂଆଁପାଲି ଗାଁର ଦେବଶକ୍ତି ଭୋଇ ଓରଫ ଆଲୋକ(୩୧) ଏକ ବାଇକ ଯୋଗେ ଟୁକୁରାରୁ ଗୋଡଭଗା ପଟୁକୁ ଯାଉଥିଲେ। ସକାଳ ସାଢ଼େ ୧୦ଟାରେ ବରହାମୁଣ୍ଡା ଛକରେ ଗୋଡଭଗାରୁ ତୁରମ ପଟକୁ ଯାଉଥିବା ଏକ କାର୍ ସହ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ ଚାଳକ ରୂପେଶ୍ୱରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ବାଇକ ଆରୋହୀ ଦେବଶକ୍ତି ଗୁରୁତର ହୋଇଥିଲେ। ଖବର ପାଇ ଗୋଡଭଗା ଫାଣ୍ଡି ଅଧିକାରୀ ଗଣେଶ ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ହୋଇଥିବା ଦେବଶକ୍ତିଙ୍କୁ ବୁର୍ଲାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମୃତ ରୂପେଶ୍ୱରଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲକୁ ପଠାଯାଇଛି।

# ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପାଇକମାଳ,୧୨।୧୨(ସମିସ): ପାଇକମାଳ ସ୍ଥିତ ନୃସିଂହନାଥ ଏସଏସଡି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ ଶଙ୍କର ଦେହେରୀଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅଶ୍ୱିନୀ ସାହୁ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ବଡ ଶତପଥୀ ଯୋଗ ଦେଇ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ଝିଅ ମାନେ ଏକ କ୍ଷୁଦ୍ର ନାଟିକା ଖେଳ ପଡିଆରେ ଅଭିନୟ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରିତମ ପଣ୍ଡା ଓ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକ ରଜତ ମିଶ୍ର, ଅକ୍ଷୟ ସାହୁ, ଅମିତ ସାହୁ, ଭୁବନେଶ୍ୱର ସାହୁ କ୍ରୀଡା ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶୁତୋଶ ସାହୁ ଧନ୍ୟବାଦ ଦେଇଥିଲେ।




# ଆଦିବାସୀ ସଶକ୍ତିକରଣ ଓ ଦୃଢ଼ ସାମାଜିକ ନ୍ୟାୟ ପାଇଁ ସାଂସଦଙ୍କ ଆହ୍ୱାନ

ପଦ୍ମପୁର,୧୨।୧୨(ସମିସ): ସଂସଦର ଶୀତକାଳୀନ ଅଧିବେଶନରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆଦିବାସୀ ଲୋକଙ୍କ ପୈତୃକ ଭୂମି, ଜଙ୍ଗଲ ଅଧିକାର ଏବଂ ସ୍ୱଶାସନକୁ ସୁରକ୍ଷା ଦେବା ପାଇଁ ବିର୍ସା ମୁଣ୍ଡା ଐତିହାସିକ ଉଲଗୁଲାନ (ମହାନ ବିଦ୍ରୋହ)ର ନେତୃତ୍ୱ ନେଇ ଆଦିବାସୀ ଅଧିକାର ଏବଂ ସ୍ୱଶାସନ ପାଇଁ କରିଥିବା ଲଢ଼େଇକୁ ଉପସ୍ଥାପନ କରିଛନ୍ତି। ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ଏବଂ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀର ବିଶେଷ ଅବସରରେ ସାଂସଦ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଅନ୍ୟ ଆଦିବାସୀ ସଂଗ୍ରାମୀ ତିଲକା ମାଝୀ କାନୁ ମୁର୍ମୁ, ଫୁଲୋ ଏବଂ ଜାନୋ, ଆଲୁରି ସୀତାରାମ ରାଜୁ, କୋମାରାମ ଭୀମ, ଲକ୍ଷ୍ମଣ ନାୟକ, ଗୋବିନ୍ଦ ଗୁରୁ, ଟାଣ୍ଟିଆ ଭିଲ, ନାରାୟଣ ସିଂ, ହେଲେନ ଲେପଚା, ରାନୀ ଗାଇଡିନଲିଉଙ୍କ ସମେତ ଅନେକ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ନିଜ ଜୀବନକୁ ବଳି ଦେଇଥିବା ପଶ୍ଚିମ ଓଡ଼ିଶାର ଘେଁସର ଆଦିବାସୀ ଜମିଦାର ପରିବାର, କୁଞ୍ଜଲ ସିଂ, ମାଧୋ ସିଂ, ଘୃଣା ସିଂ, ଐରି ସିଂ, ବୈରି ସିଂ ଏବଂ ନାରାୟଣ ସିଂ, କାଳାହାଣ୍ଡିର ରେଣ୍ଡୋ ମାଜି, ବୌଦ୍ଧର ଚକରା ବିସୋଇ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ସୁନ୍ଦରଗଡର ମାଦ୍ରୀ କାଲୋଙ୍କୁ ଓଡ଼ିଶାର ଆଦିବାସୀ ହିରୋ ଭାବେ ଶ୍ରୀ ବିଶି ସଂସଦରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଆଦିବାସୀ ସଶକ୍ତିକରଣ, ଭୂମି ଏବଂ ଜଙ୍ଗଲ ଅଧିକାରର ସୁରକ୍ଷା, ଆଦିବାସୀ ଭାଷା ଏବଂ ଐତିହ୍ୟର ସଂରକ୍ଷଣ ଏବଂ ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ପାଇଁ ସେ ଆହ୍ୱାନ କରିଥିଲେ।

# ୧୯୯୮ରୁ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ

ବିଜେପୁର,୧୨।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ତହସିଲ ଅଧୀନ ବିଜେପୁର ସଦର ଅଞ୍ଚଳର ୨୬ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ୧୯୯୮ ରୁ ଉକ୍ତ ୨୬ଜଣ ହିତାଧିକାରୀ ପଟ୍ଟା ପାଇଥିଲେ। ମାତ୍ର ବିଭିନ୍ନ ଆନୁଷଙ୍ଗିକ ସମସ୍ୟା କାରଣରୁ ହିତାଧିକାରୀମାନେ ସ୍ଥାନ ଦଖଲ କରି ପାରୁ ନ ଥିଲେ। ଇତି ମଧ୍ୟରେ ୨୭ ବର୍ଷ ଅତିବାହିତ ହୋଇଥିବା ବେଳେ ସମସ୍ୟାର ସମାଧାନ ହୋଇପାରୁ ନ ଥିଲା। ମାତ୍ର ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସ୍ନେହା ଅର୍ଗୁଲା, ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର, ଥାନା ଅଧିକାରୀ ସୁଶାନ୍ତ ମଣି ମହାନ୍ତି, ବିଜେପୁର ଅତିରିକ୍ତ ତହସିଲଦାର ଜ୍ୟୋତି ପ୍ରକାଶ ଭୋଇ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହି ପଟ୍ଟା ପ୍ରଦାନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ଶ୍ରାଦ୍ଧ ବାର୍ଷିକୀ

ଭେଡେନ,୧୨।୧୨(ସମିସ): ଭେଡେନ ବ୍ଲକ୍ ଅଧୀନ ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ୬୦ତମ ଶ୍ରଦ୍ଧା ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିରଟି ପ୍ରଧାନିଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋରାଚାନ୍ଦ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କାଦୋବାଲ ମହାବିଦ୍ୟାଳୟର ଅଧ୍ୟାପକ ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଲରମ୍ଭା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶ୍ୱିନି ପଧାନ, ଲରମ୍ଭା ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧେଶ୍ୱର ପଧାନ, ବିନୟ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଆଲୋକ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ କିରଟି ପ୍ରଧାନି ଧନ୍ୟବାଦ ପ୍ରଦାନ କରିଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଫାଉଣ୍ଡର୍ସ ଡେ'



ବରଗଡ଼,୧୨।୧୨(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶୁକ୍ରବାର ଫାଉଣ୍ଡର୍ସ ଡେ ଧୁମଧାମରେ ପାଳିତ ହୋଇଯାଇଛି। ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆଙ୍କ ଜନ୍ମଦିନ ଅବସରରେ ଏହି ଉତ୍ସବ ପାଳିତ ହୋଇଥାଏ। ପ୍ରମୁଖ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ୍ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡେମିକ୍ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ମମତା ସିହ୍ନା, କୋର୍ଡିନେଟର ରୀତା ନାୟକ, ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ, ପରିଚାଳନା ସମିତି ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ଳୋକ ଉଚ୍ଚାରଣରେ ପ୍ରାରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ପ୍ରତିଷ୍ଠାତ୍ରୀ ମହୋଦୟାଙ୍କର ସଂକ୍ଷିପ୍ତ ପରିଚୟ ଛାତ୍ରଛାତ୍ରୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ହେଡ୍ ବୟ ଆଶୁତୋଷ ସିଂଘାନିଆ ଏବଂ ହେଡ୍ ଗର୍ଲ୍ ଜସମୀତ କୌର୍ ବଗ୍ଗା ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସାମୂହିକ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ନବମ ଶ୍ରେଣୀର ଛାତ୍ରୀଦ୍ୱୟ ଧ୍ୱନି ଅଗ୍ରୱାଲ ଓ ଅନ୍ୱେଷା ମୁଣ୍ଡ। ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ ଓ ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନର କାମନା କରିଥିଲେ। ବିଦ୍ୟାଳୟର କାର୍ଯ୍ୟକର୍ତ୍ତା ପ୍ରତିଷ୍ଠାତ୍ରୀଙ୍କୁ କାର୍ଡ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଶିକ୍ଷକ ହର୍ଶଲ୍ ଡାନ୍ ଏବଂ ଶିକ୍ଷୟିତ୍ରୀ ଶୁଭ୍ରସ୍ମିତା ମହାନ୍ତିଙ୍କ ସହିତ ବରଗଡ଼ର 'ମାତୃଛାୟା' ଯାଇ ସେଠାରେ ରହୁଥିବା ବୃଦ୍ଧମାନଙ୍କ ସେବା କରିଥିଲେ। ବୃଦ୍ଧମାନଙ୍କ ସହ କଥାବାର୍ତ୍ତା କରି ତାଙ୍କର ଦିନଚର୍ଯ୍ୟା ଏବଂ ସେମାନଙ୍କ ବିଭିନ୍ନ କୌଶଳ, ଯେପରିକି ଝାଡୁ ତିଆରି, ବଡି ପାମ୍ପଡ ବନାଇବା ଇତ୍ୟାଦି ବିଷୟରେ ଶିଖିଥିଲେ। ସେମାନେ ବୃଦ୍ଧମାନଙ୍କୁ ଖାଦ୍ୟ ବଣ୍ଟନ କରି ଭୋଜନ କରାଇଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଉନ୍ନତ ହୋଇ ସେମାନେ ସମାଜ ପ୍ରତି ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ଉଠନ୍ତି ବୋଲି ପ୍ରିନ୍ସିପାଲ କରନ ସାହୁ କହିଥିଲେ।

# 'ଶିଶୁ ଉତ୍ସବ' ଅନ୍ତର୍ନିହିତ ପ୍ରତିଭା ବିକାଶର ସୁନ୍ଦର ପ୍ରୟାସ



ପଦ୍ମପୁର,୧୨।୧୨(ସମିସ): ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ରାଜବୋଡାସମ୍ବର ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ବ୍ଲକ୍ ସଭାପତି ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଲୋକନାଥ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଉତ୍ସବ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବାର ଏକ ସୁନ୍ଦର ପ୍ରୟାସ ବୋଲି କହିଥିଲେ। ସଭାରେ ରାଜ୍ୟ ଓଷ୍ଟା ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ଉପଦେଷ୍ଟା ପ୍ରୀତିରଞ୍ଜନ ପ୍ରଧାନ, ଚୂଳ ସୁନ୍ଦର ମେହେର, ପୂର୍ବତନ ଜିଲ୍ଲା ସଭପତି ଶେଷଦେବ ମେହେର, ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରସନ୍ନ ମେହେର, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରଣୀସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରୁ ୨୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ତର୍କ, କଣ୍ଠସଙ୍ଗୀତ, ରଚନା, କବିତା ଆବୃତ୍ତି, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଏକକ ନୃତ୍ୟ, ଏକକ ଅଭିନୟ, କୁଇଜ୍ ଓ ଗଳ୍ପରଚନା ଇତ୍ୟାଦି ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟଶ୍ରୀ ଅଶୋକ ବହିଦାର, ଓଡ଼ିଶା ନାଟ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ରମେଶ ଗୁର୍ଲା, ସଙ୍ଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ସାହୁ, ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ପୂଜା ବହିଦାର, ମୀନାକ୍ଷୀ ଭୋଇ, ଅଞ୍ଜଳୀ ପରିଡା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୨୧ ତାରିଖରେ ବରପାଲିଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ମାର୍ତ୍ତଣ୍ଡ ଦେବ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ପାଇକମାଳ: ପାଇକମାଳ ବ୍ଲକ୍ ମାଣ୍ଡୋସିଲ ନିକଟସ୍ଥ ମୁଣ୍ଡାପଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ମହତାବ ଗିରି ଓଷ୍ଟା ପତାକା ଉତ୍ତୋଳନ କରି ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ସ୍କୁଲ ସଭାପତି ସୁକାନ୍ତ ମାଝୀ, ଶିକ୍ଷାବିତ ହୁତାଶନ ତାଣ୍ଡି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପତିତପାବନ ସାହୁ, ସମ୍ପାଦକ ତପନ ବହିଦାର, ନାରାୟଣ ନାୟକ, ପ୍ରହଲ୍ଲାଦ ଭୋଇ, ମନୋଜ ନାୟକ, କ୍ଷୀରସିନ୍ଧୁ ପ୍ରଧାନ, ସୁବାସ ମେହେର, ସୁଶାନ୍ତ ରଣା, ନବୀନ ମେହେର ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅନିରୁଦ୍ଧ ପଣ୍ଡା ପରିଚାଳନା କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯୯
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୧୨୩ (ଭୁବନେଶ୍ୱର)
- ରୁପା : ୨,୧୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବାସୁମତୀ ଆଗରେ 'ଟେକ୍ସମତୀ' ଫେଲ୍

## ପୁଣି ଟ୍ରମ୍ପ୍ ଦେଲେ ଅତିରିକ୍ତ ଟାରିଫ୍ ଧମକ

ୱାଶିଂଟନ୍,୧୨।୧୨(ଏଜେନ୍ସି): ଭାରତୀୟ ବାସମତୀ ଚାଉଳର ସୁଗନ୍ଧ ଓ ଚାହିଦା ସାରା ବିଶ୍ୱରେ ରହିଛି। ତେବେ ଆମେରିକାରେ ମଧ୍ୟ ବାସୁମତୀ ଚାଉଳର ଚାହିଦା ଅଧିକ। ଆମେରିକା ଏହାର ଆମଦାନୀ ହ୍ରାସ କରିବା ଏବଂ ସେଠାକାର ବଜାରରେ ଭାରତୀୟ ବାସମତୀର ମୁକାବିଲା ନିମନ୍ତେ ୧୯୮୦ ଦଶକରେ 'ଟେକ୍ସମତୀ' ନାମରେ କପି ଚାଉଳ ପଉତ୍ପାଦନ କରିଥିଲା। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଆମେରିକୀୟ ହାଇବ୍ରିଡ ଚାଉଳ ଭାରତୀୟ ବାସମତୀର ସମକକ୍ଷ ହୋଇପାରିନି। ଆଜି ପରିସ୍ଥିତି ଏପରି ଯେ ଆମେରିକୀୟ ଚାଷୀ ଚାପରେ ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଟାରିଫର ଚେତାବନୀ ଦେଇ ନୂଆ ବିବାଦ ଛିଡା କରିଛନ୍ତି।

ସମ୍ପ୍ରତି, ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଦେଶରୁ ଆସୁଥିବା ଚାଉଳ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ଏଥିରେ ଆମେରିକାକୁ ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ ଭାରତ ସବୁଠାରୁ ଅଧିକ ପ୍ରଭାବିତ ହୋଇପାରେ। ଭାରତ ପୂର୍ବରୁ ଆମେରିକାର ଗହମ ସହାୟତା ଉପରେ ନିର୍ଭର କରୁଥିଲା ଏବଂ ବର୍ତ୍ତମାନ ଏହାର ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ। ଯଦିଓ ଆମେରିକା 'ଟେକ୍ସମତୀ' ଏବଂ ଜସମତୀ ପରି କିସମ



୮୦ ଦଶକରେ ହାଇବ୍ରିଡ ଚାଉଳ 'ଟେକ୍ସମତୀ' ପ୍ରସ୍ତୁତ ହୋଇଥିଲା

ଚାଷ କରି ଚାଉଳ ଆମଦାନୀ ହ୍ରାସ କରିବାକୁ ଚେଷ୍ଟା କରିଥିଲା, ଏହି କିସମଗୁଡ଼ିକ ଭାରତୀୟ ବାସୁମତୀ ସହିତ ପ୍ରତିଯୋଗିତା କରିପାରିଲା ନାହିଁ।

ଆମେରିକାର ଟେକ୍ସାସ-ଭିତ୍ତିକ କମ୍ପାନୀ ରାଇସଟେକ୍ ଆମେରିକୀୟ ଲମ୍ବା-ଦାନା ଚାଉଳକୁ ବାସୁମତୀ ସହିତ ମିଶ୍ରଣ କରି ଏକ ହାଇବ୍ରିଡ୍ ଚାଉଳ କିସମ ବିକଶିତ କରିଥିଲା। ଲକ୍ଷ୍ୟ ଥିଲା ବାସୁମତୀ ପରି ସୁଗନ୍ଧ ଏବଂ ଆମେରିକୀୟ ଜଳବାୟୁ ପରିସ୍ଥିତିରେ ବଢ଼ିପାରୁଥିବା ଲମ୍ବା ଶସ୍ୟ ସହିତ ଚାଉଳ ସୃଷ୍ଟି କରିବା। ଏହାକୁ ‹ଟେକ୍ସମତୀ› ନାମ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ଆମେରିକା ଜସମତୀ ଚାଉଳ ପ୍ରଚଳନ କରିଥିଲା। ବାସମତିର ଆକୃତି ଥାଇ ଜସମତୀ ଚାଉଳର ସୁଗନ୍ଧ ସହିତ ମିଶ୍ରଣ କରିଥିଲା, କିନ୍ତୁ ଏହା ମଧ୍ୟ ବିଫଳ ହୋଇଥିଲା। ଏହାକୁ ରୋଷେଇ କଲେ ସ୍ୱାଦ ଓ ସୁଗନ୍ଧରେ ମୂଳ ବାସମତୀ ଚାଉଳ ସମକକ୍ଷ ହୋଇ ପାରୁନି। ଏଣୁ ଆମେରିକୀୟ ଉପଭୋକ୍ତା ଧିରେ ଧିରେ ପୁଣି ଭାରତୀୟ ବାସମତୀକୁ ଫେରି ଆସିଥିଲେ। ଏଣୁ ଆମେରିକୀୟ ବଜାରରେ ଭାରତୀୟ ବାସମତୀର ଚାହିଦା ପାଖାପାଖି ୮୫% ପର୍ଯ୍ୟନ୍ତ ରହିଛି।

ଏବେ ବାସମତୀର ବଢୁଥିବା ଲୋକପ୍ରିୟତା ଆମେରିକୀୟ ଚାଷୀଙ୍କ ଉପରେ ଚାପ ପକାଉଛି। ଅନେକ ମିଲ୍ ମାଲିକ ବିଦେଶୀ ଚାଉଳ ଆମେରିକା ଉତ୍ପାଦିତ ଚାଉଳର ବଜାର ଅଂଶ କମାଉଥିବାର ଅଭିଯୋଗ କରିଛନ୍ତି। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଚେତାବନୀ ଦେଇଛନ୍ତି। ଏହାଛଡା ଟ୍ରମ୍ପ ଆମେରିକୀୟ ଚାଷୀଙ୍କ ଲାଗି ୧୨ ବିଲିୟନ ଡଲାରର ଆର୍ଥିକ ପ୍ୟାକେଜ୍ ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ ଆମେରିକୀୟ ଟାରିଫର ଭାରତୀୟ ବାସମତୀ ଉପରେ ଆଂଶିକ ପ୍ରଭାବ ରହିବ। କାରଣ ଆମେରିକାକୁ ମାତ୍ର ୩% ଭାରତୀୟ ଚାଉଳ ରପ୍ତାନୀ ହେଉଛି। ଏହାଛଡା ଭାରତୀୟ ଚାଉଳର ମୁଖ୍ୟ ଆମଦାନୀକାରୀ ଉପସାଗରୀୟ ଦେଶ। ଏଥିରେ ଏବେ ଆଫ୍ରିକା ବଜାର ନୂଆ କରି ଯୋଡିହୋଇଛି। ଏଣୁ ଟ୍ରମ୍ପ୍ ପ୍ରଶାସନ ଟାରିଫ ବଢାଇଲେ ଆମେରିକୀୟ ଉପଭୋକ୍ତା ପ୍ରଭାବିତ ହେବେ ଓ ଦେଶରେ ଭାରତୀୟ ରପ୍ତାନୀ ଚାଉଳର ମୂଲ୍ୟ ବଢିବ। ତେବେ ଏଥିରେ ଭାରତୀୟ ରପ୍ତାନୀକାରୀ ପ୍ରଭାବିତ ହେବେନାହିଁ।

# ଓମ୍‌ଫେଡ୍‌କୁ 'ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦି ଓଡ଼ିଶା' ଆୱାର୍ଡ



**ଭୁବନେଶ୍ୱର,୧୨।୧୨(ସମିସ):** ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍)କୁ ମିଳିଲା ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦ ଓଡିଶା ସମ୍ମାନ। ଭୁବନେଶ୍ୱରଠାରେ ଆୟୋଜିତ ଆତ୍ମନିର୍ଭର ଓଡିଶା ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଓ ଡେପୁଟି ମ୍ୟାନେଜର ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସ୍ୱୀକୃତି ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ କଠୋର ପରିଶ୍ରମ ଏବଂ ଅଗଣିତ ଗ୍ରାହକଙ୍କର ଭଲ ପାଇବାର ପ୍ରତୀକ। ଓମ୍‌ଫେଡ୍ ରାଜ୍ୟର କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚିପାରିଥିବାରୁ ସେମାନଙ୍କ ନିକଟରେ ଆମେ କୃତଜ୍ଞ ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ପ୍ରଧାନୀ କହିଛନ୍ତି। ଏହି ସମ୍ମାନ ଓ ଶ୍ରେୟ ଓମ୍‌ଫେଡ୍‌ର ଲକ୍ଷ ଲକ୍ଷ ଚାଷୀ, ଅଗଣିତ ଗ୍ରାହକ ଏବଂ କଠୋର ପରିଶ୍ରମ କରୁଥିବା କର୍ମଚାରୀଙ୍କର ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି।

# କଟକରେ ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ଷ୍ଟୋରର ଶୁଭାରମ୍ଭ

**କଟକ,୧୨।୧୨(ସମିସ):** ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, କଟକରେ ଏହାର ଦ୍ୱିତୀୟ ଷ୍ଟୋର ଖୋଲିଛି। ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ରିଟେଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ କଟକର ନୂତନ ଇନ୍ଦ୍ରିୟା ଷ୍ଟୋରକୁ ପ୍ରସ୍ତୁତ କରାଯାଇଛି। ଏଠାରେ ବ୍ରାଇଡାଲ୍ ଲାଉଞ୍ଜ୍ ଏବଂ ବିଶେଷ କାରିଗରୀ କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନ୍‌ର ବିଶାଳ କଲେକ୍ସନ ରହିଛି। ଏହି ଶୁଭାରମ୍ଭ ଅବସରରେ ଫ୍ରାଞ୍ଚାଇଜ ସଞ୍ଜୀବ ହଂସ, ସଙ୍ଗୀତା ହଂସ, ଇନ୍ଦ୍ରିୟା ରିଟେଲ ମୁଖ୍ୟ ଅମିତ ଧରପ, ଇନ୍ଦ୍ରିୟା ଫ୍ରାଞ୍ଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଂଚଳିକ ବ୍ୟବସାୟ ମ୍ୟାନେଜର ଦୀପଞ୍ଜନ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଆମର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି। କଟକରେ ଆମର ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ କେବଳ ଓଡ଼ିଶାରେ ନୁହେଁ ବରଂ ପୂର୍ବାଞ୍ଚଳରେ ଇନ୍ଦ୍ରିୟାର ଉପସ୍ଥିତିକୁ ଆହୁରି ସୁଦୃଢ କରିବ।



# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଟାଟା ସିଆରା

**ମୁମ୍ବଇ,୧୨।୧୨:** ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ନୂତନ ପ୍ରବେଶକାରୀ ଟାଟା ସିଆରା ୧୨ ଘଣ୍ଟା ମଧ୍ୟରେ ସର୍ବାଧିକ ଇନ୍ଧନ ଦକ୍ଷତା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ନାଟ୍‌ରାକ୍ସ ଇନ୍ଦୋରରେ ଏକ ସାର୍ଟିଫିକେଟ୍ ରନ୍‌ରେ ସିଆରା ପୂର୍ବ ଜାତୀୟ ମାନଦଣ୍ଡକୁ ଅତିକ୍ରମ କରି ୨୯.୯ କିମିର ବିତରଣ କରିଥିଲା। ପିକ୍ସେଲ ମୋସନ ଦଳ ଦ୍ୱାରା ଏହି କୀର୍ତ୍ତିମାନ କାର୍ଯ୍ୟକାରୀ କରାଯାଇଥିଲା, ଯିଏ ନଭେମ୍ବର ୩୦ରେ ସକାଳ ୭ରୁ ରାତି ୭ ପର୍ଯ୍ୟନ୍ତ ୧.୫ଲିଟର ହାଇପରିଅନ୍ ଚାଳିତ ସିଆରାକୁ ଚଲାଇଥିଲା। ଏହି ସଫଳତାର ମୂଳରେ ହେଉଛି ସର୍ବ ନୂତନ ୧.୫ ଲିଟର ହାଇପରିଅନ୍ ପେଟ୍ରୋଲ୍ ଇଞ୍ଜିନ୍, ବିଶୋଧନ, କାର୍ଯ୍ୟଦକ୍ଷତା କିମ୍ବା ଡ୍ରାଇଭିବିଲିଟିକୁ ସାମ୍ନା ନ କରି ଉଚ୍ଚ ଦକ୍ଷତା ପ୍ରଦାନ କରିବାକୁ ଇଞ୍ଜିନିୟରିଂ। ଏହାର ଉନ୍ନତ ଜାଳେଣି ପ୍ରଣାଳୀ, ଟର୍କ-ସମୃଦ୍ଧ କାର୍ଯ୍ୟଦକ୍ଷତା ବ୍ୟାଣ୍ଡ ଏବଂ ଘର୍ଷଣ-ଅପ୍ଟିମାଇଜ୍ ସ୍ଥାପତ୍ୟ କ୍ରମାଗତ ଇନ୍ଧନ ବିତରଣ ଏବଂ ଚାଲିବା ସମୟରେ ସ୍ଥିର କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରେ।

# ସବୁ ରେକର୍ଡ ଭାଙ୍ଗିଲା ସୁନା, ରୁପା ଦର

## ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟପିଲା; ରୁପା କିଲୋ ୨.୧୩ ଲକ୍ଷ

**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** ଘରୋଇ ବଜାରରେ ଥମୁନି ସୁନା ଓ ରୁପା ଦର ବୃଦ୍ଧି। ଏଥିରେ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପାରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢୁଛି ସୁନା ଓ ରୁପା ଦର। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ସୁନା ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସୁନା ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ପାଇଛି, ଯାହା ନିଫ୍ଟି



ସୂଚକାଙ୍କ ଏବଂ ଅନ୍ୟାନ୍ୟ ପ୍ରମୁଖ ସୂଚକାଙ୍କକୁ ପଛରେ ପକାଇଦେଇଛି। ଏହି ବୃଦ୍ଧି ଅନେକ କାରଣ ଦ୍ୱାରା ପରିଚାଳିତ ହୋଇଛି, ଯେଉଁଥିରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅତ୍ୟଧିକ କ୍ରୟ, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ବାଣିଜ୍ୟ ଅନିଶ୍ଚିତତା, ଡଲାର ସୂଚକାଙ୍କ ଦୁର୍ବଳ ହେବା, ଆର୍ଥିକ ମାନ୍ଦାବସ୍ଥାର ଭୟ ଏବଂ ଇଟିଏଫ୍‌ରେ ଦୃଢ଼ ନିବେଶ ପ୍ରବାହ ଅନ୍ତର୍ଭୁକ୍ତ।

ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩୩, ୯୧୮ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୨,୧୦୦ ଟଙ୍କା ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୪,୦୫୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୩,୦୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୨.୧୩,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି। ନିବେଶ ପାଇଁ ସୁରକ୍ଷିତ ମାଧ୍ୟମ ହୋଇଥିବାରୁ, ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ମାତ୍ରାରେ ସୁନା କ୍ରୟ କରୁଥିବାରୁ ଏହି ହଳଦିଆ ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

**ଭୁବନେଶ୍ୱର, ୧୨।୧୨ (ସମିସ):** ପୂର୍ବତଟ ରେଳପଥ ଏହାର ଅଧିକାରକ୍ଷେତ୍ରରେ ସୌରଚାଳିତ ସିସିଟିଭି କ୍ୟାମେରା ବ୍ୟାପକ ଭାବରେ ନିୟୋଜିତ କରି ଏବଂ ଉନ୍ନତ ମାନର ନିରୀକ୍ଷଣ ଡ୍ରୋନ ପ୍ରଚଳନ କରି ସୁରକ୍ଷା ଏବଂ ନିରୀକ୍ଷଣ ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ପୂର୍ବତଟ ରେଳପଥ ଅଧିନସ୍ଥ ମଣ୍ଡଳ ଗୁଡ଼ିକରେ ସୌରଚାଳିତ ସିସିଟିଭି କ୍ୟାମେରା ସଂସ୍ଥାପନ କରାଯାଇଛି। ଦୁର୍ଗମ ଅଞ୍ଚଳ କିମ୍ବା କୌଣସି ବିଦ୍ୟୁତ ଯୋଗାଣ ନ ଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଲା ବେଦାନ୍ତ ଆଲୁମିନିୟମ୍

**ଭୁବନେଶ୍ୱର, ୧୨।୧୨ (ସମିସ):** ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର ଓ ଶ୍ରବଣ ଯନ୍ତ୍ର ଉପକରଣ ପ୍ରଦାନ କରି ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, କମ୍ପାନୀ ଛତାବର, କୁଡାଲୋଇ, ପିପିଲିମାଲ ଏବଂ ବଞ୍ଜାରୀ ଗ୍ରାମ ପଞ୍ଚାୟତଗୁଡ଼ିକର ୨୦ ଜଣ ବ୍ୟକ୍ତିଙ୍କୁ ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହାୟତା ପ୍ରଦାନ କରିଥିଲା। ଏହି ପ୍ରୟାସକୁ ଆଗକୁ ବଢ଼ାଇ କମ୍ପାନୀ ୩୦




ଜଣ ଗୋଷ୍ଠୀ ସଦସ୍ୟଙ୍କୁ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଜୀବନଯାପନ କରିପାରିବେ।

ଏହି ସହାୟକ ଉପକରଣଗୁଡ଼ିକ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଅଭିଲାଷ, ପିପଲିମାଲ୍ ସରପଞ୍ଚ ରଙ୍ଗାଧର ଡିଲା, ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନେ, କମ୍ପାନୀ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଭାବନାକୁ ସୁଦୃଢ଼ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତରେ, ଆମର ସାମାଜିକ କାର୍ଯ୍ୟକ୍ରମ ସମ୍ପ୍ରଦାୟ ପାଇଁ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବାରେ ନିହିତ। ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ସଶକ୍ତ କରିଥାଏ ଏବଂ ଗୋଷ୍ଠୀ ଅନ୍ତର୍ଭୂକ୍ତିକରଣ ଏବଂ ସଶକ୍ତିକରଣକୁ ମଜବୁତ କରିଥାଏ।

# ପ୍ରପେଲ ଇଣ୍ଡଷ୍ଟ୍ରିଜ୍‌ର ୪ ନୂଆ ଟିପ୍ପର ମଡେଲ

**ବେଙ୍ଗାଲୁରୁ, ୧୨।୧୨:** କ୍ରସିଂ ଏବଂ ସ୍କ୍ରିନିଂ ଉପକରଣଗୁଡିକରେ ଭାରତରେ ଅଗ୍ରଣୀ ସ୍ଥାନରେ ରହିଥିବା ତଥା ଇଲେକଟ୍ରିକ ଟିପ୍ପର ବିନିର୍ମାଣରେ ପ୍ରମୁଖ ସ୍ଥାନ ନେଉଥିବା ପ୍ରପେଲ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ ଚାରିଟି ନୂଆ ଟିପ୍ପର ମଡେଲ, ଏକ ସମ୍ପୂର୍ଣ୍ଣ ନୂଆ ସଂଯୋଗକାରୀ ପ୍ଲାଟଫର୍ମ ଏବଂ ପୂର୍ଣ୍ଣାଙ୍ଗ ବିକ୍ରି-ପର ସମାଧାନ ବ୍ୟବସ୍ଥାକୁ ଏକ୍ସକନ୍ ୨୦୨୫ରେ ଉନ୍ମୋଚନ କରିବା ସହିତ ଏହାର ଇଲେକ୍ଟ୍ରିକ ଖଣି ଖନନ ଏବଂ ନିର୍ମାଣ ବର୍ଗମାଳାରେ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏହି ଅବସରରେ ଡ. ସୌମ୍ୟ ରଞ୍ଜନ ସାମଲ, ଫାଉଣ୍ଡର ଓ ସିଏମ୍‌ଡି କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ ଓ ଜେ. ରୁଦ୍ରଶେକର, ଡାଇରେକ୍ଟର, ରାଜିରାଜ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ, ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ।

## ରାଜ୍ୟସଭାରେ ରେଳମନ୍ତ୍ରୀଙ୍କ ଉତ୍ତର

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ୨୨୬ କିମି ସେକ୍ସନରେ ରେଳ ଚଳାଚଳ

**ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି):** ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମୋଟ୍ ଦୂରତା ୩୦୧ କିମି ହୋଇଥିବାବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିମିର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ, ୫,୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିମିର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ଅବଶିଷ୍ଟ କାମ ଜାରି ରହିଛି। ସେ କହିଛନ୍ତି ଯେ, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍ (୧୫୦ କିମି), ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ (୧୦୧ କିମି), ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କିମି), ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ (୧୨୭ କିମି), ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ (୩୮୫କିମି) ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟ କାର୍ଯ୍ୟ ଜାରି ରହିଛି।

## ମିଳିଲା କେନ୍ଦ୍ର ସରକାରଙ୍କ ମଞ୍ଜୁରି

# ଓଡ଼ିଶାରେ ଖୋଲିବ ଦୁଇ ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍

**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଖୋଲିବ ଦୁଇଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍। ଏଥିପାଇଁ କେନ୍ଦ୍ର ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଦୁଇ ୟୁନିଟ୍‌ରେ ୪,୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଶୁକ୍ରବାର ରାଜ୍ୟସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହାଛଡା ଭୁବନେଶ୍ୱରରେ ଏକ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କ୍ଲଷ୍ଟର ୧୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଦୁଇଟି ସେମିକଣ୍ଡକ୍ଟର କାରଖାନାରୁ ଉତ୍ପାଦିତ



### ବ୍ୟୟ ହେବ ୪ ହଜାର କୋଟି

### ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର

ଚିପ୍ସଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ୱେରଲେସ୍ ଉପକରଣ, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। ଏହାଛଡ଼ା ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି। ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୧୮ କୋଟି ଟଙ୍କା ନିବେଶ କରାଯାଇଥିବାବେଳେ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ (ଏନଆଇଇଏଲଆଇଟି) ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ର କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକ ଜରିଆରେ ପ୍ରାୟ ୨୫ ହଜାର ପ୍ରାର୍ଥୀ ତାଲିମ ଗ୍ରହଣ କରିଛନ୍ତି।

ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରେନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି।

# ଚାଟ୍‌ଜିପିଟି କଥାରେ ମା'ଙ୍କୁ ମାରିଦେଲେ ଆମେରିକୀୟ ଅଧିକାରୀ



ହାର୍ଟଫର୍ଡ, ୧୨।୧୨(ଏଜେନ୍ସି): ଆମେରିକାର ପୂର୍ବ ଉପକୂଳରେ ଥିବା କନେକ୍ଟିକଟ୍ ରାଜ୍ୟରେ ଜଣେ ବ୍ୟକ୍ତି ଅଜବ କାଣ୍ଡ ଘଟାଇଛନ୍ତି। ସେ ନିଜ ମାଙ୍କୁ ଗଳାକାଟି ହତ୍ୟା କରିବା ପରେ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ଜଣାଶୁଣା ଓପନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଟଜିପିଟି କହିବା ଅନୁସାରେ,୫୬ ବର୍ଷର ପୂର୍ବତନ ଟେକ୍ କମ୍ପାନୀ ଅଧିକାରୀ ଷ୍ଟିଭ-ଏରିକ ସୋଲବର୍ଗ ଏହି କାଣ୍ଡ ଘଟାଇଛନ୍ତି। ଚାଟ୍‌ଜପିଟି କାରଣରୁ ତାଙ୍କ ମନ ଭିତରେ ଭୟ ବୃଦ୍ଧି ପାଇଥିଲା। ଏଥିପାଇଁ ଶେଷରେ ସେ ନିଜର ମାଙ୍କୁ ହତ୍ୟା କରିଥିଲେ । ସୋଲବର୍ଗ ଚାଟ୍‌ଜିପିଟ୍‌ର ନୂଆ ସଂସ୍କରଣ ଜିପିଟି-୪ଓ'ର ବ୍ୟବହାର କରୁଥିଲେ। ଏହି ଏଆଇ କହିବା ଅନୁସାରେ ସେ ତାଙ୍କ ମା'ଙ୍କୁ ତାଙ୍କର ସବୁଠାରୁ ବଡ଼ ଶତ୍ରୁ ବୋଲି ବିଚାର କରି ନେଇଥିଲେ। ଏଆଇ ତାଙ୍କ ମାଙ୍କୁ ଜଣେ ଗୁଇନ୍ଦା ଏଜେଣ୍ଟ ଓ ତାଙ୍କର ବଡ଼ ଶତ୍ରୁ ବୋଲି କହିଥିଲା। ଫଳରେ ଅଗଷ୍ଟ ୩ରେ ସେ ନିଜ ମାଙ୍କୁ ହତ୍ୟା କରିଥିଲେ। ଏହାପରେ ତାଙ୍କ ମା'ଙ୍କ ପରବାର ଲୋକେ ଚାଟ୍‌ଜିପିଟି ତିଆରି କରିଥିବା କମ୍ପାନୀ ଓପନଏଆଇ ବିରୋଧରେ ଏତଲା ଦାଏର କରିଛନ୍ତି। ଏହି ଘଟଣା ପାଇଁ ଚାଟଜିପିଟିକୁ ଦାୟୀ କରାଯାଇଛି। ତେବେ ଏହି ଘଟଣାରେ ଆମେ ମର୍ମାହତ ଓ ଚାଟଜିପିଟିକୁ ଆହୁରି ଅଧିକ ଉନ୍ନତ କରିବାକୁ ଆମେ ପ୍ରୟାସ କରୁଛୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା

# ୪୨ ଜାଲ୍ କମ୍ପାନୀ ସହ ଲୁଥ୍‌ରା ଭ୍ରାତା ଜଡ଼ିତ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ 'ବିର୍ଚ ବାଇ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାରେ ଗିରଫ ହୋଇଥିବା କ୍ଲବ ମାଲିକ ତଥା ଦୁଇଭାଇ ସୌରଭ ଓ ଗୌରବ ଲୁଥରାଙ୍କୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ଦୁଇ ଭାଇ ବର୍ଚ କ୍ଲବ ସମେତ ଅନ୍ୟ ୪୨ଟି ଜାଲ୍ କମ୍ପାନୀ ସହିତ ଜଡିତ ଅଛନ୍ତି। ଏଗୁଡିକ ମଧ୍ୟ କେତୋଟି କମ୍ପାନୀର ଅସ୍ତିତ୍ୱ କେବଳ କାଗଜ କଲମରେ ରହିଛି। ଏହି ସବୁ କମ୍ପାନୀ ଦିଲ୍ଲୀର ଗୋଟିଏ ଠିକଣାରେ ପଞ୍ଜୀକୃତ ହୋଇଛି। କର୍ପୋରେଟ୍ ରେକର୍ଡରୁ ଜଣାପଡ଼ିଛି ଯେ, ଏହି ଦୁଇ ଲୁଥରା ଭାଇ ନକଲି କମ୍ପାନୀ ଓ ଲିମିଟେଡ ଲାୟବିଲିଟି (ଏଲ୍‌ଏଲ୍‌ପି)ରେ ନିର୍ଦ୍ଦେଶକ କିମ୍ବା ଅଂଶୀଦାର ଭାବେ ତାଲିକାଭୁକ୍ତ ଅଛନ୍ତି।

ଅନ୍ୟପଟେ ଗିରଫ ପରେ ଉଭୟଙ୍କୁ ଥାଇଲାଣ୍ଡରୁ ଭାରତ ଅଣା ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ତାଙ୍କୁ ରାଜଧାନୀ ବ୍ୟାଙ୍କକ୍ ନିଆଯାଉଛି। ସେମାନଙ୍କୁ ସୁଆନ ଫୁ ଇମିଗ୍ରେସନ ଡିଟେନସନ ସେଣ୍ଟରକୁ ନିଆଯାଇଛି। ପାସପୋର୍ଟ ରଦ୍ଦ ହୋଇଥିବାରୁ ଭାରତୀୟ ଦୂତାବାସ ସେମାନଙ୍କୁ ଜରୁରୀକାଳୀନ ଯାତ୍ରା ପ୍ରମାଣପତ୍ର ପ୍ରଦାନ କରିବେ। ଥାଇଲାଣ୍ଡରୁ ଗୋଆକୁ ସିଧା ବିମାନ ଉଡାଣ ନ ଥିବାରୁ ଦୁହିଁଙ୍କୁ ପ୍ରଥମେ ଦିଲ୍ଲୀ ନିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ୪ ଦିନ ଲାଗିବ। ସୋମବାର ବେଳକୁ ଦୁଇ ଭାଇଙ୍କୁ ଦିଲ୍ଲୀ ଅଣାଯିବାର ସମ୍ଭାବନା ରହିଛି। ଦିଲ୍ଲୀ ପହଞ୍ଚିବା ପରେ ହିଁ ଗୋଆ ପୁଲିସ ଦୁଇଜଣଙ୍କୁ ନିଜ ହେପାଜତକୁ ନେବେ।

## 'ମନରେଗା' ଏବେ 'ପିବିଜିଆରୱାଇ'

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା)ର ନାମ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଏହାକୁ ବଦଳାଇ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା (ପିବିଜିଆରୱାଇ)ରେ କରିଦେଇଛି। ସରକାର ଏହି ଯୋଜନାରେ ସର୍ବନିମ୍ନ ରୋଜଗାର ଦିନ ସଂଖ୍ୟାକୁ ୧୦୦ରୁ ୧୨୫ କରିଛନ୍ତି। ଅର୍ଥାତ ଗୋଟିଏ ଆର୍ଥିକ ବର୍ଷରେ ଜଣେ ଅକୁଶଳୀ ଶ୍ରମିକ ୧୨୫ ଦିନର ରୋଜଗାର ପାଇପାରିବେ। ପ୍ରଥମେ ଏହି ଯୋଜନା ୨୦୦୫ରେ ନରେଗା ନାମରେ ଆରମ୍ଭ ହୋଇ ଥିଲା। ପରେ ଏହାକୁ ମନରେଗା କରାଯାଇଥିଲା।

## ଘାଟିରୁ ଖସିଲା ବସ୍; ୯ ଯାତ୍ରୀ ମୃତ

ଜଗଦଲପୁର, ୧୨।୧୨(ଏଜେନ୍ସି): ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା ମାରେଡମିଲି ଘାଟିରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଶୁକ୍ରବାର ଘଟିଥିବା ଏହି ଦୁର୍ଘଟଣାରେ ୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଘାଟିରୁ ଖସି ବସ ବୁଦା ଭିତରେ ଫସି ଯାଇଥିଲା।ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରାଚଳମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସରେ ୪୦ ଜଣ ଯାତ୍ରା କରୁଥିଲେ।

## ଟ୍ରମ୍ପଙ୍କ ଅସୁସ୍ଥ ଖବରକୁ ହ୍ୱାଇଟ୍ ହାଉସ୍‌ର ଖଣ୍ଡନ

ୱାସିଂଟନ, ୧୨।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁତର ଭାବେ ଅସୁସ୍ଥ ଥିବା ନେଇ ପ୍ରଚାରପ୍ରସାର ହେଉଛି। ତେବେ ଏହି ଗୁଜବକୁ ହ୍ୱାଇଟ୍ ହାଉସ୍ ପ୍ରେସ ସଚିବ କାରୋଲିନ ଲେଭିଟ୍ ଖଣ୍ଡନ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଟ୍ରମ୍ପଙ୍କ ଡାହାଣ ହାତରେ ବ୍ୟାଣ୍ଡେଜ ଓ ନୀଳ ଓ ଲାଲ ରଙ୍ଗର ଚିହ୍ନ ଦେଖିବାକୁ ମିଳିଥିଲା। ଫଳରେ ଟ୍ରମ୍ପ କୌଣସି ରୋଗ ଦ୍ୱାରା ସଂକ୍ରମିତ ହୋଇଥିବା ଓ ହାତରେ ଇଞ୍ଜେକସନ ନେଇଥିବା ରିପୋର୍ଟ ଆସିଥିଲା

## ବିମାନ ଡେଣାରେ ଫସିଲେ ପାରାଗ୍ଲାଇଡର୍

ସିଡ୍‌ନୀ, ୧୨।୧୨(ଏଜେନ୍ସି): ଅଷ୍ଟ୍ରେଲିଆ କୁଇନ୍ସଲାଣ୍ଡରେ ୧୫,୦୦୦ ଫୁଟ ଉଚ୍ଚରେ ଜଣେ ପାରା ଗ୍ଲାଇଡରଙ୍କ ଜରୁରୀକାଳୀନ (ସଂରକ୍ଷିତ) ପାରାଚ୍ୟୁଟ୍ ଅଚାନକ ଖୋଲିଯାଇ ବିମାନର ପଛ ଡେଣାରେ ଫସିଯାଇଥିଲା। ବିମାନରୁ ଡେଇଁବା ପରେ ଏହି ଘଟଣା ଘଟିଥିଲା। ଅଷ୍ଟ୍ରେଲିଆର ଟ୍ରାନ୍ସପୋର୍ଟ ସେଫ୍ଟି ଏଜେନ୍ସି ଏହି ଭିଡିଓ ଜାରି କରିଛି। ଏଥିରେ ସ୍କାଏଡାଇଭର ଜଣକ ବହୁ ସମୟ ବାୟୁରେ ଲଟକି ରହିଥିଲେ। ଫଳରେ ସେ ଏହି ପରାଚ୍ୟୁଟର ସବୁ ୧୧ଟି ଦଉଡ଼ିକୁ କାଟି ନିଜକୁ ପୃଥକ କରିଥିଲେ ଏବଂ ମୁଖ୍ୟ ପାରାଚ୍ୟୁଟ ଖୋଲି ଅବତରଣ କରିଥିଲେ।ଏହା ସେପ୍ଟେମ୍ବର ୨୦ରେ ଘଟିଥିଲା ବୋଲି କୁହାଯାଇଛି।

## ସମସ୍ତଙ୍କୁ ଚନ୍ଦ୍ରକୁ ପଠାଇ ଦେବୁ କି

ନୂଆଦିଲ୍ଲୀ: ସାରା ଦେଶରେ ଭୂକମ୍ପ ଜନିତ ବିପଦକୁ ନେଇ ମାର୍ଗଦର୍ଶିକା ଜାରି କରିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆମେ ସମସ୍ତଙ୍କୁ ଚନ୍ଦ୍ର କିମ୍ବା ଆଉ କେଉଁଠିକୁ ପଠାଇ ପାରିବୁ କି ବୋଲି ଆବେଦନକାରୀଙ୍କୁ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଥିଲେ ଯେ କୋର୍ଟରେ ଗଣମାଧ୍ୟମର ରିପୋର୍ଟ ଆଧାରରେ ଶୁଣାଣି ହୁଏ ନାହିଁ। ଏହି ମାମଲା ସରକାରୀଙ୍କ ନୀତି ସହ ଜଡ଼ିତ। ଏଥିରେ କେହି ଦଖଲ ଦେଇପାରିବେ ନାହିଁ।

# ଅନ୍ତର୍ଜାତୀୟ ବୈଠକରେ ପୁଣି ପାକିସ୍ତାନ ଅପଦସ୍ତ

■ ପୁଟିନଙ୍କ ରୁଦ୍ଧଦ୍ୱାର ବୈଠକକୁ ଜବରଦସ୍ତି ପଶିଲେ ଶେହବାଜ
■ ୪୦ ମିନିଟ ଅପେକ୍ଷା କରି ଧୈର୍ଯ୍ୟ ହରାଇଲେ ପାକ୍ ପ୍ରଧାନମନ୍ତ୍ରୀ



ଆସଗାବତ, ୧୨।୧୨ (ଏଜେନ୍ସି): ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପୁଣି ଅପଦସ୍ତ ହୋଇଛି। ମହିଳା ସାମ୍ବାଦିକଙ୍କୁ ପାକିସ୍ତାନ ଜେନେରାଲଙ୍କ ଆଖି ମାରିବାକୁ ନେଇ ତୀବ୍ର ସମାଲୋଚନା କରାଯାଉଥିବାବେଳେ ଏବେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟକଳାପ ପାଇଁ ଇସଲାମାବାଦକୁ ନିନ୍ଦିତ ହେବାକୁ ପଡ଼ିଛି। ସେ ଶାଳୀନତାର ସମସ୍ତ ସୀମା ଲଙ୍ଘନ କରିଛନ୍ତି। ବିନାନ ଆମନ୍ତ୍ରଣରେ ଅତିଷ୍ଠ ହୋଇ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୈଠକରେ ଅନୁପ୍ରବେଶ କରିଛନ୍ତି। ତୁର୍କମେନିସ୍ତାନରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ତୁର୍କମେନିସ୍ତାନରେ 'ଇଣ୍ଟରନ୍ୟାସନାଲ ପିସ୍ ଆଣ୍ଡ ଟ୍ରଷ୍ଟ ଫୋରମ' ବୈଠକ ଚାଲିଛି। ଏହି ଅବସରରେ ଶେହବାଜ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବାର ଥିଲା। ଏଥିପାଇଁ ଶେହବାଜ ପହଞ୍ଚି ଯାଇଥିଲେ। ସେ ପୁଟିନଙ୍କୁ ଅପେକ୍ଷା କରି ଚାହିଁ ବସିଥିଲେ। ୫ ମିନିଟ ଯାଇ ୩୫ ମିନିଟ ବିତିଗଲା ପରେ ବି ପୁଟିନଙ୍କ ଦେଖା ମିଳି ନ ଥିଲା। ୪୦ ମିନିଟ ଅତିକ୍ରମ ହେବା ପରେ ପାକ୍ ପ୍ରଧାନମନ୍ତ୍ରୀଙ୍କ ଧୈର୍ଯ୍ୟ ତୁଟି ଯାଇଥିଲା। ପୁଟିନ ଅପମାନିତ କରୁଥିବା ଭାବି ଶେହବାଜ ରାଗି ଲାପ ପଡ଼ି ଯାଇଥିଲେ। ପୁଟିନ ନ ଆସିବାରୁ ବୈଠକ ପ୍ରକୋଷ୍ଠରୁ ଶେହବାଜ ବାହାରି ଯାଇଥିଲେ। ଏହି ସମୟରେ ପୁଟିନ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏର୍ଦୋଗାନଙ୍କ ମଧ୍ୟରେ ଅନ୍ୟ ଏକ ସ୍ଥାନରେ ରୁଦ୍ଧ ଦ୍ୱାର ବୈଠକ ଚାଲିଥିଲା। ଏହି ବୈଠକକୁ କାହାକୁ ଅନୁମତି ନ ଥିଲା। କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଅମାନିଆ ହୋଇ ସିଧା ପୁଟିନ-ଏର୍ଦୋଗାନଙ୍କ ବୈଠକ ସ୍ଥଳରେ ପହଞ୍ଚି ଯାଇଥିଲେ। ସେଠାରେ ଯାଇ ପୁଟିନଙ୍କୁ ଭେଟିଥିଲେ। ମାତ୍ର ୧୦ ମିନିଟ ପରେ ଶେହବାଜ ଏକାକୀ ସେଠାରୁ ବାହାରି ଯାଇଥିଲେ। ଏହାର କିଛି ସମୟ ପରେ ରୁଷ୍ ରାଷ୍ଟ୍ରପତି ମଧ୍ୟ ବାହାରି ଥିଲେ। ଏଠାରେ ସେ ସାମ୍ବାଦିକଙ୍କୁ ଦେଖି ଆଖି ଠାର ମାରି ସଙ୍କେତ ଦେଇଥିଲେ।

ଲୋକେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି। ଏହାକୁ କୂଟନୈତିକ ଅବମାନନା କହୁଛନ୍ତି। ଆଉ ଜଣେ ଲେଖିଛନ୍ତି ଯେ ଭିକାରୀଙ୍କ ଆଗରେ ପୁଟିନ ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି। ସେହିପରି ଟ୍ରମ୍ପ ବି ଏଭଳି କରିଥିଲେ ବୋଲି ଆଣ ଜଣେ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ପୁଟିନ ଏବଂ ଶେହବାଜଙ୍କ ଭେଟ ସର୍ବଦା ଚର୍ଚ୍ଚାରେ ରହିଛି। ଉଭୟ ନେତା ଯେବେ ବି ପରସ୍ପରକୁ ଭେଟିଛନ୍ତି ଏଭଳି କିଛି ସ୍ଥିତି ସୃଷ୍ଟି ହୋଇଛି।

# ଜାନୁଆରୀ ୩୦ରୁ ଅନଶନରେ ବସିବେ ଆନ୍ନା



■ ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ୍ କାର୍ଯ୍ୟକାରୀ ଦାବି
■ 'ଏହା ହେବ ମୋର ଶେଷ ଆନ୍ଦୋଳନ'

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଜଣାଶୁଣା ବରିଷ୍ଠ ସାମାଜିକ କର୍ମୀ ଆନ୍ନା ହଜାରେ ପୁଣିଥରେ ଅନସନରେ ବସିବାକୁ ଯାଉଛନ୍ତି। ମହାରାଷ୍ଟ୍ରରେ ଲୋକଯୁକ୍ତ ଆଇନ୍ ଲାଗୁ କରିବା ଦାବିରେ ସେ ଶୁକ୍ରବାର ଆମରଣ ଅନଶନ ବସିବାକୁ ଘୋଷଣା କରିଛନ୍ତି। ସେ ଜାନୁଆରୀ ୩୦ରୁ ତାଙ୍କ ଗାଁ ରାଲେଗାନ ସିଦ୍ଧିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ଆରମ୍ଭ କରିବେ। ଏହା ମୋର ଶେଷ ଆନ୍ଦୋଳନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଆନ୍ନା ୨୦୨୨ରେ ଏହି ଦାବିକୁ ନେଇ ଅନଶନରେ ବସିଥିଲେ। କିନ୍ତୁ ସେ ସମୟରେ ତତ୍କାଳୀନ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ସେ ଅନଶନ ଭାଙ୍ଗିଥିଲେ। ଏହାପରେ ଏକ କମିଟି ଗଠନ କରାଯିବା ସହ ଆଇନ୍ ପ୍ରସ୍ତୁତ ହୋଇଥିଲା। ବିଲ୍‌କୁ ମହାରାଷ୍ଟ୍ର ବିଧାନସଭାର ଉଭୟ ଗୃହ ଦ୍ୱାରା ପାରିତ ହୋଇଥିଲା ଏବଂ ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। କିନ୍ତ ଏହା ସତ୍ତ୍ୱେ ତୃଣମୂଳସ୍ତରରେ ଏହି ଆଇନ୍ କାର୍ଯ୍ୟକାରୀ ହୋଇନାହିଁ ବୋଲି ଆନ୍ନା କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ୭ଟି ଚିଠି ଲେଖିଛନ୍ତି। କିନ୍ତୁ ସେ କୌଣସି ଉତ୍ତର ପାଇନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସରକାରଙ୍କ ନୀରବତା ନେଇ ସେ ଅସନ୍ତୋଷ ଜାହିର କରିଛନ୍ତି। ଜନ କଲ୍ୟାଣ ପାଇଁ ଏହି ଆଇନ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖଥାଉ କି, '୨୦୧୧ରେ ଇଣ୍ଡିଆ ଏଗେନଷ୍ଟ କରପସନ' ଆନ୍ଦୋଳନରେ ଦେଶକୁ ଉତ୍ସାହିତ କରିବା ପାଇଁ ଆନ୍ନା ଅନଶନରେ ବସିଥିଲେ ଓ ସାରା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଏହି ଆନ୍ଦୋଳନ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା।

## କେହି କ୍ୟାବିନେଟ ମନ୍ତ୍ରୀ ନ ଥିବାରୁ ରାଜ୍ୟସଭା ୧୦ ମିନିଟ ମୁଲତବୀ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ରାଜ୍ୟସଭାରେ ଶୁକ୍ରବାର ଅଜବ ସ୍ଥିତି ସୃଷ୍ଟି ହୋଇଛି। ଉଚ୍ଚ ସଦନରେ କୌଣସି କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ନ ଥିବାରୁ ଗୃହକୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ସୂଚନା ଅନୁଯାୟୀ, ୨୦୦୧, ଡିସେମ୍ବର ୧୩ର ସଂସଦ ଆକ୍ରମଣକୁ ବିଫଳ କରି ପ୍ରାଣବଳୀ ଦେଇଥିବା ବ୍ୟକ୍ତିଙ୍କୁ ଆଜି ଗୃହରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଏହି ସମୟରେ କୌଣସି କ୍ୟାବିନେଟ ମନ୍ତ୍ରୀ ଗୃହରେ ନ ଥିବା ବିରୋଧୀ ଦଳ ସଦସ୍ୟ କହିଥିଲେ। ଏହି ପ୍ରସଙ୍ଗ ସରକାରଙ୍କ ସାମ୍ନାରେ ଉଠାଇ ଜଣେ ଜୁନିୟର ମନ୍ତ୍ରୀଙ୍କୁ ଉପସ୍ଥିତ ରହିବା ପାଇଁ କହିବେ ବୋଲି ରାଜ୍ୟସଭା ଅଧକ୍ଷ ସିପି ରାଧାକୃଷ୍ଣନ କହିଥିଲେ। କିନ୍ତୁ ଏଥିରେ ବିରୋଧୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ମନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ଜିଦ୍ ଧରିଥିଲେ। କଂଗ୍ରେସ ସାଂସଦ ଜୟରାମ ରମେଶ କହିଥିଲେ ଯେ ଏହା ଗୃହ ପାଇଁ ଅପମାନ। ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ପଡ଼ିବ। ତେବେ ୫ ମିନିଟ ଅପେକ୍ଷା କରିବା ପରେ ଅଧକ୍ଷ ୧୦ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। କେନ୍ଦ୍ର ମନ୍ତ୍ରୀ କିରନ ରିଜିଜି ଆସିବା ପରେ ଗୃହ ପୁଣି ଚାଲିଥିଲା। କେହି ସଦସ୍ୟ ଉପସ୍ଥିତ ନ ଥିବାରୁ ସେ ସମସ୍ତଙ୍କୁ କ୍ଷମା ମାଗିଥିଲେ।

## ହାତ ଟେକିଦେଲେ ସରକାର: ସାରା ବର୍ଷ ବିମାନ ଭଡ଼ା ଧାର୍ଯ୍ୟ କରିପାରିବୁନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଇଣ୍ଡିଗୋ ଏୟାରଲାଇନର ସ୍ଥିତି ସୁଧୁରିବାର ନା ଧରୁନି। ଏପରି ସମୟରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବିମାନ ଭଡ଼ା ନିୟନ୍ତ୍ରଣ କରନ୍ତୁ ବୋଲି ଦାବି ହେଉଛି। ମାତ୍ର ଏ ନେଇ ସରକାର ହାତ ଟେକି ଦେଇଛନ୍ତି। ଲୋକସଭାରେ ଏକ 'ପ୍ରାଇଭେଟ ମେମ୍ବର୍ସ ରିଜୋଲ୍ୟୁସନ' ଉପରେ ଚର୍ଚ୍ଚା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ସରକାର ବର୍ଷ ଯାକ ବିମାନ ଭଡ଼ା ଧାର୍ଯ୍ୟ କରିପାରିବେ ନାହିଁ। ପାର୍ବଣ ଋତୁରେ ଚାହିଦା ବଢ଼ିଥାଏ। ତେଣୁ ମୂଲ୍ୟ ମଧ୍ୟ ବଢ଼ି ଥାଏ। ପାର୍ବଣ ଋତୁରେ କ୍ଷମତା ବଢ଼ାଇବା ପାଇଁ ଏୟାରଲାଇନ ଗୁଡ଼ିକୁ କୁହାଯାଇଥାଏ। ଆବଶ୍ୟକ ପଡ଼ିଲେ ଭଡ଼ାରେ ମଧ୍ୟ ବିମାନ ନିଆଯାଇଥାଏ। ମହାକୁମ୍ଭ, ପୁଲୱାମା ଆକ୍ରମଣ, ଇଣ୍ଡିଗୋ ସଙ୍କଟ ସମୟରେ ନିଜ କ୍ଷମତା ପ୍ରୟୋଗ କରି ଭଡ଼ା ଧାର୍ଯ୍ୟ କରାଯାଇଥିଲା। 'ଫେୟାର ସେ ଫୁରସତ' ଯୋଜନା ଅଧିନରେ ଦେଶର ୨୫ ମାର୍ଗରେ ବିମାନ ଭଡ଼ା ଧାର୍ଯ୍ୟ କରାଯାଇଛି। ଏହି ଭଡ଼ା ବଢ଼ିବ ନାହିଁ। ସୂଚନା ଅନୁଯାୟୀ, ଏହି ପ୍ରାଇଭେଟ ବିଲ୍‌ରେ ବିମାନ ଭଡ଼ା ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। କିନ୍ତୁ ମନ୍ତ୍ରୀ ଏହାକୁ ଏଡ଼ାଇ ଦେବାରୁ ବିଲ୍ ପ୍ରତ୍ୟାହାର କରି ନିଆଯାଇଥିଲା।

## ଇଣ୍ଡିଗୋର ୪ ଫ୍ଲାଇଟ୍ ଅପରେସନ ଇନିସପେକ୍ଟର ନିଲମ୍ବିତ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସର୍ବବୃହତ ଏୟାରଲାଇନ୍ ଇଣ୍ଡିଗୋରେ ଫ୍ଲାଇଟ୍ ବାତିଲ ନେଇ ଚାଲିଥିବା ସଙ୍କଟ ମାମଲାରେ ଲଗାତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ (ଡିଜିସିଏ) ଶୁକ୍ରବାର ବିମାନ କମ୍ପାନୀର ସୁରକ୍ଷା ଓ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୪ ଜଣ ଉଡାଣ ପରିଚାଳନା ନିରୀକ୍ଷକ ତଥା ଇନିସପେକ୍ଟରଙ୍କୁ ନିଲମ୍ବିତ କରିଛି। ସେପଟେ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ପିଟର ଏଲବର୍ସ ଲଗାତର ଦ୍ୱିତୀୟ ଦିନ ପାଇଁ ଡିଜିସିଏଙ୍କ ସମ୍ମୁଖରେ ହାଜର ହୋଇଥିଲେ। ଏହାପୂର୍ବରୁ ଗୁରୁବାର ତାଙ୍କୁ ଅଧିକାରୀମାନେ ପାଖାପାଖି ୨ ଘଣ୍ଟାଧରି ପଚରା ଉଚରା କରିଥିଲେ।

ମାଡ୍ରାସ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ହାଇକୋର୍ଟରେ ଯାହା ହେଉଛି, ଠିକ୍ ହେଉନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): କରୁର ଦଳାଚକଟାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ମାଡ୍ରାସ ହାଇକୋର୍ଟଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଥିଲେ ଯେ ହାଇକୋର୍ଟ ଯାହା ହେଉଛି ଠିକ୍ ହେଉନାହିଁ। କିଛି ତ ଗଡ଼ବଡ଼ ହୋଇଛି। ହାଇକୋର୍ଟ କେମିତି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଦେଲେ? ଏହି ମାମଲା ମଦୁରାଇ ବେଞ୍ଚର ଅଧିକାରରେ ଥିଲା। ଏହା କାହିଁକି ବୁଝି ପାରିଲେନି? ଅଭିନେତା ବିଜୟଙ୍କ ଦଳ ଟିଭିକେର ଆବେଦନ କେବଳ ଏସଓପି ଧାର୍ଯ୍ୟ ପାଇଁ ଥିଲା। ଏହା ସତ୍ତ୍ୱେ ନିର୍ଦ୍ଦେଶ କାହିଁକି ଦିଆଗଲା? ସୁପ୍ରିମକୋର୍ଟଙ୍କୁ ଏହି ମାମଲା ଦେଖିବାକୁ ପଡ଼ିବ। ଏହା ପରେ ନିଷ୍ପତ୍ତି ଦିଆଯିବ। ଏହା ସହିତ ତାମିଲନାଡୁ ସରକାରଙ୍କ ସମୀକ୍ଷା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିରେ କରୁର ଦଳାଚକଟାର ଏସଆଇଟି ତଦନ୍ତ ଏବଂ ଜଣିକିଆ ତଦନ୍ତ କମିଶନ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ବଦଳାଇବାକୁ ନିବେଦନ କରାଯାଇଥିଲା। ଖଣ୍ଡପୀଠ କହିଥିଲେ ଯେ ସବୁ କିଛି ନିରପେକ୍ଷ ଏବଂ ସ୍ୱଚ୍ଛ ହେଉ ବୋଲି ସୁପ୍ରିମକୋର୍ଟ ଚାହାନ୍ତି। ସିବିଆଇ ତଦନ୍ତର ପର୍ଯ୍ୟବେକ୍ଷଣ କରୁଥିବା ସୁପରଭାଇଜର କମିଟିର ସଦସ୍ୟ ତାମିଲନାଡୁର ମୂଳ ବାସିନ୍ଦା ହେବେ ନାହିଁ। କମିଟି ନିରପେକ୍ଷ ହେବ ବୋଲି ପୂର୍ବରୁ କୁହାଯାଇଥିଲା। ତେଣୁ ନିର୍ଦ୍ଦେଶ ବଦଳାଇବାକୁ ଆମର କୌଣସି ଆଭିମୁଖ୍ୟ ନାହିଁ। ସୂଚନା ଅନୁଯାୟୀ, ମାଡ୍ରାସ ହାଇକୋର୍ଟ ଏବଂ ମଦୁରାଇ ବେଞ୍ଚରେ କରୁର ମାମଲାର ଶୁଣାଣି ଚାଲିଥିଲା। ଅକ୍ଟୋବର ୩ ତାରିଖରେ ଟିଭିକେ ଆବେଦନ ଉପରେ ଏସଆଇଟି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନ ମଦୁରାଇ ବେଞ୍ଚ ପୀଡ଼ିତ ପରିବାରର ଏସଆଇଟି ଗଠନ ଆବେଦନକୁ ଖାରଜ କରିଦେଇଥିଲେ।

## ଜୁବିନ ଗର୍ଗଙ୍କ ମୃତ୍ୟୁ: ୩୫୦୦ ପୃଷ୍ଠାର ଚାର୍ଜସିଟ୍

ଗୌହାଟୀ, ୧୨।୧୨(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗୌହାଟୀର ମୁଖ୍ୟ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ଶୁକ୍ରବାର ୩୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛନ୍ତି। ଏହି ଚାର୍ଜସିଟ୍ ଓ ତାହା ସହିତ ଜଡିତ ପ୍ରମାଣକୁ ୪ଟି ଟ୍ରକ୍‌ରେ କୋର୍ଟକୁ ଆଣାଯାଇଥିଲା। ୯ ସଦସ୍ୟ ବିଶିଷ୍ଟ ଏସ୍‌ଆଇଟି ୬ଟି ଗାଡ଼ି ସହ କୋର୍ଟରେ ପହଞ୍ଚିଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ଜଣ ଲୋକଙ୍କୁ ଗିରଫ କରାଯାଇଛି। ଜୁବିନ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ରହସ୍ୟମୟ ଭାବେ ମୃତ୍ୟୁବରଣ କରିଥିଲେ। ସେ ଏନଇଆଇଏଫ୍‌ର ଚତୁର୍ଥ ସଂସ୍କରଣରେ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ।

## ରାହୁଲଙ୍କ ବୈଠକକୁ ପୁଣି ଗଲେନି ଶଶି ଥରୁର

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସାଂସଦ ଶଶି ଥରୁର ପୁଣିଥରେ ଶୁକ୍ରବାର ସାଂସଦମାନଙ୍କ ସହ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନାହାନ୍ତି। ରାହୁଲଙ୍କ ଅଧ୍ୟକ୍ଷତାରେ ସଂସଦର ଆନେକ୍ସ ଏକ୍ସଟେନସନ ବିଲ୍ଡିଂରେ ଆୟୋଜିତ ଏହି ବୈଠକରେ କଂଗ୍ରେସର ୨୨ଜଣ ସାଂସଦ ଯୋଗ ଦେଇଥିଲେ। ଏଥିରେ ସଂସଦରେ ଦଳର ପ୍ରଦର୍ଶନ ନେଇ ସମୀକ୍ଷା କରାଯାଇଥିଲା। ତେବେ ବୈଠକରେ ଅନୁପସ୍ଥିତ ରହିବା ନେଇ ଥରୁର ପୂର୍ବରୁ ଅବଗତ କରାଇଥିଲେ। ଗୋଟିଏ ଦିନ ପୂର୍ବରୁ ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ, ସେ ଜଣେ ପୁରୁଣା ବନ୍ଧୁଙ୍କ ବିବାହରେ ଯୋଗ ଦେବାକୁ କୋଲକାତା ଯାଇଛନ୍ତି। ଏଥିସହ ଥରୁର ଲଗାତର କଂଗ୍ରେସର ତୃତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ବିଭିନ୍ନ କାରଣ ପାଇଁ ନିଜକୁ ଦୂରେଇ ରଖିଛନ୍ତି। ଏହାପୂର୍ବରୁ ନଭେମ୍ବର ୧୮ ଓ ୩୦ରେ ଅନୁଷ୍ଠିତ କଂଗ୍ରେସର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନଥିଲେ।

# ବିଶ୍ୱର ୫ ଶକ୍ତିଶାଳୀ ଦେଶଙ୍କ ଗୋଷ୍ଠୀ ପ୍ରସ୍ତୁତିରେ ଟ୍ରମ୍ପ

■ ସାମିଲ ହେବେ ଭାରତ, ରୁଷ୍, ଚୀନ୍
■ ଜି୭ର ସ୍ଥାନ ନେବ ସି୫




ୱାଶିଂଟନ, ୧୨।୧୨ (ଏଜେନ୍ସି): ଶୁଳ୍କ ପରେ ଶୁଳ୍କ ଧମକ ଦେଇ ଚାଲିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ର ପ୍ରଭାବ ହ୍ରାସ କରିବା ପାଇଁ ନୂଆ ପଦକ୍ଷେପ ନେଉଛନ୍ତି। ସେ ଭାରତ, ଚୀନ୍ ଏବଂ ରୁଷ୍‌କୁ ନେଇ ଏକ ନୂଆ ଗୋଷ୍ଠୀ 'କୋର ଫାଇଭ(ସିଏଫ)' ଗଠନ କରିବାକୁ ଚାହୁଁଛନ୍ତି। ଏହି ମଞ୍ଚ ଜି-୭ର ସ୍ଥାନ ନେବ। ଜି-୭ରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ଇଟାଲୀ ଏବଂ ଜାପାନ ଭଳି ଧନୀ ରାଷ୍ଟ୍ର ଅଛନ୍ତି। କିନ୍ତୁ ଏହି ଦେଶଗୁଡ଼ିକ ସହ ଟ୍ରମ୍ପଙ୍କ ସେତେ ଭଲ ସମ୍ପର୍କ ନ ଥିବା ଚର୍ଚ୍ଚା ହେଉଛି। ତେଣୁ ଆମେରିକା ରାଷ୍ଟ୍ରପତି ନୂଆ ମଞ୍ଚ ଗଢ଼ିବାକୁ ଚାହୁଁଛନ୍ତି। ତେବେ ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି ଘୋଷଣା କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସି-୫ ଧାରଣା ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ପ୍ରସ୍ତାବିତ ଥିଲା। କିନ୍ତୁ ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା। ଏହି ଚିଠା ପ୍ରସ୍ତାବ ପ୍ରକୃତରେ ଅଛି କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ।

ସୂଚନା ଅନୁଯାୟୀ, ଏହି କ୍ଲବ୍‌ରେ କ୍ଷମତାଶାଳୀ ଦେଶଗୁଡ଼ିକୁ ଟ୍ରମ୍ପ ରଖିବାକୁ ଚାହୁଁଛନ୍ତି। ଗଣତନ୍ତ୍ର ହେଉ କି କମ୍ୟୁନିଷ୍ଟ ରାଷ୍ଟ୍ର ଏଥିରେ କୌଣସି ପ୍ରଭେଦ ଦେଖାଯିବ ନାହିଁ। ଜି-୭ ସର୍ତ୍ତ ପୂରଣ ନ କରୁଥିଲେ ବି ରାଷ୍ଟ୍ରଙ୍କୁ ସି-୫ରେ ସାମିଲ କରାଯିବ। ଆମେରିକା, ଚୀନ୍, ରୁଷ୍, ଭାରତ ଏବଂ ଜାପାନକୁ ନେଇ ଏହା ଗଠନ କରାଯିବ। ଏହି ସବୁ ଦେଶର ଜନସଂଖ୍ୟା ୧୦ କୋଟିରୁ ଅଧିକ। ସି-୫ ନିୟମିତ ବୈଠକ କରି ସ୍ୱତନ୍ତ୍ର ପ୍ରସଙ୍ଗ ଉପରେ ସମ୍ମିଳନୀ କରାଯିବ। ମଧ୍ୟପ୍ରାଚ୍ୟାରେ ଶାନ୍ତି ଏହାର ପ୍ରଥମ ଏଜେଣ୍ଡା ହେବ। ସୁରକ୍ଷା ବିଶେଷ କରି ଇସ୍ରାଏଲ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଏହାର ପ୍ରଥମ ଉଦ୍ଦେଶ୍ୟ ହେବ। ପ୍ରଥମେ ଏହି ଯୋଜନା ଅସମ୍ଭବ ଲାଗୁଥିଲା। କିନ୍ତୁ ଏହା ଟ୍ରମ୍ପଙ୍କ ଚିନ୍ତାଧାରା ସହ ମେଳ ଖାଉଛି ବୋଲି ବିଶେଷଜ୍ଞ କହୁଛନ୍ତି। ପ୍ରତିଦ୍ୱନ୍ଦ୍ୱିଙ୍କ ସହ ଟ୍ରମ୍ପ ସିଧାସଳଖ ଡିଲ୍ କରିବାକୁ ପ୍ରୟାସ କରିଥାନ୍ତି। ବିଜିଙ୍ଗକୁ ଏନଭିଡିଆର ଏଚ୨୦୦ ଏଆଇ ଚିପ୍ ବିକ୍ରି ଅନୁମତି କିମ୍ବା ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ଦୂତ ଷ୍ଟିଭ ୱିଟକଫ ଏବଂ ଜେରେଡ କୁଶନରଙ୍କୁ ମସ୍କୋ ପଠାଇବା ଏହାର ଉଦାହରଣ।

ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି ଯେ ସି-୫କୁ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଜି-୭ କିମ୍ବା ମିଳିତ ଜାତିସଂଘ (ୟୁଏନ) ବିଶ୍ୱର ହିସାବରେ ଉପଯୋଗୀ ହେଉ ନ ଥିବାରୁ କ୍ଷମତାର ସମୀକରଣ ବଦଳି ଗଲାଣି। ତେଣୁ ଏହା ଜରୁରୀ। ଏହି ମଞ୍ଚରେ ନିଜ କଥା ରଖିବାକୁ ଅଧିକ ସୁଯୋଗ ମିଳିବ।

## ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କ ପରଲୋକ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଶିବରାଜ ପାଟିଲ ଶୁକ୍ରବାର ୯୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ମହାରାଷ୍ଟ୍ର ଲାଟୁରର ଦେବଘର ସ୍ଥିତ ବାସଭବନରେ ସେ ସକାଳ ୬.୩୦ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କିଛି ମାସ ହେଲା ସେ ଅସୁସ୍ଥ ଥିଲେ। ଘରେ ତାଙ୍କର ଚିକିତ୍ସା କରାଯାଉଥିଲା। ତାଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ। ମୃତ୍ୟୁବେଳକୁ ତାଙ୍କ ପାଖରେ ପୁଅ ଶୈଳେଶ, ବହୁ ଅର୍ଚ୍ଚନା ଓ ଦୁଇ ନାତୁଣୀ ଉପସ୍ଥିତ ଥିଲେ। ଲାଟୁର ଲୋକସଭା ଆସନରୁ ପାଟିଲ ୭ଥର ନିର୍ବାଚିତ ହୋଇଥିଲେ। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସମାଜ କଲ୍ୟାଣରେ ଯୋଗ ଦେବାକୁ ଶିବରାଜ ସବୁବେଳେ ପ୍ରସ୍ତୁତ ରହୁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ତାଙ୍କ ପରଲୋକରେ କଂଗ୍ରେସ ନେତୃମଣ୍ଡଳୀରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ସେ ୧୯୮୦ ଦଶକରେ ଇନ୍ଦିରା ଓ ରାଜୀବଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସଫଳତାର ଦାୟିତ୍ୱ ନିର୍ବାହ କରିଥିଲେ। ସେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଥିଲେ।

### ଗିଲ୍‌ଙ୍କ ଫର୍ମ ଓ ଚୟନକୁ ନେଇ ବର୍ଷିଲେ ବଦ୍ରିନାଥ

# 'ସାମସନ୍ ବେଞ୍ଚରେ ବସିବା ଦୁର୍ଭାଗ୍ୟପୂର୍ଣ୍ଣ'





**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ୧୦୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦମ୍‌ଦାର ଭାବେ ଟି-୨୦ ସିରିଜର ଆରମ୍ଭ କରିଥିବା ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ପରାଜୟବରଣ କରିଛି। ଗୁରୁବାର ନ୍ୟୁ ଚଣ୍ଡିଗଡ଼ରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୧ ରନରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳକୁ ହରାଇଥିଲା। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ ଏବେ ୧-୧ରେ ସମାନସ୍ତରରେ ରହିଛି।

ବାରବାଟୀରେ ମାତ୍ର ୪ ରନ କରିଥିବା ଗିଲ୍ ଦ୍ୱିତୀୟ ଟି-୨୦ରେ ଖାତା ଖୋଲିପାରି ନ ଥିଲେ। ଫଳରେ ଟି-୨୦ ଦଳରେ ଗିଲ୍‌ଙ୍କ ସ୍ଥାନକୁ ନେଇ ପ୍ରଶ୍ନବାଚୀ ଉଠିଛି। ଚଳିତ ବର୍ଷ ଗିଲ୍‌ଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଧାରା ଜାରି ରହିଛି। ୨୦୨୫ରେ ଏହି ଛୋଟିଆ ଫର୍ମାଟ୍‌ରେ ଗିଲ ୧୪ଟି ଇନିଂସରୁ ୨୬୩ ରନ ସଂଗ୍ରହ କରିଛନ୍ତି। ଏହି ୧୪ଟି ଇନିଂସରେ ଗିଲ୍ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଫଳରେ ଏବେ ସେ ସମାଲୋଚନାର ଶିକାର ହୋଇଛନ୍ତି। ଏପରିକି ଗିଲ୍‌ଙ୍କୁ ବାଦ୍ ଦିଆଯାଇ ବେଞ୍ଚରେ ବସିଥିବା ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ କ୍ରିକେଟ୍‌ପ୍ରେମୀ ଦାବି କରିଛନ୍ତି। ଟି-୨୦ ଫର୍ମାଟରେ ଉପ-ଅଧିନାୟକ ଥିବା ଗିଲ୍ ନିକଟରେ ସୁସ୍ଥ ହୋଇ ଫେରିବା ପରେ ଚୂଡ଼ାନ୍ତ ଏକାଦଶରେ ସଞ୍ଜୁଙ୍କ ସ୍ଥାନକୁ ନେଇ କୌଣସି ସ୍ୱଷ୍ଟତା ନାହିଁ। କଟକରେ ପ୍ରଥମ ଟି-୨୦ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ ସଞ୍ଜୁ ଯେକୌଣସି ପୋଜିସନରେ ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି। ତାଙ୍କୁ ଆମେ ମଧ୍ୟକ୍ରମରେ ସୁଯୋଗ ଦେବୁ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ସଞ୍ଜୁଙ୍କ ପାଇଁ ଏକାଦଶରେ କୌଣସି ସ୍ଥାନ ନାହିଁ। ଏଭଳି ସମୟରେ ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ସୁବ୍ରମଣିୟମ ବଦ୍ରିନାଥ ଦଳ ଚୟନକୁ ନେଇ ଟିମ୍ ମ୍ୟାନେଜମେଣ୍ଟକୁ ବେଶ୍ ସମାଲୋଚନା କରିଛନ୍ତି।

ଏକ ସାକ୍ଷାତ୍‌କାରେ ୪୫ ବର୍ଷୀୟ ବଦ୍ରିନାଥ କହିଛନ୍ତି, 'ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ସଞ୍ଜୁ ୩ଟି ଶତକ ମାରିସାରିଛନ୍ତି। ଆମେ ଟି-୨୦ ଫର୍ମାଟ୍ ବିଷୟରେ କଥା ହେଉଛୁ। ତାଙ୍କ ନାମରେ ୩ଟି ଶତକ ଲିପିବଦ୍ଧ ରହିଛି। ଜଣେ ଖେଳାଳିଙ୍କ ନିକଟରୁ ଆପଣ ଆଉ କ'ଣ ଅଧିକ ଚାହିଁପାରିବେ। ଏତେ ଭଲ ପ୍ରଦର୍ଶନକାରୀଙ୍କୁ ବେଞ୍ଚରେ ବସାଇବା ଦୁର୍ଭାଗ୍ୟଜନକ। ମୋତେ ଲାଗୁଛି ଯିଏ ଅଧିନାୟକ କିମ୍ବା ଉପ-ଅଧିନାୟକ ହୋଇଥିବ ସେହି ଖେଳାଳି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବ। ଏଭଳି ପ୍ରଦର୍ଶନ ପରେ ତାଙ୍କୁ (ଗିଲ୍)ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଯଦି କୌଣସି ବ୍ୟାକଅପ୍ ଖେଳାଳି ନ ଥାନ୍ତେ ତେବେ ଏହା ଯଥାର୍ଥ ହୋଇଥାନ୍ତା। କିନ୍ତୁ ଟି-୨୦ରେ ପ୍ରତିଭାର କୌଣସି ଅଭାବ ନାହିଁ। ଅପରପକ୍ଷରେ ପୂର୍ବତନ ବ୍ୟାଟର୍ କ୍ରିଷ୍ଣାଚାରୀ ଶ୍ରୀକାନ୍ତ ଦ୍ୱିତୀୟ ଟି-୨୦ରେ ଅକ୍ଷର ପଟେଲଙ୍କୁ ୩ୟ ପୋଜିସନରେ ବ୍ୟାଟିଂ ପଠାଇବାକୁ ନେଇ ପ୍ରଶ୍ନ କରିଛନ୍ତି। 'ପରିସ୍ଥିତି ସହ ଖାପ ଖୁଆଇପାରି ନ ଥିବା ମଧ୍ୟକ୍ରମ ବ୍ୟାଟରଙ୍କୁ କାହିଁକି ନଂ-୩ରେ ବ୍ୟାଟିଂ ପାଇଁ ପଠାଗଲା' ବୋଲି ଶ୍ରୀକାନ୍ତ ଟିମ୍ ମ୍ୟାନେଜମେଣ୍ଟକୁ ଘେରିଛନ୍ତି।

# ଅବସର ନିଷ୍ପତ୍ତି ପ୍ରତ୍ୟାହାର କଲେ ଭିନେଶ

**ଚଣ୍ଡିଗଡ଼, ୧୨।୧୨ (ଏଜେନ୍ସି):** ଏକ ବଡ଼ ନିଷ୍ପତ୍ତିକ୍ରମେ ତାରକା ଭାରତୀୟ ରେସଲର୍ ଭିନେଶ ଫୋଗତ ପୁଣିଥରେ କୁସ୍ତିକୁ ଫେରିବା ଲାଗି ଘୋଷଣା କରିଛନ୍ତି। ପାଖାପାଖି ଦେଢ଼ବର୍ଷ ତଳେ କୁସ୍ତିକୁ ଅଲ୍‌ବିଦା କରିଥିବା ୩୧ ବର୍ଷୀୟା ଭିନେଶ ଏବେ ତାଙ୍କ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବା ଏବେ ତାଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଭିନେଶ କହିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଭିନେଶ କହିଛନ୍ତି, 'ଲୋକେ ମୋତେ ପଚାରୁଛନ୍ତି କ'ଣ ପ୍ୟାରିସ ଆପଣଙ୍କ ଅନ୍ତିମ ପ୍ରତିଯୋଗିତା ଥିଲା। ଲମ୍ବା ସମୟ ପର୍ଯ୍ୟନ୍ତ ମୋ ପାଖରେ ଏହାର ଉତ୍ତର ନ ଥିଲା। ଚାପ ଯୋଗୁ, ଆଶା ଯୋଗୁ ଏପରିକି ମୋର ମହତ୍ୱକାଂକ୍ଷା ଯୋଗୁ ମୋତେ ମ୍ୟାଟ୍‌ରୁ ହଟିବା ଲାଗି ବାଧ କରିଥିଲା। ବର୍ଷରୁ ଅଧିକ ସମୟ ପରେ ମୁଁ ଶାନ୍ତିରେ ନିଶ୍ୱାସ ନେଇଛି। କୁସ୍ତିକୁ ନେଇ ମୋର ଉତ୍ସାହ କେବେ ଶେଷ ହୋଇନାହିଁ। କେବେ ହାର୍‌ମାନି ନ ଥିବା ଭାବନା ସହିତ ୨୦୨୮ ଅଲିମ୍ପିକ୍ସକୁ ମୁଁ ପାଦ ବଢ଼ାଉଛି। ମୋ ପୁଅ ଓ ଟିମ୍ ଏଥର ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମୋତେ ଚିୟର କରିବେ' ବୋଲି ଭିନେଶ ଏହି ପୋଷ୍ଟରେ କହିଛନ୍ତି।

ଲକ୍ଷ୍ୟ ୨୦୨୮ ଅଲିମ୍ପିକ୍ସ



ଉଲ୍ଲେଖଯୋଗ୍ୟ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭିନେଶଙ୍କୁ ସ୍ୱର୍ଣ୍ଣପଦକ ଲଢ଼େଇ ପୂର୍ବରୁ ଅଯୋଗ୍ୟ ଘୋଷିତ କରିଦିଆଯାଇଥିଲା। ଧାର୍ଯ୍ୟ ଓଜନବର୍ଗଠାରୁ ଭିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା। ଏହାପରେ ଭିନେଶ ବିଶ୍ୱ କ୍ରୀଡ଼ାର ଅଦାଲତ କାସ୍‌ରେ ଲଢ଼େଇ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।

### ୧୯ ବର୍ଷରୁ କମ୍ ଏସିଆ କପ୍

# ସୂର୍ଯ୍ୟବଂଶୀଙ୍କ ୧୭୧; ଭାରତ ୨୩୪ ରନରେ ବିଜୟୀ



**ଦୁବାଇ, ୧୨।୧୨ (ଏଜେନ୍ସି):** ୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଛି। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ୧୭୧ ରନର ବିସ୍ଫୋରକ ଶତକୀୟ ଇନିଂସ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୬ ୱିକେଟ୍ ହରାଇ ୪୩୩ ରନ ସଂଗ୍ରହ କରିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୯୫ଟି ବଲରେ ୧୭୧ ରନର ପାଳି ଖେଳିଥିଲେ। ଯେଉଁଥିରେ ସେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ଏଥିପୂର୍ବରୁ ଚଳିତ ବର୍ଷ ସେ ଇଂଲଣ୍ଡ ବିପକ୍ଷରେ ୧୪୩ ରନର ପାଳି ଖେଳିଥିଲେ। ଅପରପକ୍ଷରେ ଏହି ବୟସବର୍ଗରେ ଏହା ୩ୟ ସର୍ବୋଚ୍ଚ ଦଳଗତ ସ୍କୋର ହେବାର ମଧ୍ୟ ରେକର୍ଡ ହୋଇଛି। ୨୦୦୨ରେ କେନିଆ ବିପକ୍ଷରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ୪୮୦ ରନ କରିଥିଲା। ସେହିଭଳି ୨୦୧୮ରେ ସମାନ କେନିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୪୩୬ ରନ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜବାବରେ ୪୩୪ ରନକୁ ପିଛା କରିଥିବା ୟୁଏଇ ୭ ୱିକେଟରେ ୧୯୯ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ସହ ଭାରତ ଗ୍ରୁପ୍-ଏ'ରେ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।

### ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିଫାଇନାଲରେ ଉନ୍ନତି ହୁଡା



**କଟକ, ୧୨।୧୨ (ସମିସ):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା "ଓଡିଶା ମାଷ୍ଟର୍ସ-୨୦୨୫'ରେ ଶୁକ୍ରବାର ସମସ୍ତ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ମୁକାବିଲାରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ଟପସିଡ ଖେଳାଳି ଥରୁନ ମାନେପଲ୍ଲୀଙ୍କୁ ୨୧-୯,୨୨-୨୦ ଗେମରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଇଣ୍ଡୋନେସିଆ ଖେଳାଳି ବିସ୍ମ ରକ୍ଷୟା ଅକଟୋରା ନିଜ ଦେଶର ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩,୧୮-୨୧,୨୧-୯ ଗେମରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ରାଉଣ୍ଡରେ ପହଞ୍ଚିଥିବା ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚାମ୍ପିଅନ ସତୀଶ କୁମାରଙ୍କୁ ୨୧-୧୧,୨୧-୧୭ ଗେମରେ ହରାଇଥିବାବେଳେ ଭାରତୀୟ ଖେଳାଳି ରୋନକ ଚୌହ୍ୱାନ ୨୧-୧୯,୨୨-୨୦ରେ ଶଙ୍କର ସୁବ୍ରମଣ୍ୟମଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା କ୍ୱାର୍ଟର ଫାଇନାଲରେ ଟପସିଡ ଉନ୍ନତି ହୁଡା ୨୧-୧୬,୨୧-୧୫ ଗେମ୍‌ରେ ପଞ୍ଚମସିଡ ଅନୁପମା ଉପାଧ୍ୟାୟଙ୍କୁ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ସେହିପରି ଅଣସିଡେଡ୍ ଖେଳାଳି ତାନ୍ୟା ହେମନ୍ତ ତୃତୀୟ ସିଡ ତନଭି ଶର୍ମାଙ୍କୁ ୨୧-୧୬ ୨୧-୧୪ ପଏଣ୍ଟରେ ହରାଇଛନ୍ତି। ଭାରତର ତସନିମ ମୀର ଏବଂ ଇସାରାଣୀ ବରୁଆ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। ମିକ୍ସଡ଼ ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରିୟାନ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ମଧ୍ୟ ସେମିରେ ସ୍ଥାନ ପକ୍‌କା କରିଛନ୍ତି।

### • କୁଚ୍‌ବିହାର ଟ୍ରଫି

# ଓଡ଼ିଶାର ଇନିଂସ୍ ପରାଜୟ

**କଟକ,୧୨।୧୨(ସମିସ):** କୁଚବିହାର ଟ୍ରଫିରେ କ୍ରମାଗତ ୪ଟି ଲିଗ୍ ମ୍ୟାଚ୍‌ରେ ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୪ଟି ମ୍ୟାଚ୍‌ରୁ ୪ଟି ହାରି ଦଳ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ୧୬ ତାରିଖରୁ ହିମାଚଳପ୍ରଦେଶ ବିପକ୍ଷରେ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ବଲାଙ୍ଗୀର ଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଏବଂ ୫୩ରନରେ ପରାସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୧୭୦ରନରେ ସୀମିତ ରହିବା ପରେ କର୍ଣ୍ଣାଟକ ୮ ୱିକେଟ ବିନିମୟରେ ୪୬୯ରନ କରି ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ପାଳିରେ ୨୪୬ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି।

### • ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

# ଓଡ଼ିଶା ୧୩୯ ରନ୍‌ରେ ଅଲ୍‌ଆଉଟ୍

**କଟକ,୧୨।୧୨(ସମିସ):** ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ଓଡ଼ିଶା ଛତିଶଗଡକୁ ଭେଟିଛି। ମଧ୍ୟପ୍ରଦେଶର ମୋରେନା ଗ୍ରାଉଣ୍ଡରେ ଆଜି ଠାରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୩୯ରନରେ ଅଲଆଉଟ ହୋଇଛି। ଓପନର ଆଶୁତୋଷ ନାୟକ ସର୍ବାଧିକ ୩୮ରନ କରିଥିଲେ। ଛତିଶଗଡ ପକ୍ଷରୁ ଅର୍ଣ୍ଣବୀର ସିଂହ ଭାଟିଆ ୪ଟି ୱିକେଟ ଦଖଲ କରିଥିଲେ। ଶୁକ୍ରବାର ମ୍ୟାଚ୍‌ର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଛତିଶଗଡ ୪ ୱିକେଟ ହରାଇ ୮୧ରନ ସଂଗ୍ରହ କରିଛି। ଅଧିନାୟକ ଅଂଶୁମାନ ଠାକୁର ୩୦ରନରେ ଆଉଟ ହୋଇଥିବା ବେଳେ ଚନ୍ଦ୍ରଂଶ ଯାଦବ ଏବଂ ଉଜଳ ମାର୍କରମ ଯଥାକ୍ରମେ ୮ରନ ଏବଂ ୨ରନରେ ଅପରାଜିତ ରହିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟୀ




**ୱେଲିଂଟନ, ୧୨।୧୨ (ଏଜେନ୍ସି):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଯାଇଛି। ଦ୍ରୁତ ବୋଲର ଜାକବ ଡଫିଙ୍କ ୫ ୱିକେଟ୍ ସଫଳତା ବଳରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟ ଲାଭ କରିଛି। ଏଥିସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ପୂର୍ବରୁ ହେଗଲୀ ଓଭାଲରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଡ୍ର' ରହିଥିଲା। ଏବେ ନିର୍ଣ୍ଣାୟକ ୩ୟ ଟେଷ୍ଟ ବେ ଓଭାଲରେ ଡିସେମ୍ବର ୧୮ରୁ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୨୭୮ ରନ କରି ପାଳି ଘୋଷଣା କରିଥିଲା। ଫଳରେ ୭୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଶୁକ୍ରବାର ସକାଳେ ୧୨୮ ରନରେ ସୀମିତ ରହିଥିଲା। ଡଫିଙ୍କୁ ୫ ୱିକେଟ୍ ମିଳିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ କେଭନ ହଜ୍ (୩୫ ରନ), ଜଷ୍ଟିନ ଗ୍ରେଭ୍‌ସ (୨୫), ବ୍ରାଣ୍ଡନ କିଙ୍ଗ୍ (୨୨) ଓ ଜନ୍ କ୍ୟାମ୍ପବେଲ୍ (୧୪ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଏହାପରେ ୫୬ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲଥାମ (୯ ରନ)ଙ୍କ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେଭନ କନୱେ ୨୮ ଓ କେନ୍ ୱିଲିୟମସନ ୧୬ ରନ କରି ଅପରାଜିତ ରହିଥିଲେ।

### ନୀତୀଶଙ୍କ ହ୍ୟାଟ୍ରିକ ସତ୍ତ୍ୱେ ହାରିଲା ଆନ୍ଧ୍ର

**ପୁନେ, ୧୨।୧୨ (ଏଜେନ୍ସି):** ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟ୍ରଫି ସୁପର୍ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚରେ ମଧ୍ୟପ୍ରଦେଶ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୧୯.୧ ଓଭରରେ ୧୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନୀତୀଶ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ ମଧ୍ୟ ମଧ୍ୟପ୍ରଦେଶ ୧୭.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମଧ୍ୟପ୍ରଦେଶ ଇନିଂସର ୩ୟ ଓଭର ବୋଲିଂ କରିଥିବା ନୀତୀଶ ଶେଷ ୩ଟି ବଲ୍‌ରେ ଯଥାକ୍ରମେ ହର୍ଷ ଗୱାଲି (୫ ରନ), ହରପ୍ରୀତ୍ ସିଂହ ଭାଟିଆ (୦) ଓ ଅଧିନାୟକ ରଜତ ପଟିଦାର (୦)ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ୱିକେଟ୍ ପୂରଣ କରିଥିଲେ।

# ସେମିଫାଇନାଲ୍‌ରେ ସନ୍‌ରାଇଜ, ୟୁନିଟ୍-୬

**ଭୁବନେଶ୍ୱର, ୧୨।୧୨ (ସମିସ):** କ୍ଲବ-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ୟୁନିଟ୍-୬ ଆଥଲେଟିକ ଆସୋସିଏସନ (ଭୁବନେଶ୍ୱର) ଓ ସନରାଇଜ କ୍ଲବ (କଟକ) ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-




### ସତ୍ୟବ୍ରତ ସ୍ମାରକୀ ଫୁଟବଲ୍

୬ ଦଳ ୩-୨ ଗୋଲରେ କଟକର ମଙ୍ଗଳା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୋମନାଥ ମହାନ୍ତି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସନରାଇଜ କ୍ଲବ ୩-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଜେପି ଫାବିଲ ୨ଟି ଗୋଲ୍ ଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ କ୍ଲବ-୭୩ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଦେବଭକ୍ତ ବେଜ ଓ କୋଷାଧ୍ୟକ୍ଷ ରାଜେଶ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଗତକାଲି ଅନୁଷ୍ଠିତ ଦୁଇଟିଯାକ କ୍ୱାର୍ଟରରେ କଟକର ଫାଓ ଏକାଦଶ ଓ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ ବିଜୟୀ ହୋଇଥିଲେ।

# ନାଲକୋ ଓପନ୍ ଟେନିସ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨।୧୨ (ସମିସ):** ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏଥର ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୋଟ୍ ୯ଟି ବର୍ଗରେ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ୧୪ବର୍ଷରୁ କମ୍ ବାଳକ ଓ ବାଳିକା, ୧୮ ବର୍ଷରୁ କମ୍ ବାଳକ, ମହିଳା ଓପନ୍ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଉଦ୍ଧ୍ୱର୍ ଭେଟେରାନ ବର୍ଗର ଡବଲ୍ସ ଇଭେଣ୍ଟ ରହିଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪.୩୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସମସ୍ତ ବୟସବର୍ଗର ଚାମ୍ପିଅନ, ରନର୍ସଅପ୍, ସେମିଫାଇନାଲିଷ୍ଟ ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ଯଥାକ୍ରମେ ୧୮ ହଜାର, ୧୨ ହଜାର, ୧୦ ହଜାର ଓ ୮ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନାଲକୋର ନିର୍ଦ୍ଦେଶକ (ଏଚ୍‌ଆର୍) ଟିକେ ପଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ନାଲକୋର ଆଶୁତୋଷ ରଥ, ଅବସରପ୍ରାପ୍ତ ଆଇଏଏସ୍ ତଥା ବିଡିଟିଏ ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ଦେବୀଦତ୍ତ ବିଶ୍ୱାଳ ଓ ପି ଅର୍ଥାନାରି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ସର୍ବଭାରତୀୟ ଗଣ୍ଡରପୁର କପ: ଏଥର ୩.୭ ଲକ୍ଷ ପୁରସ୍କାର ରାଶି



**ନନ୍ଦନକାନନ/ବାରଙ୍ଗ, ୧୨/୧୨(ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ଟୁର୍ଣ୍ଣାମେଣ୍ଟ ୮ଦିନ ଧରି ଖେଳାଯିବ। ଚଳିତଥର ୪୦ଟି ଦଳ ଭାଗ ନେଉଛନ୍ତି। ସହରାଞ୍ଚଳ ବିଭାଗରେ ୮, ଗ୍ରାମାଞ୍ଚଳ-ଏ ରେ ୧୬ ଓ ଗ୍ରାମାଞ୍ଚଳ-ବି'ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଚଳିତଥର ଚାମ୍ପିଅନ ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କ ପାଇଁ ବହୁ ଆକର୍ଷଣୀୟ ପୁରସ୍କାର ଓ ଅର୍ଥରାଶି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦିନ ମାଗଣାରେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜରିଆରେ ଦର୍ଶକ ଟିଭି, ଫ୍ରିଜ୍ ଓ ୱାସିଙ୍ଗ୍ ମେସିନ୍ ଭଳି ଆକର୍ଷଣୀୟ ପୁରସ୍କାର ଜିତିପାରିବେ। ପ୍ରତ୍ୟେକ ଦିନ ପୂର୍ବାହ୍ଣ ୧୧ଟାରୁ ଖେଳ ଆରମ୍ଭ ହେବ। ପ୍ରତି ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଆକାରରେ ବାଇକ ପ୍ରଦାନ କରାଯିବ। ସହରାଞ୍ଚଳ ଫାଇନାଲ ଚାମ୍ପିଅନ ଦଳକୁ ୭୫ ହଜାର, ରନର୍ସଅପ୍‌କୁ ୫୦ହଜାର ଟଙ୍କା, ସେହିପରି ଗ୍ରାମାଞ୍ଚଳ-ଏ ଫାଇନାଲ ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୭୫ହଜାର ଟଙ୍କା ଏବଂ ଗ୍ରାମାଞ୍ଚଳ-ବି ଚାମ୍ପିଅନ ଦଳକୁ ୪୦ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୩୦ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଆୟୋଜକ ଗଣ୍ଡରପୁର ୟୁନାଇଟେଡ଼୍ ୟୁଥ ସ୍ପୋର୍ଟିଂ କ୍ଲବ ତରଫରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ସହରାଞ୍ଚଳ ବିଭାଗରେ କଟକର ସନରାଇଜ କ୍ଲବ, ଭୁବନେଶ୍ୱର ଜଗା ୟୁନାଇଟେଡ଼, ଓଡ଼ିଶା ପୁଲିସ, ଫୁଲବାଣୀ ସୁରଜ ଏଫସି, ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ, ଢେଙ୍କାନାଳ ମଙ୍ଗଳା କ୍ଲବ, ଓ ରାଜ୍ୟ ବାହାରୁ କଲିକତା କୋଲାଘାଟ, ବିହାର ସିୱାନ ଏଫସି ଭାଗନେବେ। ଆଜି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଭାସ୍କର ପଢ଼ିଆରୀ, ଜିତେନ୍ଦ୍ର ସେନାପତି, ସୁକାନ୍ତ ରାଉତ, ବିଶ୍ୱନାଥ ବେହେରା, ସଞ୍ଜୟ ସାସମଲ,ବିଷ୍ଣୁ ପଢ଼ିଆରୀ, ଚିତ୍ତରଞ୍ଜନ ସୁବୁଦ୍ଧି, ରଙ୍କନିଧି ରାଉତ, ଲକ୍ଷ୍ମଣ ରାଉତ କ୍ଲବ ସଭାପତି, ମାନସ ପଢ଼ିଆରୀ କ୍ଲବ ସମ୍ପାଦକ, ଜ୍ଞାନରଞ୍ଜନ ରାଉତ, କାଶୀନାଥ ରାଉତ, ନବକୁମାର ରାଉତ, ଜାପାନୀ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଘାଟନୀ ଦିବସରେ ଗ୍ରାମାଞ୍ଚଳ-ବି'ରେ ବାରଙ୍ଗ-ନଟ ଯେଟ, ୧୧ଘଟିକାରେ ତଣ୍ଡିକଣା-ଗାଡକଣ, ଗ୍ରାମାଞ୍ଚଳ-ଏ'ରେ ଘାଟିକିଆ-ସିଭିରମଣ ବିଶ୍ୱବିଦ୍ୟାଳୟ, ଜୟୀପୁର-ଉଷୁମା ଏବଂ ସହରାଞ୍ଚଳର ଭୁବନେଶ୍ୱର ଜଗା ୟୁନିଅଟେଡ଼ ବନାମ କୋଲାଘାଟ କୋଲକାତା ମଧ୍ୟରେ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS